R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୩
ତିଥି : ଷଷ୍ଠୀ
୧୦ ମାର୍ଚ୍ଚ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 153
10 March 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଟି -୨୦ ବିଶ୍ୱକପ୍

# ଭାରତ ବିଶ୍ୱ ବିଜୟୀ

■ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



ଅହମ୍ମଦାବାଦ, ୯।୩(ଏଜେନ୍ସି) : ୧୪୦ କୋଟି ଭାରତୀୟଙ୍କ ହୃଦୟ ଜିତିଛନ୍ତି ସୂର୍ଯ୍ୟସେନା। ଟି -୨୦ ବିଶ୍ୱକପ୍ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନ ବ୍ୟବଧାନରେ ଧରାସାୟୀ କରି ଟିମ୍ ଇଣ୍ଡିଆ ଟ୍ରଫି ଟେକି ଧରିଛି। ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତ ତୃତୀୟ ଥର ପାଇଁ ଟି -୨୦ ବିଶ୍ୱକପ୍ ଜିତିବାକୁ ସକ୍ଷମ ହୋଇଛି। ପୂର୍ବରୁ ୨୦୦୭ ପ୍ରଥମ ସଂସ୍କରଣରେ ଭାରତ ବାଜି ମାରିଥିଲା। ପୁଣି ୨୦୨୪ରେ ଏହି ସଫଳତା ଦୋହରାଇଥିଲା ଭାରତ। ସେତେବେଳେ ଦଳର ଅଧିନାୟକ ଥିଲେ ରୋହିତ ଶର୍ମା। ଏହାର ଦୁଇ ବର୍ଷ ପରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୨୦୨୬ ସଂସ୍କରଣର ବିଜେତା ହୋଇଛି। ଫଳରେ ଧୋନୀ -ରୋହିତଙ୍କ ଟ୍ରଫି କ୍ଲବରେ ନିଜକୁ ସାମିଲ କରିଛନ୍ତି ସୂର୍ଯ୍ୟକୁମାର ଯାଦବ। ଅହମ୍ମଦାବାଦର ନରେନ୍ଦ୍ରମୋଦୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଫାଇନାଲ ମ୍ୟାଚର ମାହୋଲ ସରଗରମ ଥିଲା। ଆଶା, ଅପେକ୍ଷା, ଉତ୍କଣ୍ଠା, ଭୟ , ଆଶଙ୍କା ସବୁର ଅନ୍ତ ଘଟିଛି। ମ୍ୟାଚ ପୂର୍ବରୁ ଭାରତ ବିଜୟ ନେଇ ପୂଜାର୍ଚ୍ଚନା ସହ ମାନସିକ କରିଥିଲେ କ୍ରିକେଟ ପ୍ରେମୀ। ତେଣୁ ଟ୍ରଫି ଜିତି ଟିମ୍ ଇଣ୍ଡିଆ ସମସ୍ତଙ୍କ ହୃଦୟ ଜିତିଛି। ଏହି ମ୍ୟାଚରେ ଭାରତ ୨୦ ଓଭରରେ ୫ ୱିକେଟ ହରାଇ ୨୫୫ ରନର ବିଶାଳ ସ୍କୋର କରିଥିଲା। ଜବାବ୍‌ରେ ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୫୯ ରନ କରି ଅଲଆଉଟ୍ ହୋଇଥିଲା। ସୁପର ଫର୍ମରେ ଥିବା ସଞ୍ଜୁ ସାମସନ୍ ଫାଇନାଲ ମ୍ୟାଚରେ ସୁପର ଇନିଂସ ଖେଳିଥିଲେ। ସେ ୪୬ ବଲରୁ ୮୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଅଭିଶେକ ଶର୍ମା ୫୨ ଓ ଇଶାନ କିସାନ ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଶେଷ ଭାଗରେ ଶିବମ୍ ଦୁବେଙ୍କ ୮ ବଲରୁ ୨୬ ରନ ଦଳୀୟ ( ୯ ପୃଷ୍ଠାରେ)

# ଇରାନର ତୈଳ ଡିପୋ ଧ୍ୱଂସ

## ଧୂଆଁମୟ ତେହେରାନ, ତେଲ ଯୋଗାଣ ବନ୍ଦ



■ ଟ୍ରମ୍ପଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ: ଇରାନ
■ ଲେବାଲନରେ ମୃତ୍ୟୁସଂଖ୍ୟା ୩୯୪ରେ ପହଞ୍ଚିଲା

ତେହେରାନ, ୯।୩: ଇରାନକୁ ସବୁଠାରୁ ବଡ଼ ଝଟକା ଦେଇଛନ୍ତି ଆମେରିକା ଓ ଇସ୍ରାଏଲ। ଆଜି ଇରାନର ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ୫ଟି ତୈଳ ଡିପୋ ଉପରେ ଉଭୟ ଦେଶ କରିଛନ୍ତି ଏୟାର ଷ୍ଟ୍ରାଇକ। ଏଥିରେ ତୈଳ ଡିପୋ ଗୁଡ଼ିକ ଧ୍ୱଂସ ହୋଇ ଯାଇଥିବା ବେଳେ ପୂରା ତେହରାନ ଧୂଆଁମୟ ହୋଇ ଯାଇଛି।ଡିପୋ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଯୋଗାଣ ନେଟୱର୍କ ପ୍ରଭାବିତ ହୋଇଛି। ଏଥିଯୋଗୁ ତେହରାନ ଓ ଆଖପାଖ ଅଞ୍ଚଳରେ ଆଜି ସକାଳ ପରଠାରୁ ତୈଳ ଯୋଗାଣକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଏନେଇ ତେହରାନର ଗଭର୍ଣ୍ଣର ମହମ୍ମଦ ସାଦେଘ ମୋତାମେଦିଆନ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ଏବେ ସମସ୍ୟାକୁ ଠିକ କରିବା ପାଇଁ ଚେଷ୍ଟା କରାଯାଉଛି। ଖୁବଶୀଘ୍ର ସ୍ଥିତି ସ୍ୱାଭାବିକ ହେବ। ଆମେରିକା-ଇସ୍ରାଏଲ ପକ୍ଷରୁ ୫ଟି ତୈଳ ଡିପୋ ଉପରେ ଏୟାର ଷ୍ଟ୍ରାଇକ କରାଯାଇଥିଲା। ଏଥିରେ କିଛି ଆବାସିକ ବିଲଡିଂ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ୪ ଜଣ ସାଧାରଣ ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଥିବା ସେ କହିଛନ୍ତି। ଜାତୀୟ ଇରାନୀୟ ତୈଳ ଦ୍ରବ୍ୟ ବିତରଣ କମ୍ପାନୀର ସିଇଓ କହିଛନ୍ତି ଯେ ରବିବାର ( ୯ ପୃଷ୍ଠାରେ)

## ରାଷ୍ଟ୍ରପତିଙ୍କୁ ଅପମାନ

# ଟିଏମସି ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୯।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ନେଇ ତୃଣମୂଳ କଂଗ୍ରେସ (ଟିଏମସି) ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମାନ ସହିତ ଆଘାତ ହୋଇଛି, ଏବଂ ଏହା କେବଳ ରାଷ୍ଟ୍ରପତିଙ୍କ ପାଇଁ ନୁହେଁ ବରଂ ଦେଶର ସମ୍ବିଧାନର ମଧ୍ୟ ଅପମାନ। ଏହା ଗଣତନ୍ତ୍ରର ମହାନ ପରମ୍ପରାକୁ ମଧ୍ୟ ଅପମାନିତ କରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାନ୍ତାଳ ସମ୍ପ୍ରଦାୟର ଏକ ପ୍ରମୁଖ ସାଂସ୍କୃତିକ ଉତ୍ସବରେ ଯୋଗଦେବା ପାଇଁ ପଶ୍ଚିମବଙ୍ଗ ଗସ୍ତ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବା ପରିବର୍ତ୍ତେ, ଟିଏମସି ଏହାକୁ ବର୍ଜନ କରିଥିଲା। ରାଷ୍ଟ୍ରପତି ନିଜେ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି। ସର୍ବଦା ସେମାନଙ୍କ ବିକାଶ ସ କଲ୍ୟାଣ ପାଇଁ ଚିନ୍ତିତ ଅଛନ୍ତି। ଏହା ସତ୍ତ୍ୱେ, ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ପ୍ରତି ଗମ୍ଭୀରତା ଦେଖାଇ ନଥିଲେ।ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମରେ ଅବ୍ୟବସ୍ଥା କରିଥିଲେ । ଗଣତନ୍ତ୍ରର ମହାନ ପରମ୍ପରାରେ, ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସର୍ବୋଚ୍ଚ ସମ୍ମାନର ପ୍ରତୀକ। ତେଣୁ, ଯେକୌଣସି ରାଜନୈତିକ ମତଭେଦରୁ ଊର୍ଦ୍ଧ୍ୱକୁ ଉଠି ଏହି କାର୍ଯ୍ୟାଳୟର ମର୍ଯ୍ୟାଦା ବଜାୟ ରଖିବା ସମସ୍ତଙ୍କର ଦାୟିତ୍ୱ। ଟିଏମ୍ସି ସରକାର କ୍ଷମତାର ଅହଂକାରରେ ବୁଡ଼ି ରହିଛନ୍ତି।

# ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ

▲ ୧ କୋଟିରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ୫,୧୦୬ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର
▲ ପୁରୀ ଜିଲ୍ଲାର ୪.୨୦ ଲକ୍ଷରୁ ଅଧିକ ମା ଅନ୍ତର୍ଭୁକ୍ତ
▲ ରାଷ୍ଟ୍ରପତିଙ୍କୁ ଅସମ୍ମାନର ଦୃଢ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ
▲ ଆଇଆଇଏମ ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ସୁଭଦ୍ରା ସମୀକ୍ଷା ରିପୋର୍ଟ ଉନ୍ମୋଚନ




ପୁରୀ/ଭୁବନେଶ୍ୱର, ୯।୩, (ସବ୍ୟୁ) : ମାତ୍ର ଦେଢ଼ ବର୍ଷ ଭିତରେ ଆମ ମା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୁତ ପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି | ଆଗାମୀ ଦିନରେ ଅଧିକରୁ ଅଧିକ ମା ଏହି ପରିବର୍ତ୍ତନ ଯାତ୍ରାରେ ସାମିଲ ହେବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀମୋହନ ଚରଣ ମାଝି ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନ ତଥା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କହିଛନ୍ତି | ଏହି ଅବସରରେ ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଜି ଚତୁର୍ଥ ପର୍ଯ୍ୟାୟରେ ୧,୧୨,୧୨,୬୬୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି | ସମୁଦାୟ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି | ଏଥିରେ ପୁରୀ ଜିଲ୍ଲାର ୪,୨୦,୮୫୪ଜଣ ହିତାଧିକାରୀ ଅଛନ୍ତି | ଉପସ୍ଥିତ ସୁଭଦ୍ରା ଭଉଣୀ ମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ କରିବାରେ ଆମର ସୁଭଦ୍ରା ଯୋଜନା ସଫଳ ହୋଇଛି ଓ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ଦେଇଛି | ସୁଭଦ୍ରା ଯୋଜନା ଆଜି ରାଜ୍ୟର ମହିଳା ମାନଙ୍କ ପାଇଁ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ( ୯ ପୃଷ୍ଠାରେ)

## ବୋଲେରୋ ଧକ୍କାରେ ୪ ମୃତ

ବରଗଡ଼, ୯।୩(ସବ୍ୟୁ): ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ମେହେନା ଛକରେ ମର୍ମନ୍ତୁଦ ବୋଲେରୋ ଦୂର୍ଘଟଣାରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଛି । ତଥ୍ୟ ନେବାରେ ଜଣାପଡ଼ିଛି ଯେ ବୋଲେରୋ ଦୁଇଟି ବାଇକ୍ କୁ ଧକ୍କା ଦେବା ଫଳରେ ବାଇକ୍ ରେ ଥିବା ୪ ଜଣଙ୍କ ମୃତ୍ୟୁ ହୋଇଛି । ପୋଲିସ ବୋଲେରୋ ଜବତ କରିବା ସହ ତଦନ୍ତ ଚଲାଇଛି । ମୃତକ ମାନଙ୍କର ପରିଚୟ ମିଳିପାରିନାହିଁ । ମୃତକମାନଙ୍କୁ ସ୍ଥାନୀୟ ଏକ ଡାକ୍ତରଖାନାରେ ରଖାଯାଇଛି। ସେମାନଙ୍କୁ ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନେପାଳରେ ସରକାର ଗଢ଼ିବ ଆରଏସପି

କାଠମାଣ୍ଡୁ, ୯।୩: ନେପାଳରେ ପାରମ୍ପରିକ ଶକ୍ତିଗୁଡ଼ିକୁ ପଛରେ ପକାଇ ଏକ ନୂତନ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ସରକାର ଗଢ଼ିବାକୁ ଯାଉଛି। ଏହାର ନେତୃତ୍ୱ ନେବେ କାଠମାଣ୍ଡୁର ପୂର୍ବତନ ମେୟର ବାଲେନ୍ଦ୍ର ଶାହ (ବାଲେନ ଶାହ)। ଏଥିସହ ନେପାଳ ରାଜନୀତିରେ ଏକ ନୂତନ ଯୁଗର ଅଭ୍ୟୁଦୟ ହୋଇଛି ବୋଲି କୁହାଯାଉଛି। ରବିବାର ସୁଦ୍ଧା, ନେପାଳର ୧୬୫ଟି ସିଧାସଳଖ ନିର୍ବାଚିତ ଆସନ ମଧ୍ୟରୁ ୧୧୯ଟି ଆସନରେ ଦଳ ଜିତିସାରିଛି ଏବଂ ଆଉ ୬ଟି ଆସନରେ ଆଗୁଆ ଅଛି। ଏହା ଏକ ବିରଳ ଦୁଇତୃତୀୟାଂଶ ସୁପର ମେଜରିଟି ହାସଲ କରିବାକୁ ଯାଉଛି। ପୂର୍ବରୁ ୧୯୫୯ ମସିହାରେ ଏହା ହୋଇଥିଲା, ଯେତେବେଳେ ଦେଶର ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନରେ ନେପାଳୀ କଂଗ୍ରେସ ୧୦୯ଟି ଆସନରୁ ୭୪ଟି ଆସନ ଜିତିଥିଲା। ରବିବାର ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ପାଇଁ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଅଧୀନରେ ୧୧୦ ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ଆର୍‌ଏସ୍‌ପି ଏପର୍ଯ୍ୟନ୍ତ ଗଣତି ହୋଇଥିବା ୬୧,୩୯ ୯ ବ୍ୟାଲଟ୍ ମଧ୍ୟରୁ ୩୫,୦୯୧ (୫୭.୨%) ଭୋଟ୍ ପାଇଛି। ଅର୍ଥାତ୍ ଏଥିରେ ମଧ୍ୟ ବାଲେନଙ୍କ ଦଳ ଅଗ୍ରଣୀ ରହିଛି।

## ଦୁର୍ଘଟଣାରୁ ବର୍ତ୍ତିଲେ ଉତ୍ତରାଖଣ୍ଡ ରାଜ୍ୟପାଳ

ନୂଆଦିଲ୍ଲୀ, ୯।୩: ଉତ୍ତରାଖଣ୍ଡ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମୀତ ସିଂହଙ୍କ ହେଲିକପ୍ଟର ଶ୍ରୀନଗର ନିକଟରେ ଜରୁରୀକାଳୀନ ଅବତରଣ କରିଛି। ଗୁରମୀତ ସିଂହ ସୁରକ୍ଷିତ ଅଛନ୍ତି। ଅବତରଣର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ପାଗ ଖରାପ ଥିବା କଥା କୁହାଯାଇଛି। ଗୁରମିତ୍ ସିଂହ ଗେନସ୍ତାନରେ ବିଧାନସଭା ଅଧିବେଶନରେ ଯୋଗଦେବା ପାଇଁ ହେଲିକପ୍ଟର ଯୋଗେ ଯାତ୍ରା କରୁଥିଲେ, ଯାନ୍ତ୍ରିକ ସମସ୍ୟା କିମ୍ବା ପାଗ ଯୋଗୁଁ ଶ୍ରୀନଗର ନିକଟରେ ତାଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଥିଲା। ସୂଚନା ପାଇବା ପରେ, ପ୍ରଶାସନ ଓ ପୋଲିସ ତୁରନ୍ତ ରାଜ୍ୟପାଳଙ୍କୁ ହେଲିପ୍ୟାଡରୁ ସିଧାସଳଖ ପୋଲିସ ଗେଷ୍ଟହାଉସକୁ ନେଇଯାଇଥିଲେ।

# ଆଜିଠାରୁ ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

## ବାଚସ୍ପତିଙ୍କୁ ହଟାଇବାକୁ ପ୍ରସ୍ତାବ ଆଣିବେ ବିରୋଧୀ

ନୂଆଦିଲ୍ଲୀ, ୯।୩: ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ଚରଣ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି। ବିରୋଧୀ ଦଳ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ହଟେଇବାକୁ ନେଇ ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳମାନେ ଇରାନ ଯୁଦ୍ଧ, ଏପ୍ଷ୍ଟିନ୍ ଫାଇଲ, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଉପରେ ମୋଦୀ ସରକାରଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବେ। ବଜେଟ୍ ଅଧିବେଶନର ଦ୍ୱିତୀୟ ଚରଣ ଏପ୍ରିଲ ୨ ତାରିଖରେ ଶେଷ ହେବ। ଆଗକୁ ତାମିଲନାଡୁ, କେରଳ, ପୁଡୁଚେରୀ, ଆସାମ ଓ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ବିରୋଧୀଙ୍କ ମୁକାବିଲା ପାଇଁ ସଂସଦୀୟ ମଞ୍ଚର ବ୍ୟବହାର କରିବ। ତେବେ ବିଜେପି ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକ୍ରମରେ ଅବ୍ୟବସ୍ଥାକୁ ନେଇ ଆକ୍ରାମକ ହୋଇଛି। ତୃଣମୂଳ କଂଗ୍ରେସକୁ ତୀବ୍ର ସମାଲୋଚନା କରିଥିବାବେଳେ ପଶ୍ଚିମବଙ୍ଗ ସରକାର ମଧ୍ୟ ଏହାର ଜବାବ ଦେଇଛନ୍ତି। କେନ୍ଦ୍ର ସରକାର କଂଗ୍ରେସ ବିଶେଷକରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବାକୁ ଯୋଜନାରେ ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଈଶାନ କିଶନଙ୍କ ଅର୍ଦ୍ଧଶତକ; ଆମେରିକୀୟ ଦୂତାବାସ ନିକଟରେ ଶକ୍ତିଶାଳୀ ବିସ୍ଫୋରଣଅନ୍ୟପକ୍ଷରେ ବିରୋଧୀ ଦଳ ପଶ୍ଚିମ ଏସିଆ ସ୍ଥିତି, ଇରାନ ଉପରେ ( ୯ ପୃଷ୍ଠାରେ)

## ୩ ଛାତ୍ରଙ୍କ ମୃତ୍ୟୁ ଘଟଣା

### ନବୋଦୟ ବିଦ୍ୟାଳୟର ୩ କର୍ମଚାରୀ ନିଲମ୍ବିତ

କୋରାପୁଟ, ୯।୩, (ସବ୍ୟୁ) : କୋରାପୁଟ ଜିଲ୍ଲାର କୋଲାବ ଜଳଭଣ୍ଡାରରେ ଗତକାଲି ୩ ଜଣ ଛାତ୍ର ବୁଡ଼ିଯାଇ ମୃତ୍ୟୁ ହେବା ଘଟଣାରେ ନବୋଦୟ ବିଦ୍ୟାଳୟ କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ମାମଲାରେ କର୍ତ୍ତୃପକ୍ଷ ନବୋଦୟ ବିଦ୍ୟାଳୟର ୩ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଛି। ସେମାନେ ହେଲେ ପଦାର୍ଥ ବିଜ୍ଞାନ ଶିକ୍ଷକ ଚମନ୍ କୁମାର, କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ରାହୁଲ ସିଂ ଓ ହଷ୍ଟେଲ ଦାୟିତ୍ୱରେ ଥିବା କର୍ମଚାରୀର ଈଶ୍ୱର। ନବୋଦୟ ବିଦ୍ୟାଳୟର ଭୋପାଳସ୍ଥିତ ଆଞ୍ଚଳିକ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଦ୍ୟାଳୟର ଅଧକ୍ଷା ସୂଚନା ଦେଇଛନ୍ତି।

## ଜୀବନ୍ତ ହେଉଛି ନ୍ୟାୟ ସଂହିତା ପ୍ରଦର୍ଶନୀ

# ମନ କିଣୁଛି ୭ ଦେଶର ଅତ୍ୟାଧୁନିକ ଅସ୍ତ୍ର, ଡ୍ରୋନ



▲ ପଥପ୍ରାନ୍ତ ନାଟକ: ଘଟଣାସ୍ଥଳରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ

ଭୁବନେଶ୍ୱର, ୯।୩, (ସବ୍ୟୁ) : ଇଡକୋ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ପୋଲିସ ପକ୍ଷରୁ ଆୟୋଜିତ ନ୍ୟାୟସଂହିତା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ୭ ଦେଶର ଅତ୍ୟାଧୁନିକ ଅସ୍ତ୍ର ଓ ଡ୍ରୋନ ଆଗନ୍ତୁକଙ୍କ ମନ କିଣୁଛି। ଏହା ସହ ଘଟଣାସ୍ଥଳରୁ ଉଚ୍ଚନ୍ୟାୟାଳୟ ପର୍ଯ୍ୟନ୍ତ ପ୍ରକ୍ରିୟାକୁ ନେଇ ଆୟୋଜିତ ହୋଇଥିବା ପ୍ରଥପ୍ରାନ୍ତ ନାଟକ ଚିତ୍ତାକର୍ଷକ ଭାବେ ଉପସ୍ଥାପନ କରୁଛନ୍ତି ନାଟକର ଭାଗ ନେଇଥିବା କର୍ମଚାରୀ। ପ୍ରତିଦିନ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଗହଳି ପ୍ରଦର୍ଶନୀ ପଡ଼ିଆରେ ଲାଗି ରହିଛି। ବିଶେଷକରି ଏସଓଜି, ଓଡ଼ିଆରଏଏଫ ଓ ଉପକୂଳ ସୁରକ୍ଷା ବିଭାଗର ଷ୍ଟଲ ଦର୍ଶକମାନଙ୍କୁ ବେଶ ଆକର୍ଷିତ କରୁଛି। ଏସଓଜି ଷ୍ଟଲରେ ମାଓଦମନ ଅଭିଯାନରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ ହେଉଥିବା ବେଳେ ସହିଦ ହୋଇଥିବା ବୀର ଯବାନମାନଙ୍କ ଫଟୋଚିତ୍ର ମଧ୍ୟ ସ୍ଥାନ ପାଇଛି। ଅଶୋକ ଚକ୍ର ଓ ସୌର୍ଯ୍ୟଚକ୍ରରେ ସମ୍ମାନୀତ ସହିଦ ଯବାନମାନଙ୍କ ଫଟୋଚିତ୍ର ଦେଖି ସେମାନଙ୍କ ମାଓଦମନ ଅଭିଯାନ ସମ୍ପର୍କରେ ଜାଣିବାକୁ ଦର୍ଶକମାନଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉଛି। ଜର୍ମାନୀ, ବୁଲଗେରିଆ, ଇସ୍ରାଏଲ, ସ୍ୱିଜରଲାଣ୍ଡ, ୟୁଏସଏ, ଅଷ୍ଟ୍ରୀୟା ଓ ଭାରତ ନିର୍ମିତ ଅତ୍ୟାଧୁନିକ ବନ୍ଧୁକ ପ୍ରଦର୍ଶିତ ହୋଇଛି। ଏହି ସମସ୍ତ ବନ୍ଧୁକ ( ୯ ପୃଷ୍ଠାରେ)

■ ନାବାଳକ ଅପହରଣ ଓ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ଅଭିଯୁକ୍ତ କାକାକୁ ବାନ୍ଧିଲା ପୋଲିସ

ରାୟଗଡା, ୯।୩, (ସବ୍ୟୁ): ରାୟଗଡ଼ା ଚାଟିକଣା ନାବାଳକ ଅପହରଣ ଓ ହତ୍ୟାକାଣ୍ଡ ଘଟଣାର ଚାଞ୍ଚଲ୍ୟକର ତଥ୍ୟ ଏବେ ସାମ୍ନାକୁ ଆସିଛି । କାକା ହିଁ ପୁତୁରାକୁ ଗଳାକାଟି ହତ୍ୟା କରିଥିବା ବିଷମକଟକ ଥାନାରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏସପି ସ୍ୱାତୀ ଏସ୍ କୁମାର କହିଛନ୍ତି । ଅଭିଯୁକ୍ତ ଚନ୍ଦନ ଓରଫ୍ ବିପିନ ଗନ୍ତାୟତ ଅନଲାଇନ୍ ଗେମ୍ ନିଶାରେ ପଡ଼ି ନିଜ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହେରଫେର କରିଥିଲା । ଏହାକୁ ନେଇ ଗତ ୬ ତାରିଖ (ଶୁକ୍ରବାର) ଦିନୟୁଜିବି ବ୍ୟାଙ୍କ ନିକଟରେ ପରିବାର ଲୋକଙ୍କ ସହ ତାର ପ୍ରବଳ ପାଟିତୁଣ୍ଡ ହୋଇଥିଲା । ଏହି ଅପମାନ ସହି ନପାରି ସେ ନିଜ ବଡ଼ ଭାଇର ପୁଅକୁ ମାରିବାକୁ ଯୋଜନା କରିଥିଲା । ଶୁକ୍ରବାର ସନ୍ଧ୍ୟାରେ ଚନ୍ଦନ ନାବାଳକ ରଷିକୁ ମିକଚର୍ ଏବଂ କ୍ରିକେଟ୍ ବ୍ୟାଟ୍ ଦେବାର ଲୋଭ ଦେଖାଇ ଏକ ନିର୍ମାଣାଧୀନ ଘରକୁ ଡାକି ନେଇଥିଲା । ସେଠାରେ ପୂର୍ବରୁ କିଣି ରଖିଥିବା ଏକ ଧାରୁଆ ଛୁରିରେ ସେ ଶିଶୁଟିର ଗଳାକାଟି ହତ୍ୟା କରିଥିଲା । ହତ୍ୟା ପରେ ଶବକୁ ଏକ ଚାଉଳ ବସ୍ତାରେ ଭର୍ତ୍ତି କରି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିଲା ଏବଂ ପରିବାର ଲୋକଙ୍କୁ ଭ୍ରମିତ କରିବା ପାଇଁ ହ୍ୱାଟ୍ସଆପ୍‌ରେ ଅପହରଣର ମିଥ୍ୟା ଧମକପୂର୍ଣ୍ଣ ମେସେଜ୍ ପଠାଇଥିଲା । ମୃତଦେହ ମିଳିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ( ୯ ପୃଷ୍ଠାରେ)




## ବାୟୋଟିନ

ବାୟୋଟିନ୍ ହେଉଛି ଏକ ଜଳରେ ଦ୍ରବୀଭୂତ ହେଉଥିବା ଭିଟାମିନ୍, ଯାହାକୁ ଭିଟାମିନ୍ ବି ୭ ବୋଲି ମଧ୍ୟ କୁହାଯାଏ । ଏହା ଶରୀରରେ କାର୍ବୋହାଇଡ୍ରେଟ୍, ଫ୍ୟାଟ୍ ତଥା ପ୍ରୋଟିନ୍‌ର ମେଟାବୋଲିଜିମ୍ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବାୟୋଟିନ୍ ନିଜେ ଶକ୍ତି ପ୍ରଦାନ କରେ ନାହିଁ, ବରଂ ଏକ 'କୋ-ଏଞ୍ଜାଇମ୍' ଭାବରେ କାର୍ଯ୍ୟ କରି ସେହି ଏଞ୍ଜାଇମ୍‌ଗୁଡ଼ିକୁ ସକ୍ରିୟ କରିଥାଏ ଯାହା ଖାଦ୍ୟକୁ ଗ୍ଲୁକୋଜ୍ ଏବଂ ଆମିନୋ ଏସିଡ୍ ଭଳି ଉପାଦାନରେ ବଦଳାଇଥାଆନ୍ତି । ଶରୀରର ପ୍ରତ୍ୟେକ କାର୍ଯ୍ୟ ପାଇଁ ଶକ୍ତି ଆବଶ୍ୟକ ହେଉଥିବାରୁ ଏହା ଅତ୍ୟନ୍ତ ଜରୁରୀ ଏବଂ ଏହାର ଅଭାବ ହେଲେ ମେଟାବଲିଜିମ୍ ମନ୍ଥର ହେବା ସହ ଚୁଟି ଝଡ଼ିବା, ଚର୍ମ ସମସ୍ୟା, ନଖ ଦୁର୍ବଳ ହେବା, ସ୍ନାୟୁ ପ୍ରଣାଳୀ ପ୍ରଭାବିତ ହେବା ଏବଂ ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଇବା ଭଳି ସମସ୍ୟା ଦେଖାଦେଇଥାଏ । ସାଧାରଣତଃ ଅସନ୍ତୁଳିତ ଖାଦ୍ୟ ଗ୍ରହଣ, ଅନ୍ତନଳୀ ସମ୍ବନ୍ଧୀୟ ରୋଗ ଯୋଗୁଁ ବାୟୋଟିନ୍ ଶୋଷଣ ହୋଇନପାରିବା, ଦୀର୍ଘ ସମୟ ପର୍ଯ୍ୟନ୍ତ ଆଣ୍ଟିବାୟୋଟିକ୍ ସେବନ ଯୋଗୁଁ ଉପକାରୀ ଗଟ୍ ବ୍ୟାକ୍ଟେରିଆ କମିଯାଇଥାଏ । ଏହି କାରଣରୁ ଶରୀରରେ ବାୟୋଟିନର ଅଭାବ ଦେଖିବାକୁ ମିଳିଥାଏ । ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାନ୍ତୁ ଏବଂ ଖାଦ୍ୟପେୟରେ ପରିବର୍ତ୍ତନ ଆଣନ୍ତୁ ।

## ସୋସିଆଲ କୋଟ୍ସ



ମୋ ଜେଜେ ମାଆ କେବଳ ଜଣେ ଭଲ ଅଭିନେତ୍ରୀ ନୁହେଁ ବରଂ ଜଣେ ଭଲ ମଣିଷ ମଧ୍ୟ । ଆଜି ମଧ୍ୟ ସେ ମୋ ମାଆଙ୍କ ସହିତ ଖୁବ ଭଲ ବଣ୍ଡିଂ ସେୟାର କରନ୍ତି ।

ସାରା ଅଲ୍ଲୀ ଖାନ୍, ଅଭିନେତ୍ରୀ



ମୋତେ ଏବେ ବି ପାଟଣା ପସନ୍ଦ, ହେଲେ ନିଜର ବୃତ୍ତି କାରଣରୁ ମୋତେ ମୁମ୍ବାଇରେ ରହିବାକୁ ପଡିଥାଏ । ମୋତେ ମୁମ୍ବାଇ କେବେ ବି ପସନ୍ଦ ନଥିଲା, ଆଜି ବି ପସନ୍ଦ ନୁହେଁ ।

ଶେଖର ସୁମନ, ଅଭିନେତା



ଶିଖରଙ୍କ ସହିତ ମୋର ସମ୍ପର୍କ ବହୁତ ପୁରୁଣା । ଆମେ ଦୁଇଜଣ ୧୫ ବର୍ଷରୁ ଏକାଠି ଅଛୁ । ସେ ମୋ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ।

ଜାହ୍ନବୀ କପୁର, ଅଭିନେତ୍ରୀ

## ଚାଷ ଦେଇଛି ପରିଚୟ

ଆଜିର ମହିଳା କାହାଠାରୁ କମ ନୁହେଁ, ସବୁ କ୍ଷେତ୍ରରେ ପୁରୁଷଙ୍କ ସହ ତାଳ ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବାରେ ସେମାନେ ସମର୍ଥ । ସେହିଭଳି ଏକ କାହାଣୀ ହେଲା ଝାରଖଣ୍ଡର ବାସନ୍ତୀ ଦେବୀଙ୍କର । ଆଧୁନିକ କୃଷି ପ୍ରଣାଳୀକୁ ଆପଣେଇ ସେ କିପରି ଜଣେ ସଫଳ ଉଦ୍ୟୋଗୀ ଭାବେ ଉଭା ହୋଇଛନ୍ତି, ତାହା ପ୍ରତ୍ୟେକ ନାରୀ ପାଇଁ ଏକ ପ୍ରେରଣା । ଝାରଖଣ୍ଡର ରାମଗଡ଼ ଜିଲ୍ଲା ଶିଶାଟାଣ୍ଡ-ଗୋଲା ଗ୍ରାମର ବାସନ୍ତୀ ଦେବୀଙ୍କୁ ଚାଷ ଦେଇଛି ଏକ ନୂଆ ପରିଚୟ । ତାଙ୍କୁ ବର୍ତ୍ତମାନ ଧନିଆ ଚାଷ ଏକ ପରିଚୟ ଦେବାସହିତ ତାଙ୍କର ଘର ଖର୍ଚ୍ଚ ମଧ୍ୟ ଉଠାଇଛି । ପୂର୍ବରୁ ବର୍ଷା ଦିନେ ଧନିଆ ଚାଷ କରିବାକୁ ଚେଷ୍ଟା କରି ସେ ବାରମ୍ବାର ବିଫଳ ହେଉଥିଲେ, କିନ୍ତୁ ପରେ ଆଧୁନିକ ଜ୍ଞାନକୌଶଳ ଆପଣାଇ ସେ ଏହି ଚାଷକୁ ନୂଆ ଢଙ୍ଗରେ କରିଥିଲେ । ଯାହା ତାଙ୍କୁ ସଫଳତା ଦେଇଥିଲା । ବାସନ୍ତୀଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷରେ ହେଉଥିବା ଅନିଶ୍ଚିତତାକୁ ଏହି ଆଧୁନିକ ପ୍ରାଳୀ ଦୂର କରିଛି ଏବଂ ସେ ବର୍ଷକୁ ପ୍ରାୟ ୭୦,୦୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିତି ସୁଧାରିବାରେ ସକ୍ଷମ ହୋଇଛନ୍ତି । ନିଜ ପରିବାରକୁ ଏକ ଭଲ ଜୀବନଶୈଳୀ ଦେବା ସହିତ ପିଲାଙ୍କ ପାଠପଢାର ଭାର ମଧ୍ୟ ବାସନ୍ତୀ ଉଠାଉଛନ୍ତି । ଏହି ଆନ୍ତର୍ଜାତିକ ମହିଳା ଦିବସରେ ବାସନ୍ତୀ ଦେବୀଙ୍କ ଏହି ଯାତ୍ରା ପ୍ରମାଣ କରେ ଯେ ଯେତେବେଳେ ଜଣେ ମହିଳାଙ୍କୁ ସଠିକ୍ ସମ୍ବଳ ଓ ସୁଯୋଗ ମିଳେ, ସେ କେବଳ ନିଜ ଜୀବିକା ନୁହେଁ ବରଂ ସମଗ୍ର ସମାଜ ପାଇଁ ଏକ ନୂଆ ଦିଗ ଦେଖାଇପାରନ୍ତି । ବାସନ୍ତୀଙ୍କ କାହାଣୀ ଅନେକ ମହିଳାଙ୍କ ପାଇଁ ବର୍ତ୍ତମାନ ପ୍ରେରଣା ପାଲଟିଛି ।



## ବତକ ପେଟରେ ସୁନା



ନିକଟରେ ଚୀନର ଏକ ଘଟଣା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଠିକାର ଏକ କୃଷକ ନିଜ ବତକ କାରଣରୁ ଲକ୍ଷାଧୀକ ଟଙ୍କାର ସୁନା ପ୍ରାପ୍ତ କରିଛନ୍ତି । ସେ ନିଜର ବତକକୁ କାଟିବା ସମୟରେ ପେଟରେ ତାର ସୁନା ଥିବା ଦେଖିଥିଲେ । ଏହି ସୁନାର ମୂଲ୍ୟ ଦେଢଲକ୍ଷ ଟଙ୍କାଥିବା ଜଣା ପଡିଛି । ଏହି ସୁନାର ଓଜନ ୧୦ ଗ୍ରାମ ଥିବା ଜଣାପଡିଛି । ସାଧାରଣତଃ କୃଷକ ଜଣଙ୍କ ନିଜ ବତକଙ୍କୁ ଚେନଶୁଇ ନଦୀ କୂଳରେ ଚରିବାକୁ ଛାଡିଥାଆନ୍ତି । ତେଣୁ ବିଶ୍ୱାସ ରହିଛି କି ବତକଟି ଏଠାରେ ହିଁ ସୁନାର ଉକ୍ତ କଣିକାକୁ ଖାଇଥିବ । ସୂଚନା ଅନୁସାରେ ୧୯୭୦ରୁ ୧୯୯୦ ଭିତରେ ଏହି ନଦୀରେ ସୁନା ମିଳିବା ନେଇ ସୂଚନା ରହିଛି । ସେହିସମୟରେ ସେଠାରୁ ଲୋକମାନେ ସୁନା ଖନନ ମଧ୍ୟ କରିଥିବାର ଜଣା ପଡିଛି । ତେଣୁ ବତକଟି ନଦୀ କୂଳରୁ ହିଁ ଏହି ସୁନା ଖାଇବାନେଇ ଆକଳନ କରାଯାଉଛି ।

## ସମ୍ପର୍କରେ ମାରିଲେ ମୋହର

ତାମିଲ ସୁପରଷ୍ଟାର ଥାଲାପତି ବିଜୟ ଏବଂ ଲୋକପ୍ରିୟ ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନଙ୍କ ସମ୍ପର୍କକୁ ନେଇ ଏବେ ଦକ୍ଷିଣ ଭାରତୀୟ ସିନେ ଜଗତରେ ଜୋରଦାର ଚର୍ଚ୍ଚା ଜାରିରହିଛି । ନିକଟରେ ଚେନ୍ନାଇରେ ଅନୁଷ୍ଠିତ ଏକ ବିବାହ ରିସେପ୍ସନ୍ ପାର୍ଟିରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ଉଦ୍ୟୋଗୀ ତଥା ଚଳଚ୍ଚିତ୍ର ପ୍ରଯୋଜିକା କଳ୍ପନା ଏସ୍. ସୁରେଶ ଏବଂ ମୀନାକ୍ଷୀ ସୁରେଶଙ୍କ ପୁଅଙ୍କ ବିବାହ ଭୋଜିରେ ବିଜୟ ଓ ତ୍ରିଶାଙ୍କୁ ଏକାଠି ଯୋଗଦେବାର ଦେଖିବାକୁ ମିଳିଛି । ତେବେ ନିକଟରେ ବିଜୟଙ୍କ ପତ୍ନୀ ସଙ୍ଗୀତା କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଛନ୍ତି, ଏହାରି ଭିତରେ ତ୍ରିଶାଙ୍କ ସହ ବିଜୟଙ୍କୁ ଦେଖି ଫ୍ୟାନମାନେ ଆଲୋଚନା କରିବା ଆରମ୍ଭ କରିଛନ୍ତି । ବିଜୟଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ବିଜୟଙ୍କର ଜଣେ ସହ-ଅଭିନେତ୍ରୀଙ୍କ ସହ ଥିବା ସମ୍ପର୍କ ଯୋଗୁଁ ତାଙ୍କୁ ମାନସିକ ଓ ଭାବନାତ୍ମକ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି । ତେଣୁ ବର୍ତ୍ତମାନ ବିଜୟ ଓ ତ୍ରିଶା ନିଜ ସମ୍ପର୍କରେ ମୋହର ମାରିଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ ୧୯୯୯ ମସିହାରେ ବିବାହ କରିଥିବା ବିଜୟ ଓ ସଙ୍ଗୀତାଙ୍କ ମଧ୍ୟରେ ୨୦୨୧ ରୁ ସମସ୍ୟା ଆରମ୍ଭ ହୋଇଛି । ବର୍ତ୍ତମାନ ଏହି କଥା କୋର୍ଟରେ ପହଞ୍ଚିଛି ।



## ତେଲ କିଣିବାକୁ ଯାଉଛନ୍ତି ବିଦେଶ

ଇସ୍ରାଏଲ ଓ ଇରାନ ଯୁଦ୍ଧର ପ୍ରଭାବ ବିଶ୍ୱର ଅନେକ ଦେଶରେ ଦେଖିବାକୁ ମିଳୁଛି । ମଧ୍ୟପ୍ରାଚ୍ୟର ଏହି ଲଢେଇ କାରଣରୁ ବିଭିନ୍ନ ଦେଶରେ ତେଲ ଦର ବଢୁଥିବା ଦେଖିବାକୁ ମିଳୁଛି । ନିକଟରେ ଜର୍ମାନୀରେ ପେଟ୍ରୋଲ ଓ ଡିଜେଲ ଦର ବଢୁଥିବାର ଖବର ସାମନାକୁ ଆସିଥିଲା । ତେବେ ଏହି ଦେଶର ଲୋକମାନେ ଏହି ବର୍ଦ୍ଧିତ ପେଟ୍ରୋଲ ଦରରୁ ବଞ୍ଚିବା ପାଇଁ ଏକ ଅଭିନବ ଉପାୟ ଆପଣାଇଛନ୍ତି । ଦେଶବାସୀ ନିଜ କାରଟାଙ୍କିକୁ ଫୁଲ କରିବା ପାଇଁ ସୀମା ପାର କରୁଥିବା ଦେଖିବାକୁ ମିଳୁଛି । ଏପରିକି କିଛି ଲୋକ ଏହି ସମୟରେ ବ୍ୟାରେଲରେ ମଧ୍ୟ ତେଲ ଭରି ଆଣୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ପୋଲାଣ୍ଡରେ ଫୁଏଲର ଦାମ କମ ରହିଛି ତେଣୁ ଲୋକ ଏଠାକୁ ତେଲ କିଣିବାକୁ ଯାଉଥିବା ଦେଖିବାକୁ ମିଳୁଛି । ଏପରିକି ଲୋକମାନେ ଅଫିସରୁ ଛୁଟି ନେଇ ତେଲ ଭରିବାକୁ ପୋଲାଣ୍ଡ ଯାଉଥିବା ସାମନାକୁ ଆସିଛି ।




## ଇତିହାସ

୧୮୨୨- ଚାର୍ଲ୍ସ ଏଗ୍ ଗ୍ରାହମ୍ ପ୍ରଥମ ଥର ପାଇଁ ନକଲି ଦାନ୍ତର ପେଟେଣ୍ଟ କରାଇଲେ ।

୧୮୬୦- ଜାପାନ ପ୍ରଥମ ଥର ପାଇଁ ଆମେରିକାରେ ନିଜର ରାଷ୍ଟ୍ରଦୂତ ନିଯୁକ୍ତ କଲା ।

୧୮୬୧- ପ୍ରଥମ ଥର ପାଇଁ ୫୦,୧୦୦ ଓ ୧୦୦୦ ଡଲାରର କରେନ୍ସିକୁ ସାମିଲ କରାଗଲା ।

୧୯୧୬- ପର୍ତ୍ତୁଗାଲ୍ ବିରୋଧରେ ଜର୍ମାନୀ ଯୁଦ୍ଧ ଘୋଷଣା କଲା ।

୧୯୫୧- ଲୋକପ୍ରିୟ ତବଲାବାଦକ ଉସ୍ତାଦ ଜାକିର ହୁସେନଙ୍କ ଜନ୍ମ ।

୧୯୬୮- ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ, କବି, ଲେଖକ, ବ୍ୟଙ୍ଗକାର ଓ ପତ୍ରକାର ହରିଶଙ୍କର ଶର୍ମାଙ୍କ ପରଲୋକ ।

୧୯୯୪- ପ୍ରସିଦ୍ଧ ଭାରତୀୟ ଅଭିନେତ୍ରୀ ଦେବିକା ରାଣୀଙ୍କ ଦେହାନ୍ତ ।

୨୦୦୮- ତତ୍କାଳୀନ ଗୋଆର ରାଜ୍ୟପାଳ ଏସ୍.ସି. ଜମିର ମହାରାଷ୍ଟ୍ର ରାଜ୍ୟପାଳ ପଦବୀରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କଲେ ।



**ମେଷ** - ବନ୍ଧୁ ସହଯୋଗ, ଆର୍ଥିକ ଉନ୍ନତି, ଦୂରଯାତ୍ରା, ଆଶାରେ ବିଫଳ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପଲାଭ, ମାମଲା ସମାଧାନ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୯, ଆରାଧନା - ପ୍ରଭୁ ହନୁମାନ ।

**ବୃଷ** - ଶରୀର ଅସୁସ୍ଥ, ଯାନବାହନରେ ସତର୍କ, କଚେରୀ ମାମଲା, ବ୍ୟବସାୟିକ କଷ୍ଟ, ବନ୍ଧୁ ସହଯୋଗ, ସମ୍ମାନ ହାନି,ଗୃହେ ସମସ୍ୟା, ପିଲାଙ୍କ ଚିନ୍ତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନୀଳ, ସଂଖ୍ୟା - ୬, ଆରାଧନା - ମା ବଗଳାମୁଖୀ ।

**ମିଥୁନ**- କାର୍ଯ୍ୟେଉନ୍ନତି,ବାଣିଜ୍ୟେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବନ୍ଧୁ ସହଯୋଗ, ଯାତ୍ରାରେ ସତର୍କ, ଅର୍ଥ ସମସ୍ୟା, ପାରିବାରିକ ସୁଖ, ପୂନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଗୋଲାପୀ, ସଂଖ୍ୟା - ୭, ଆରାଧନା - ମା ଭଗବତୀ ।

**କର୍କଟ** - ବନ୍ଧୁ ଲାଭ, ଦୂରଯାତ୍ରା, ସମସ୍ୟା ଭୋଗ, ଆଶାରେ ବିଫଳ, ଶରୀର କଷ୍ଟ, ଗୃହେ ଉତ୍ସବ, ଭୂ ସମ୍ପତ୍ତି ଲାଭ, ଭାତୃ କଳହ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - କଫି, ସଂଖ୍ୟା - ୬, ଆରାଧନା - ପ୍ରଭୁ ଲୋକନାଥ ।

**ସିଂହ** - ମାନସିକ କଷ୍ଟ, ସନ୍ତାନ ଚିନ୍ତା, ବାଣିଜ୍ୟେ ଲାଭ, ଦୂରଯାତ୍ରା, ଶୁଭସମାଚାର,ଗୃହେ ସହଯୋଗ, ଅର୍ଥକଷ୍ଟ, ପୂର୍ବା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୫, ଆରାଧନା - ମା ବୃନ୍ଦାବତୀ ।

**କନ୍ୟା** - ଶରୀର କଷ୍ଟ, ଲୋକସମ୍ପର୍କ, ବନ୍ଧୁଲାଭ, ସମ୍ପତ୍ତି ବିବାଦ, ଦୂରଯାତ୍ରା, ଅର୍ଥଲାଭ, ବିବାଦ ସମାଧାନ, ଯାନ୍ତ୍ରିକ ତ୍ରୁଟି, ପିଲାଙ୍କ କଷ୍ଟ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନାରଙ୍ଗୀ, ସଂଖ୍ୟା - ୪, ଆରାଧନା - ମହାଲକ୍ଷ୍ମୀ ।

**ତୁଳା** - ଶରୀର ସୁସ୍ଥ, ମାନସିକ ଅବସାଦ, ସନ୍ତାନ ଖୁସି, ବାଣିଜ୍ୟେ ଲାଭ, ସମ୍ପର୍କରେ ଉନ୍ନତି, ଗୃହେ ସମସ୍ୟା, ମାମଲା ସମାଧାନ, ଦାମ୍ପତ୍ୟସୁଖ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୩, ଆରାଧନା - ଶଙ୍କର ଭଗବାନ ।

**ବିଛା** - କାର୍ଯ୍ୟେ ବିଳମ୍ବ, ଅର୍ଥସମସ୍ୟା, ଶରୀର ସୁସ୍ଥ, ମାନସିକ ଅବସାଦ, ସମ୍ପତ୍ତି ବିବାଦ, ଭତ୍ସେହ୍ନ, ସନ୍ତାନଖୁସି, ସମ୍ମାନିତ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ହଳଦୀ, ସଂଖ୍ୟା - ୭, ଆରାଧନା - ପ୍ରଭୁ ଜଗନ୍ନାଥ ।

**ଧନୁ** - ସମ୍ମାନ ପ୍ରାପ୍ତି, ଅର୍ଥଲାଭ, କର୍ମେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ପୁରୁଣା ବିବାଦ, ଦୂରଯାତ୍ରା, ବ୍ୟବସାୟରେ ଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି, ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ଧଳା, ସଂଖ୍ୟା - ୧୦, ଆରାଧନା - ମା ଲକ୍ଷ୍ମୀ ।

**ମକର** - ଯାତ୍ରାରେ ଅସଫଳ, ଶରୀର କଷ୍ଟ, ଅର୍ଥସମସ୍ୟା, ସମ୍ପର୍କରେ ବାଧା, ମାନସିକ ଅବସାଦ, ଦ୍ରବ୍ୟଲାଭ, ଅନୁଷ୍ଠାନର ଉନ୍ନତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ନୀଳ, ସଂଖ୍ୟା - ୨, ଆରାଧନା - ମା ମଙ୍ଗଳା ।

**କୁମ୍ଭ** - ଅର୍ଥଲାଭ, ଦେବକାର୍ଯ୍ୟେ ଆନନ୍ଦ, ସମ୍ପର୍କରେ ଉନ୍ନତି, ଅତିଥି ଲାଭ, ଦ୍ରବ୍ୟପ୍ରାପ୍ତି, ବିଦ୍ୟାରେ ସଫଳ, ଶରୀର ସୁସ୍ଥ, ନୂତନ ବ୍ୟବସାୟ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - କଳା, ସଂଖ୍ୟା - ୮, ଆରାଧନା - ଗ୍ରାମଦେବୀ ।

**ମୀନ** - ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କାର୍ଯ୍ୟେସଫଳ, ସନ୍ତାନ ଖୁସି, ଅର୍ଥପ୍ରାପ୍ତି, ବ୍ୟବସାୟରେ ଲାଭ,ଗୃହେ ଉତ୍ସବ, ଅତିଥି ଲାଭ, ସମ୍ପତ୍ତି ବିବାଦ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ରଙ୍ଗ - ହଳଦୀ, ସଂଖ୍ୟା - ୮, ଆରାଧନା - ଲକ୍ଷ୍ମୀ ନାରାୟଣ ।

ଚୈତ୍ର କୃଷ୍ଣପକ୍ଷ, ଷଷ୍ଠୀ

୯.୩.୨୦୨୬ ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮








ପୁରୀ ଠାରେ ସୁଭଦ୍ରାର ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ଅନ୍ତର୍ଜାତୀୟ ମହିଳା ଦିବସରେ ବିଏମ୍‌ସିର ଗଣଦୌଡ

## ମହିଳାଙ୍କ ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ : ବାଚସ୍ପତି

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରବିବାର ସ୍ୱଚ୍ଛତାର ବାର୍ତ୍ତା ନେଇ ଅନ୍ତର୍ଜାତୀୟ ମହିଳା ଦିବସରେ ଏକ ଗଣ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛ ସର୍ବେକ୍ଷଣ ସଂପର୍କିତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ଏକ ନିଆରା ଢଙ୍ଗରେ ପାଳନ କରିବା ପାଇଁ "ସମ୍ପୂର୍ଣ୍ଣା'ଆୟୋଜିତ ହୋଇଥିଲା ।
ମାଷ୍ଟର କ୍ୟାଣ୍ଟିନ ଛକରୁ ଆରମ୍ଭ ହୋଇଥିବା ଏହି ମହିଳା ଗଣଦୌଡ ବିଏମସି ମୁଖ୍ୟାଳୟଠାରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗ ଦେଇ କହିଥିଲେ, ମହିଳାମାନଙ୍କର ଶକ୍ତି ସୁରକ୍ଷା ବଳୟରେ ପରିଣତ ହେଉ । ସମସ୍ତେ ସୁରକ୍ଷିତ ରହି ବିକାଶର ମଙ୍ଗ ଧରନ୍ତୁ ବୋଲି ବାଚସ୍ପତି ଶ୍ରୀମତୀ ପାଢୀ କହିଥିଲେ । ଏହି ଅବସରରେ ମେୟର ସୁଲୋଚନା ଦାସ କହିଥିଲେ, ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବାରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେହିମାନଙ୍କ କଠୋର ପରିଶ୍ରମ ପାଇଁ ଭୁବନେଶ୍ୱର ଆଜି ସମଗ୍ର ଦେଶରେ ନବମ ସ୍ଥାନରେ ରହିଛି । ସେହିମାନଙ୍କ ପାଇଁ ଆମେ ଆଜି ସୁସ୍ଥ ଓ ସ୍ୱଚ୍ଛ ରହିପାରିଛେ । ପରମ୍ପରା ଓ ସଂସ୍କୃତି ଠାରୁ ଆରମ୍ଭ କରି ଆଧୁନିକତାର ଶୀର୍ଷ ପର୍ଯ୍ୟନ୍ତ ସ୍ୱଚ୍ଛତାର ମଙ୍ଗ ଧରିଛନ୍ତି ମହିଳା । ଚଳିତ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରସକୁ ଏକ ନମ୍ବର ସହର ଭାବେ ପ୍ରତିଷ୍ଠିତ କରିବା ପାଇଁ ମହିଳାମାନେ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ମେୟର ଶ୍ରୀମତୀ ଦାସ ଅନୁରୋଧ କରିଛନ୍ତି ।
ଏହି ଗଣ ଦୌଡରେ ୬୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀ, ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନର ସଦସ୍ୟା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ସାମିଲ ହୋଇଥିଲେ ।



## ପୁତୁରା ମାଡରେ ଆଖି ହରାଇଲେ ଦାଦା

ବାରଙ୍ଗ,(ସବ୍ୟୁ): ଖାଇବାକୁ ମନାକରିବାରୁ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ପୁତୁରାର ମାଡରେ ଦାଦା ଆହତ ହୋଇଥିବା ସହ ଆଖି ହରାଇଛନ୍ତି ।ଏନେଇ ଦାଦା ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ କୃଷ୍ଣଚନ୍ଦ୍ରପୁର ଗ୍ରାମର ବିଜୟ ସାମଲ(୪୦) ଙ୍କର ବଡ଼ବାପା ବଂଶଧର ସାମଲଙ୍କର ଗତ ବୁଧବାର ଦିନ ଏକାଦଶ ଥିଲା । ସେହି ଦିନ ବିଜୟ ଅସୁସ୍ଥ ହୋଇପଡ଼ିବାରୁ ଭୋଜି ଖାଇବା ପାଇଁ ବାରଣ କରିଥିଲେ । ଏହି ସମୟରେ ବିଜୟଙ୍କର ବଡ଼ବାପା ପୁଅ ଅକ୍ଷୟ ବାରମ୍ବାର ଡାକିଥିଲେ ମଧ୍ୟ ବିଜୟ ଖାଇବା ପାଇଁ ମନା କରିଥିଲେ ।ଏଥିରେ ଉକ୍ଷିପ୍ତ ହୋଇ ଅକ୍ଷୟଙ୍କ ପୁଅ ବିଗନ ସାମଲ(୨୨) ବିଜୟଙ୍କୁ ଆକ୍ରମଣ କରିବା ସହ ଡାହାଣ ପଟ ଆଖିକୁ ଆଘାତ କରିଥିଲେ । ପରେ ପରିବାର ଲୋକ ବିଜୟଙ୍କୁ ଚିକିତ୍ସା ପାଇ ଡ଼ାକ୍ତରଖାନାକୁ ନେଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ବିଜୟଙ୍କର ଡାହାଣ ଆଖିଟି ନଷ୍ଟ ହୋଇଯାଇଥିବାର ଡ଼ାକ୍ତର କହିବା ପରେ ରବିବାର ଆସି ବିଜୟ ଏକ ଲିଖିତ ଅଭିଯୋଗ ବାରଙ୍ଗ ଥାନାରେ କରିଛନ୍ତି ।ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି ।

## ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ସମାରୋହ

ଖୋର୍ଦ୍ଧା, (ସବ୍ୟୁ): ରବିବାର ପୂର୍ବାହ୍ନରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସଭାପତିତ୍ୱରେ ଜିଲ୍ଲା ସଦର ମହକୁମାସ୍ଥିତ ଜୟୀ ରାଜଗୁରୁ ଟାଉନ ହଲ ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ, ଆନୁକୂଲ୍ୟରେ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପରିଚାଳନାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରି କହିଲେ ଯେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ମାନଙ୍କ ଆର୍ଥିକ ଶକ୍ତି ବୃଦ୍ଧିରେ ସଫଳତା ଆସିପାରିଛି। ମହିଳା ମାନଙ୍କ ର ଆତ୍ମବଳ ଓ ମନବଳ ବୃଦ୍ଧି ଦିଗରେ, ନିଜପରିବାରରେ, ସମାଜରେ ମହିଳା ମାନଙ୍କୁ ସୁରକ୍ଷିତ ରଖିବାରେ ସୁଭଦ୍ରା ଯୋଜନା ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତ କରି ଯୋଜନା ଯାହା ମହିଳା ମନଙ୍କୁ ,ମୁଁ ସକ୍ଷମ ହେବି ଓ ସୁରକ୍ଷିତ ହେବାର, ପ୍ରେରଣା ଯୋଗାଇ ଦେଇଛି।




ଏହି ସୁଭଦ୍ରା ଯୋଜନାକୁ ଆହୁରି ସଶକ୍ତ କରିବା ପାଇଁ ନିଜ ନିର୍ବାଚନ ମଣ୍ଡଳୀରେ ସୁଭଦ୍ରା ଅଭି ଲେଖକ (ଆରଚିଭ)ର୍ କେନ୍ଦ୍ର ଖୋଲିବା ଦିଗରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବଯୋଗ ଦେଇଥିଲେ। ସହାୟତା ରାଶି ପାଇଥିବା ମା ମାନେ ଲକ୍ଷପତି ଦିଦି ହେବାର ଲକ୍ଷ୍ୟ ରଖି ନିଜ ପରିବାର ,ସମାଜର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂ, ଓଡିଶା ରାଜ୍ୟ ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି ସମସ୍ତ ମହିଳା ମାନଙ୍କ ଉତୋରତର ଉନ୍ନତି କାମନା କରିଥିଲେ। ସଭାର ସଭାପତି ଜିଲ୍ଲାପାଳ ନିଜ ସ୍ୱାଗତ ଅଭି ଭାଷଣ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ କୁଇଜ୍, ପ୍ରବନ୍ଧ, ଚିତ୍ରାଙ୍କନ, ସଂଗୀତ, ରଙ୍ଗୋଲୀ, ଖୋକୋ, କବାଡି, ଦୌଡ଼ି ଟଣା ଟଣି, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ, ଶ୍ରେଷ୍ଠ ଅଙ୍ଗନୱାଡି ହେଲପର୍ ମାନଙ୍କୁ ସାର୍ଟିଫିକେଟ ,ଟ୍ରଫି, ଉତରୀୟ ପ୍ରଦାନ କରି ମୁଖ୍ୟ ଅତିଥି ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଶୁତୋଷ ରଥଙ୍କୁ ନାଲକୋ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପଦବୀକୁ ପଦୋନ୍ନତି

ଭୁବନେଶ୍ୱର (ସବ୍ୟୁ): ଆଶୁତୋଷ ରଥଙ୍କୁ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ନାଲକୋ କର୍ପୋରେଟ କାର୍ଯ୍ୟାଳୟରେ ମୁଖ୍ୟ ମହା ପ୍ରବନ୍ଧକ (ମାନବ ସମ୍ବଳ) ସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଏହି ସମୟରେ ସେ କମ୍ପାନୀର ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ, ସାଂଗଠନିକ ବିକାଶ, କର୍ମଚାରୀଙ୍କ ସହଭାଗିତା ଏବଂ ନୀତି ପ୍ରଣୟନ ଭଳି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । ତାଙ୍କ ନେତୃତ୍ୱରେ ନାଲକୋର କର୍ପୋରେଟ୍ ମୁଖ୍ୟାଳୟ ସହ ବିଭିନ୍ନ ୟୁନିଟ୍ ଏବଂ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମାନବ ସମ୍ବଳ ବିଭାଗକୁ ସୁଦୃଢ଼ କରାଯାଇଛି, ଯାହା ଦ୍ୱାରା କାର୍ଯ୍ୟଦକ୍ଷତା, କର୍ମଚାରୀଙ୍କ ମନୋବଳ ଏବଂ ରଣନୈତିକ ମାନବ ସମ୍ବଳ ପଦକ୍ଷେପଗୁଡ଼ିକ ତ୍ୱରାନ୍ୱିତ ହୋଇପାରିଛି। ଶ୍ରୀ ରଥଙ୍କ କାର୍ଯ୍ୟନିଷ୍ଠା, ସଫଳତା ଏବଂ ନେତୃତ୍ୱର ସକାରାତ୍ମକ ପ୍ରଭାବ ହେତୁ ନାଲକୋ ର ସମସ୍ତ ସ୍ତରରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ସେ କମ୍ପାନୀର ମାନବ ସମ୍ବଳ ବିଭାଗକୁ ଆହୁରି ସୁଦୃଢ କରିବା ସହ, ସଂଗଠନର ଉଚ୍ଚ କାର୍ଯ୍ୟଦକ୍ଷତା ଓ ପ୍ରଗତିଶୀଳ ସଂସ୍କୃତିକୁ ବଜାୟ ରଖିବା ନିମନ୍ତେ ଆଶାବାଦୀ ବୋଲି କହିଛନ୍ତି ।



## କାର ଧକ୍କାରେ ଯୁବକ ମୃତ

ବାରଙ୍ଗ , (ସବ୍ୟୁ): ଶନିବାର ରାତିରେ ବାରଙ୍ଗ ମେଡିକାଲ ଛକ ନିକଟରେ ଏକ ନାଲିରଙ୍ଗର କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ।ମୃତକ ହେଉଛନ୍ତି ଦାଢ଼ାପାଟଣା ଗ୍ରାମରସୁଶାନ୍ତ ମହାରଣା ।ପ୍ରକାଶ ଯେ,ଦାଢ଼ାପାଟଣା ଗ୍ରାମର ଗୋବିନ୍ଦ ମହାରଣାଙ୍କ ଏକ ମାତ୍ର ପୁଅ ସୁଶାନ୍ତ ମହାରଣା ଚନ୍ଦକା ବନ ବିଭାଗରେ ଚାକିରି କରନ୍ତି । ସେ ଶନିବାର ରାତିରେ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ନନ୍ଦନକାନନ - ବାରଙ୍ଗ ରାସ୍ତାର ମେଡିକାଲ ଛକ ନିକଟରେ ଏକ ନାଲି ରଙ୍ଗର କାର ତାଙ୍କୁ ଧକ୍କା ଦେଇ ଦୃତଗତିରେ ପଳାଇ ଯାଇଥିଲା । ପୋଲିସ ତାଙ୍କୁ ଚିକିତ୍ସା ପାଇ କଟକ ମେଡିକାଲକୁ ନେଇଥିବା ବେଳେ ବିଳମ୍ବିତ ରାତିରେ ଡାକ୍ତର ମୃତ ଘୋଷଣା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗ୍ରସ୍ତ ପାଇ ରାସ୍ତାରୁ ହମ୍ପସ ହଟାଯିବା ପରେ ଗାଡ଼ିଗୁଡ଼ିକ ଦୃତ ଗତିରେ ଯାତାୟାତ କରିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି ।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୱାନଷ୍ଟପ୍ ସେଣ୍ଟର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

ପୁରୀ (ସବ୍ୟୁ) ରବିବାର ଅପରାହ୍ନରେ ସ୍ଥାନୀୟ ଏସସିଏସ କଲେଜ ନିକଟରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖି ୱାନ କେନ୍ଦ୍ର ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି । ମହିଳା ମାନଙ୍କୁ ଆତ୍ମ ନିର୍ଭର କରିବା ଲକ୍ଷ୍ୟ ରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟ କୁ ପରିଚାଳନା କରିବାରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଥିଲେ। ସେହିପରି ଉପ ମୁଖ୍ୟମନ୍ତ୍ରୀ ସଖି ୱାନ ଷ୍ଟପ ସେଣ୍ଟରକୁ ଏସସିଏସ କଲେଜ ଠାରେ ଉଦଘାଟନ କରିଥିଲେ ।ଭାରତ ସରକାର ପ୍ରଣୟନ କରିଥିବା"ସଖି" ଯାହା ୱାନ୍ ଷ୍ଟପ୍ କ୍ରାଇସିସ୍ ସେଣ୍ଟର ଅଟେ ।ଯାହା ବ୍ୟକ୍ତିଗତ ଏବଂ ସାର୍ବଜନୀନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ। ବୟସ, ବର୍ଗ, ଜାତି, ଶିକ୍ଷା ସ୍ଥିତି, ବୈବାହିକ ସ୍ଥିତି, ଜାତି ଏବଂ ସଂସ୍କୃତି ନିର୍ବିଶେଷରେ ଶାରୀରିକ, ଯୌନ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ସମର୍ଥନ ଏବଂ ପ୍ରତିକାର ପ୍ରଦାନ ର ବ୍ୟବସ୍ଥା ଏଠାରେ କରାଯାଇଥାଏ। ପୁରୀ ଜିଲ୍ଲାରେ ଏହା ୨୦୨୦ ମସିହାରୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲା ।ତେବେ ସରକାରଙ୍କ ପକ୍ଷରୁ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଏହା ଏସସିଏସ କଲେଜ ଠାରେ ନିଜସ୍ୱ ବିଲ୍ଡିଂ ଭାବେ ଆଜି ଉଦଘାଟିତ ହୋଇଛି ।ଚଳିତ ବର୍ଷ ଫେବୃଆରୀ ୭ ତାରିଖ ସୁଦ୍ଧା ୧୨୪୯ ଟି ମାମଲା ସଖି ରେ ପଞ୍ଜିକରଣ ହୋଇଛି ।ଏହା ୨୪ ଘଣ୍ଟିଆ ସେବା ଦେଉଛି ଓ ହେଲ୍ପ ଲାଇନ ନମ୍ବର ୧୮୧ ସହ ଯୋଡି ହୋଇଛି ବୋଲି ସମାଜ କଲ୍ୟାଣ ଅଧିକାରୀ ଜଣାଇଥିଲେ। ଏହି କେନ୍ଦ୍ର ଦ୍ୱାରା ନିର୍ଯ୍ୟାତିତ ବା କ୍ଷତିଗ୍ରସ୍ତ ମହିଳା ମାନେ ଉପକୃତ ହେବେ ବୋଲି ଶ୍ରୀମତୀ ପରିଡା କହିଥିଲେ। ଏହି କାର୍ଯ୍ୟକ୍ରମ ରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।



## ପ୍ରବାସୀ ଓଡ଼ିଆ ସମାଜର ବିକାଶ ଲାଗି ସରକାର ସଂକଳ୍ପବଦ୍ଧ : ସୂର୍ଯ୍ୟବଂଶୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଓଡ଼ିଶାର ସମୃଦ୍ଧ କଳା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଆମ ପ୍ରବାସୀ ଓଡ଼ିଆମାନେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ଆମ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନେ ଓଡ଼ିଶା ବାହାରେ ରହୁଛନ୍ତି ସତ, କିନ୍ତୁ ଓଡ଼ିଆମାନଙ୍କ ଭିତରୁ ଓଡ଼ିଶାକୁ କେହି କାଢ଼ି ପାରିବେ ନାହିଁ । ତେଣୁ ବିକଶିତ ଓଡ଼ିଶା-୨୦୩୬ ନିର୍ମାଣରେ ପ୍ରବାସୀ ଓଡ଼ିଆମାନଙ୍କ ଯୋଗଦାନ ଆବଶ୍ୟକ । ପ୍ରବାସୀ ଓଡ଼ିଆ ସମାଜର ବିକାଶ ପାଇଁ ଓଡ଼ିଶା ସରକାର ସଂକଳ୍ପବଦ୍ଧ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି ।
କୋଲକାତା ସ୍ଥିତ ନ୍ୟାସନାଲ ଲାଇବ୍ରେରୀ ଅଡ଼ିଟୋରିୟମ୍ ଠାରେ ଆଜି ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ଯୋଗ ଦେଇ କହିଥିଲେ, ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ପ୍ରବାସୀ ଓଡ଼ିଆ ମାତୃଶକ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଆ ଘରର ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଏହାକୁ ବିଶ୍ୱବିଦିତ କରିବା ଦିଗରେ ଆମ ମାତୃଶକ୍ତିର ଭୂମିକା ଅଗ୍ରଗଣ୍ୟ । ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନେ ହେଉଛନ୍ତି ଓଡ଼ିଶାର ସାଂସ୍କୃତିକ ରାଜଦୂତ । ପ୍ରବାସୀ ଓଡ଼ିଆମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ନିରନ୍ତର ଭାବେ ନିଜର କାର୍ଯ୍ୟ କରିଆସୁଛି ।
ଆଜିର କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରବାସୀ ଓଡ଼ିଆ ସାହିତ୍ୟିକ ଓ ପ୍ରବାସୀ ଓଡ଼ିଆ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଓଡ଼ିଶା ଉତ୍ସବରେ ଓଡ଼ିଶାର ଲୋକକଳା, ସମୃଦ୍ଧ ଐତିହ୍ୟ ଓ ପରମ୍ପରା, ପାରମ୍ପରିକ ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଆଦିକୁ ପ୍ରଦର୍ଶିତ କରାଯାଇଥିଲା । ଏଥିସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସାହିଯାତ, ଛଉ, ଘୁମୁରା, ଢେମସା, ପଶୁମୁଖା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ।
ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଉତ୍କଳୀୟ ମିଳିତ ମଞ୍ଚର ସଭାପତି ରବି ନାରାୟଣ ମହାପାତ୍ର, ସାଧାରଣ ସଂପାଦକ, ଶିକ୍ଷା ସମୂହ, ଉତ୍କଳୀୟ ମିଳିତ ମଞ୍ଚ ବିଜୟ କୁମାର ବାରିକ, ଅଧକ୍ଷ, ଶିକ୍ଷା ସମୂହ, ଉତ୍କଳୀୟ ମିଳିତ ମଞ୍ଚ କ୍ଷୀରୋଧ କୁମାର ଧଳ, ବିଭିନ୍ନ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ । ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରିତିଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




## ପୋଖରୀରେ ବୁଡି ଯୁବକ ମୃତ

ଭାପୁର,(ସବ୍ୟୁ): ଫତେଗଡ଼ ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମ ଉପର ସାହିର ଆର୍ତ୍ତବନ୍ଧୁ ସାହୁଙ୍କ ପୁଅ ପପୁ ସାହୁ (୩୫) ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି ।ପୋଖରୀ ପାହାଚ ଶିଉଳିରେ ଗୋଡ଼ ଖସିଯିବାରୁ ଗଭୀର ପାଣି ଭିତରେ ବୁଡି ଯାଇଥିଲେ । ପପୁ ଘରକୁ ଫେରିବାର ବିଳମ୍ବ ଦେଖି ପରିବାର ଲୋକେ ଖୋଜାଖୋଜି କରିବା ସହିତ ପୋଖରୀ ତୁଠରେ ତାଙ୍କର ଚପଲ ଦେଖି ପୋଖରୀ ପାଣି ଭିତରେ ଖୋଜିଥିଲେ । ପାଣି ଭିତରୁ ପପୁ ଙ୍କୁ ଉଦ୍ଧାର କରି ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରି ଭାପୁର ଆଉଟ ପୋଷ୍ଟ ଅଧିକାରୀଙ୍କୁ ଖବର ଦେଇଥିଲେ । ପୋଲିସ ଅଧିକାରୀ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ପଠେଇଥିଲେ ।ସେ ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

### ଅବହେଳିତ ସ୍ୱାଧିନତା ସଂଗ୍ରାମୀ; ଘୋଷଣାରେ ସୀମିତ ନାରାୟଣ ମିଶ୍ର ପାର୍କ

## ଜରାଜୀର୍ଣ୍ଣ ସ୍ଥିତିରେ ବାଜପୁରସ୍ଥିତି 'ଷଠିଘର' ଓ ବ୍ୟବହୃତ ସାମଗ୍ରୀ

ଖୋର୍ଦ୍ଧା (ସବ୍ୟୁ): ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର, ଯାହାଙ୍କ କ୍ରାନ୍ତି, କୀର୍ତି ଏବଂ କୃତୀ ଜନମାନସରେ ଉଦ୍‌ଯାପିତ ହୋଇଛି। ହେଲେ ବିଭିନ୍ନ ଦିଗରୁ ସେ ପ୍ରଶାସନିକ ବ୍ୟବସ୍ଥାରେ ଉପେକ୍ଷିତ ହୋଇ ଅଲୋଡ଼ା ହୋଇଛନ୍ତି। ମୁକ୍ତିସଂଗ୍ରାମୀ ପଣ୍ଡିତ ମିଶ୍ର ୧୯୧୫ ଡ଼ିସେମ୍ବର ୯ରେ ବାଜପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଦିଗମ୍ବର ମିଶ୍ର ଓ ମାତାଙ୍କ ନାମ ମୁକୁତା ଦେବୀ । ମାତ୍ର ୩ ବର୍ଷ ବୟସରେ ସେ ପିତା ଦିଗମ୍ବରଙ୍କୁ ହରାଇ ପିତୃହୀନ ହୋଇଥିଲେ। ଏଭଳି ସ୍ଥିତିରେ ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଅନତି ଦୂରରେ ଥିବା ମଙ୍ଗଳା ନଗର ଛକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ୨୦୨୫ ମେ ୧୫ରେ ଏହାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚନ କରିବା ସହ ପ୍ରତିମୂର୍ତ୍ତିସ୍ଥଳକୁ ଆଗାମୀ ଦିନରେ 'ନାରାୟଣ ମିଶ୍ର ପାର୍କ'ରେ ପରିଣତ କରାଯିବ ବୋଲି ଘୋଷଣା କରିଥିଲେ ହେଁ ଇତିମଧ୍ୟରେ ଏକବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ଏହା ପ୍ରହସନରେ ପରିଣତ ହୋଇଛି ।
ଅନ୍ୟପକ୍ଷରେ ପଣ୍ଡିତ ମିଶ୍ରଙ୍କ ଏହି ପ୍ରତିମୂର୍ତ୍ତିସ୍ଥଳ ଅବହେଳିତ ସ୍ଥିତିରେ ପଡ଼ିରହିଛି। ରାତ୍ରି ସମୟରେ ଏହାର ପରିସର ଅନ୍ଧକାର ମଧ୍ୟରେ ରହୁଥିବାରୁ ଅସାମାଜିକ ତତ୍ୱମାନେ ଏଠାରେ ଆଡ୍‌ଡ଼ା ଜମାଇଥିବା ଅଭିଯୋଗ ହୋଇଛି। ସେହିପରି ବାଜପୁରରେ ଥିବା ପଣ୍ଡିତ ମିଶ୍ରଙ୍କ 'ଷଠିଘର'କୁ ପୁନରୁଦ୍ଧାର କରାଯିବାକୁ ନିଷ୍ପତି ହେବା ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଇନଟାକ୍ ପକ୍ଷରୁ ନୀଳନକ୍ସା ପ୍ରସ୍ତୁତ କରାଯାଇଥିଲେ ହେଁ ଏଯାବତ୍ ତାହା ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଛି। ଏହାଛଡ଼ା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ବ୍ୟବହୃତ କଠଉ, ରେଡ଼ିଓ, କାଠବାକ୍ସ, ଗଉଣି, ପିଢ଼ା, ଢ଼ାଳ, ପେନଷ୍ଟାଣ୍ଡ ଆଦି ବିଭିନ୍ନ ସାମଗ୍ରୀ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ସ୍ଥିତିରେ ପଡ଼ିରହିଛି। ଏହାଛଡ଼ା ଭାରତ ସରକାରଙ୍କ ପକ୍ଷରୁ 'ଆଜାଦି କା ଅମୃତ ମହୋତ୍ସବ' ଅବସରରେ ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ମାରକୀ ନିର୍ମାଣ କରାଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନାବରଣ କରାଯାଇଥିଲେ ହେଁ ଏବେ ଏହା ଲଟାବୁଦାମୟ ସ୍ଥିତିରେ ପଡ଼ିରହିଛି। ଏହାର ଚତୁଃପାର୍ଶ୍ୱରେ ସମ୍ପ୍ରତି ପାଚେରି ନିର୍ମାଣ କରାଯାଇ ନଥିବାବେଳେ ଏହି ପୀଠର ଐତିହ୍ୟ ସମ୍ପର୍କିତ ଫଳକ ଏଯାବତ୍ ପ୍ରତିଷ୍ଠା କରାଯାଇନାହିଁ। ଅନ୍ୟପକ୍ଷରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ 'ମହାପୁରୁଷ ଆଦର୍ଶ ଗ୍ରାମ' ଯୋଜନା କାର୍ଯ୍ୟକାରୀ କରାଯାଇ ପ୍ରଥମ ପର୍ଯ୍ୟାୟରେ ୨୫ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରାଯିବାକୁ କ୍ୟାବିନେଟ ଅନୁମୋଦନ କରାଯାଇଥିଲେ ହେଁ ଏଯାବତ୍ ପଣ୍ଡିତ ମିଶ୍ରଙ୍କ ଜନ୍ମପୀଠ 'ବାଜପୁର'କୁ ଏହି ଯୋଜନାରେ ସାମିଲ କରାଯାଇ ନଥିବା ଜଣାପଡ଼ିଛି। ସଂଗ୍ରାମୀ ବିଭିନ୍ନ ଦିଗରୁ ଅବହେଳିତ ହୋଇପଡ଼ିଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଆର୍ଥ ଭେଞ୍ଚର ଶିବିର ଉଦଯାପିତ

ଭୁବନେଶ୍ୱର, (ସବ୍ୟୁ): କିଟ ଇଣ୍ଟରନ୍ୟାସନାଲ ସ୍କୁଲ ସେନ୍ ଗ୍ଲୋବ୍ ଦ୍ୱାରା ଆୟୋଜିତ ନ୍ୟୁରୋଡାଇଭର୍ଜେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ଚାରି ଦିନିଆ ଆର୍ଥ ଭେଞ୍ଚର କ୍ୟାମ୍ପ ଉଦ୍ଯାପିତ ହୋଇଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ କର୍ମଚାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେନ୍ ଗ୍ଲୋବ୍ ସହ ଜଡ଼ିତ ମହିଳାମାନଙ୍କ ସମର୍ପଣ ଓ ଶକ୍ତିକୁ ପ୍ରଶଂସା କରିଥିଲେ। ପ୍ରତ୍ୟେକ ମାଆ, ଶିକ୍ଷୟିତ୍ରୀ ଓ ଏଭଳି ପିଲାଙ୍କୁ ସେବା ଯୋଗାଇ ଦେଉଥିବା ମହିଳାମାନଙ୍କ ଅକ୍ଲାନ୍ତ ପ୍ରୟାସକୁ ସ୍ୱୀକାର କରିବା ସହ ନିରନ୍ତର ନ୍ୟୁରୋଡାଇଭର୍ଜେଣ୍ଟ ପିଲାମାନଙ୍କୁ ପାଳନପୋଷଣ, ସମର୍ଥନ ଓ ସଶକ୍ତ




କରୁଥିବାରୁ ଶ୍ରୀ ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଏହି ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରପର୍ସନ ଡ ମୋନାଲିସା ବଳ ଯୋଗଦେଇ ନାରୀ ଓ ମାତୃତ୍ୱର ଯାତ୍ରା ଉପରେ ଆଲୋକପାତ କରିଥିଲେ। ଜଣେ ମା ଓ ଜଣେ ମହିଳା ହେବା ପାଇଁ କିପରି ଧୈର୍ଯ୍ୟ, ସାହସ ଓ କରୁଣା ଆବଶ୍ୟକ ତା ଉପରେ କହିବା ସହ ଜୀବନ ଓ ଭବିଷ୍ୟତ ଗଠନରେ ମହିଳାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଆର୍ଥ ଭେଞ୍ଚର କ୍ୟାମ୍ପଟି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଆକର୍ଷଣୀୟ ଓ ଅଭିଜ୍ଞତାମୂଳକ ଶିକ୍ଷା ଯାତ୍ରା ଭାବରେ ପ୍ରସ୍ତୁତ କରାଯାଇଥିଲା। ତିନି ଦିନ ଧରି ପିଲାମାନେ କଳା ଓ ହସ୍ତଶିଳ୍ପ, ବୃତ୍ତିଗତ ଦକ୍ଷତା ବିକାଶ, ସର୍ଜନଶୀଳ ପ୍ରକାଶନ, ଇନ୍ଦ୍ରିୟ-ଆଧାରିତ ଶିକ୍ଷା ଓ ଆତ୍ମବିଶ୍ୱାସ, ସ୍ୱାଧୀନତା ଓ ଦଳଗତ କାର୍ଯ୍ୟକୁ ଉତ୍ସାହିତ କରୁଥିବା ସହଯୋଗୀ କାର୍ଯ୍ୟ ସମେତ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ। ଶେଷରେ ନ୍ୟୁରୋଡାଇଭର୍ଜେଣ୍ଟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପ୍ରତି ଉଲ୍ଲେଖନୀୟ ଅବଦାନ ସକାଶେ ତିନି ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା।

## ଟ୍ରେନରୁ ଖସିପଡି ଯୁବକ ମୃତ

ସୋର, (ସବ୍ୟୁ): : ସୋର ଥାନା ସବିରା ରେଳ ଷ୍ଟେସନ ନିକଟରେ ଡାଉନ ଗୁଆହାଟି ଏକ୍ସପ୍ରେସ ଟ୍ରେନରୁ ଖସିପଡି ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଛି । । ଆସାମ ଉଦଲଗୁରି ଜିଲ୍ଲା ଚିନ୍ତାଗାଁ ଗ୍ରାମର ନିରନ ବିଶ୍ୱାସ (୪୩) ତାଙ୍କ ଜ୍ୱାଇଁ ଶଙ୍କର ସନାୟାସଙ୍କ ସହିତ ମିଶି କାମ କରିବାକୁ ତାମିଲନାଡୁ ଯାଉଥିଲେ । କିନ୍ତୁ ବିଜୟନଗରମ ନିକଟରେ ନିରନଙ୍କ ଦେହ ଅସୁସ୍ଥ ହେବାରୁ ସେଠାରେ ଟ୍ରେନରୁ ଓହ୍ଲାଇ ଗୁଆହାଟି ଏକ୍ସପ୍ରେସରେ ଆସାମ ଫେରୁଥିଲେ । ରବିବାର ସକାଳେ ସବିରା ରେଳ ଷ୍ଟେସନ ନିକଟରେ ନିରନ ଟ୍ରେନରୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।




ବିଶ୍ୱ ମହିଳା ଦିବସ ଅବସରରେ ୱାର୍ଲ୍ଡ ଓଡ଼ିଶା ସୋସାଇଟି ଦ୍ୱାରା ଦିଲ୍ଲୀରେ ଆୟୋଜିତ ଶକ୍ତି ଉତ୍ସବ

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର(ସବ୍ୟୁ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭୁବନେଶ୍ୱରର ଫରେଷ୍ଟ ପାର୍କରେ ରବିବାର ସକାଳେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା




ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ଆୟୁଷର ଏମଡି ତଥା ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଉଦଘାଟନ କରିଥିଲେ ।
ଏହି କାର୍ଯ୍ୟକ୍ରମଟି ସରକାରୀ ଆୟୁର୍ବେଦ ହସ୍ପିଟାଲ, ଭୁବନେଶ୍ୱରର ନିଦାନ ପିପିପି ସହଭାଗୀ କ୍ରୀଷ୍ଣା ଡାଇଗ୍ନୋଷ୍ଟିକ ଲି଼ଃ.ର ସହଯୋଗ ଏବଂ ଓଡ଼ିଶା ସରକାରଙ୍କ ଆୟୁଷ ହସ୍ପିଟାଲ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଶିବିରରେ ପ୍ରାୟ ୨୦୦ ଜଣ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସେମାନେ ମାଗଣା ଆୟୁର୍ବେଦିକ ପରାମର୍ଶ ଓ ରକ୍ତ ପରୀକ୍ଷା ସେବାରୁ ଉପକୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମଟିକୁ ଆୟୁର୍ବେଦିକ ହସ୍ପିଟାଲ ଡପୁଟି ସୁପରିଟେଣ୍ଡେଣ୍ଟ ଡା. ଚିତ୍ତରଞ୍ଜନ ବେହେରା ନେତୃତ୍ୱରେ ପରିଚାଳନା କରାଯାଇଥିଲା । ଷ୍ଟେଟ୍ ହେଡ୍ ରାଜେନ୍ଦ୍ର ଜେନା ଓ ଅପରେସନ୍ସ ମ୍ୟାନେଜର ସନ୍ତୋଷ ସାହୁଙ୍କ ସହ ଆୟୁଷ ନିର୍ଦ୍ଦେଶାଳୟର ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଏହି ଶିବିରରେ ଅନ୍ୟାନ୍ୟ ଅତିଥିମାନଙ୍କ ସହିତ ଆୟୁଷ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ (ହୋମିଓପାଥି), ଡେପୁଟି ଡାଇରେକ୍ଟର(ହୋମିଓପାଥି) ଏବଂ ଆକାଉଣ୍ଟସ ଅଫିସର ମଧ୍ୟ ଉପସ୍ଥିତ ଥିଲେ । ଏହି ପ୍ରୟାସ ମହିଳାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଓ ପ୍ରାରମ୍ଭିକ ଚିକିତ୍ସା ପରୀକ୍ଷାକୁ ଉତ୍ସାହିତ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।

## ଦୁର୍ଘଟଣାରେ ବୃଦ୍ଧ ମୃତ

ଭାପୁର,(ସବ୍ୟୁ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ପାଣ୍ଡବ ଦାସ (୬୫) ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଗତ ସୋମବାର ରାତି ୨ଟାରେ ଚଣାବିଲରୁ ଫେରୁଥିଲା ବେଳେ ତାଙ୍କ ଗ୍ରାମ ନିକଟ ୪୮ ନମ୍ବର ରାଜ୍ୟ ରାଜପଥ ଉପରେ ଅବସ୍ଥିତ ଏକ ଢ଼ାବା ନିକଟରେ ପହଞ୍ଚି ଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ମାରୁତି ଭ୍ୟାନ (ଓଡି ୦୫ କିୟୁ ୩୧୫୩) ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ କଣ୍ଟିଲୋ ପଟକୁ ଚାଲି ଯାଇଥିଲା । ଏହି ମାରୁତି ଭ୍ୟାନଟି ଦ୍ରୁତ ଗତିରେ ଯାଉଥିବା ଦେଖି ପାପାଲୀ ଢ଼ାବା ନିକଟରେ ରହିଥିବା ଜନସାଧାରଣ ଙ୍କର ସନ୍ଦେହ ହେବାରୁ ଉକ୍ତ ଭ୍ୟାନ ଅଟକାଇଥିଲେ ଏବଂ ଏକ ଦୁର୍ଘଟଣା ହୋଇଛି ବୋଲି ସେମାନଙ୍କ ନିକଟରେ ଖବର ପହଞ୍ଚିଥିଲା । ଉପସ୍ଥିତ ଜନସାଧାରଣ କଣ୍ଟିଲୋ ଫାଣ୍ଡି କୁ ଖବର ଦେବା ସହିତ ସେହି ଭ୍ୟାନ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ।କିନ୍ତୁ,ଅବସ୍ଥା ଗୁରୁତର ରହିଥିବାରୁ ଆମ୍ବୁଲାନ୍ସ ଯୋଗେଁ ପରିବାର ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରେ ଏ ପରେ ଏମ୍ସ ହସ୍ପିଟାଲ, ଭୁବନେଶ୍ୱର ଆଣିଥିଲେ । ସେଠାରେ ଚିକିତ୍ସା ସମୟରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କଣ୍ଟିଲୋ ଫାଣ୍ଡି ଅଧିକାରୀ ମାରୁତି ଭ୍ୟାନକୁ ଜବତ କରିବା ସହିତ ଫତେଗଡ଼ ଥାନା ପକ୍ଷରୁ ତଦନ୍ତ ଚାଲିଥିବା ଜଣାପଡିଛି ।

### 'ଭାରତୀ-ନାରୀ ସେ ନାରାୟଣୀ' ସମ୍ମିଳନୀ

# ବିଚାରଗତ ଭ୍ରାନ୍ତି ଦୂର କରି ମାତୃଶକ୍ତିର ସଶକ୍ତିକରଣ ସମୟର ଆହ୍ୱାନ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ବିଚାରଗତ ଭ୍ରାନ୍ତି ଦୂର କରି ମାତୃଶକ୍ତିର ସଶକ୍ତିକରଣ ବର୍ତ୍ତମାନ ସମୟର ଆହ୍ୱାନ ବୋଲି ଆଜି ନୂଆଦିଲ୍ଲୀ




ଠାରେ 'ଭାରତୀ-ନାରୀ ସେ ନାରାୟଣୀ'ର ଉଦଯାପନୀ ଅଧିବେଶନ 'କୃତି'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । 'ଅନ୍ତର୍ଜାତୀୟ ମହିଳା ଦିବସ' ଅବସରରେ ରାଷ୍ଟ୍ରୀୟ ବିଦ୍ୱତ ପରିଷଦ ଏବଂ ରାଷ୍ଟ୍ର ସେବିକା ସମିତି ଦ୍ୱାରା ଆୟୋଜିତ ଦୁଇ ଦିନିଆ ମହିଳା ବିଚାରକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ ମାତୃଶକ୍ତିର ଗୌରବ ଗାନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ନିଜର ଅଭିଭାଷଣ ରଖି କହିଛନ୍ତି ଯେ, 'ନାରୀ ତୁ ନାରାୟଣୀ' ଆମ ସଂସ୍କୃତି ଓ ସଭ୍ୟତାର ମୂଳ ଅବଧାରଣା । ଏହି ସମ୍ମିଳନୀ ସେହି ପବିତ୍ର ବିଚାରଧାରାର ଏକ ପ୍ରତିଫଳନ । ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୩୫ ସୁଦ୍ଧା ଭାରତକୁ ମାକାଉଲେଙ୍କ ଗୋଲାମୀ ମାନସିକତାରୁ ମୁକ୍ତ କରିବାକୁ ହେବ । ଏହି ଔପନିବେଶିକ ମାନସିକତା ଯୋଗୁଁ ସମାଜରେ ଯେଉଁ ବିଚାରଗତ ବିଭ୍ରାଟ ସୃଷ୍ଟି ହୋଇଛି, ତାହାର ସବୁଠାରୁ ଅଧିକ କ୍ଷତି ଆମର ମାତୃଶକ୍ତି ସହିଛନ୍ତି । ଆମର ମୂଳ ପରମ୍ପରାକୁ ବଦଳାଇବା ପାଇଁ ହୋଇଥିବା ପ୍ରୟାସକୁ ଏବେ ସଂସ୍କାର କରିବାର ସମୟ ଆସିଛି ।
ମହିଳା ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ହୋଇଥିବା ମନ୍ଥନ ପ୍ରଶଂସନୀୟ । ବେଟି ଏବଂ ମାତୃଶକ୍ତିର ସଶକ୍ତିକରଣ ସଂକଳ୍ପକୁ ସିଦ୍ଧ କରିବା ପାଇଁ ଆମକୁ ଏକ ସମାବେଶୀ ଦୃଷ୍ଟିଭଙ୍ଗୀ ଏବଂ ସାମଗ୍ରିକ ଦୃଷ୍ଟିକୋଣ ସହ ଆଗକୁ ବଢ଼ିବାକୁ ହେବ । ଶ୍ରୀ ପ୍ରଧାନ ଏହି ଦୁଇ ଦିନିଆ ସମ୍ମିଳନୀରୁ ନିର୍ଗତ ହୋଇଥିବା ଅମୃତ ବିଚାରକୁ ଦେଶବାସୀଙ୍କ ସମ୍ମୁଖରେ ପ୍ରଖରତାର ସହ ଉପସ୍ଥାପନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଧର୍ମପତ୍ନୀ ଶ୍ରୀମତୀ ମୃଦୁଳା ଟି. ପ୍ରଧାନ, ପ୍ରତିଷ୍ଠିତ ହିନ୍ଦୁ ସନ୍ନ୍ୟାସିନୀ ତଥା ସମାଜସେବୀ ପଦ୍ମଭୂଷଣ ସାଧ୍ୱୀ ରିତାମ୍ଭରା, ବହୁ ବିଶିଷ୍ଟ ମହିଳା ବିଚାରକ ଏବଂ ଶିକ୍ଷାବିତମାନେ ଉପସ୍ଥିତ ଥିଲେ ।

# କିଟ୍ ଓ କିସ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍ ପକ୍ଷରୁ ଆଜି ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ ଅବଦାନ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ସେ କହିଲେ କିଟ୍‌ର ଅଭିବୃଦ୍ଧିରେ ମହିଳା କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ବିଷୟବସ୍ତୁ 'ଗିଭ ଟୁ ଗେନ' ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଅନ୍ୟମାନଙ୍କୁ ଦେବାର ଆନନ୍ଦ ଓ ଏହା ଆଣିବାର ଖୁସି ଅତୁଳନୀୟ । ସେ କହିଲେ, କିଟ୍‌ର ମହିଳା କର୍ମଚାରୀମାନେ କିଟ୍ ଇକୋସିଷ୍ଟମର ମେରୁଦଣ୍ଡ। କିଟ୍ ଶିକ୍ଷାନୁଷ୍ଠାନ ସମୂହରେ ପ୍ରାୟ ୫୦ ପ୍ରତିଶତ ମହିଳା କର୍ମଚାରୀ ରହିଥିବା ସେ ପ୍ରକାଶ କରିଥିଲେ।

ନିଜ ମାଆଙ୍କ ଉଦାହରଣ ଦେଇ ସେ କହିଲେ, ମା ଥିଲେ ତାଙ୍କର ସର୍ବଶ୍ରେଷ୍ଠ ପ୍ରେରଣା। ତାଙ୍କ ମା ବିଧବା ହେବା ପରେ କିପରି ସମ୍ମାନ ଓ ସାହସର ସହିତ ଜୀବନକୁ ସାମ୍ନା କରିଥିଲେ, ପ୍ରତିକୂଳ ପରିସ୍ଥିତିକୁ ସାମନା କରି ସମାଜରେ




ନିଜକୁ ସୁଦୃଢ଼ କରି ପାରିଥିଲେ। ଶ୍ରୀ ସାମନ୍ତଙ୍କ ମା ତାଙ୍କ ମଧ୍ୟରେ ଯେଉଁ ମୂଲ୍ୟବୋଧ ସୃଷ୍ଟି କରିଥିଲେ ତାହା ଶେଷରେ କିଟ୍ ଓ କିସ୍ ପ୍ରତିଷ୍ଠା ପାଇଁ ପ୍ରେରଣା ଦେଇଥିଲା। ଏହି ଅବସରରେ ମହିଳାମାନେ ନିଜକୁ ସଶକ୍ତ କରିବା ଓ ପରସ୍ପରକୁ ସମର୍ଥନ କରିବା ପାଇଁ ଶ୍ରୀ ସାମନ୍ତ ଉତ୍ସାହିତ କରିଥିଲେ। ପିତାମାତାଙ୍କ ଆଶୀର୍ବାଦ ଅମୂଲ୍ୟ। ପ୍ରତ୍ୟେକ ବ୍ୟକ୍ତି ନିଜନିଜ ପିତାମାତାଙ୍କ ସହିତ ସମୟ ବିତାଇବା ଏବଂ ସେମାନଙ୍କ ଯତ୍ନ ନେବାକୁ ଶ୍ରୀ ସାମନ୍ତ ଅନୁରୋଧ କରି କହିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ; କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ବହୁ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ପ୍ରଫେସର ପଦ୍ମକଳି ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁ ବାବୁ ଥିଲେ ଦେଶରେ ମହିଳା ସଶକ୍ତିକରଣର ପଥ ପ୍ରଦର୍ଶକ : ନବୀନ

ଭୁବନେଶ୍ୱର,(ସବ୍ୟୁ): ଶଙ୍ଖ ଭବନରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ବିଜୁ ମହିଳା ଜନତା ଦଳ ପକ୍ଷରୁ ଆୟୋଜିତ ସମାବେଶକୁ ଉଦଘାଟନ କରି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ, ରାଜ୍ୟରେ ବିଜେପି ସରକାରରେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଛି । ନାରୀମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । କ୍ଷୋଭ ପ୍ରକାଶ କରିବା ସହ କେତେଦିନ ଏମିତି ଚାଲିବ ବୋଲି ପ୍ରଶ୍ନ କରିଥିଲେ । ବିଜୁ ଜନତା ଦଳ ମା ମାନଙ୍କ ସମ୍ପୂର୍ଣ୍ଣ



ସଶକ୍ତିକରଣରେ ବିଶ୍ୱାସ କରେ । ଅନ୍ୟ ଦଳମାନଙ୍କ ପରି ଲୋକ ଦେଖାଣିଆ କାମ କରେ ନାହିଁ । ମା ମାନଙ୍କ ମର୍ଯ୍ୟାଦା, ନିରାପତ୍ତା ଓ ସଶକ୍ତିକରଣ ପାଇଁ ବିଜେଡି ପ୍ରତିବଦ୍ଧତାର ସହ କାମ କରୁଛି । ବିଜେଡି ସରକାର ସମୟରେ ମା ମାନଙ୍କ କଲ୍ୟାଣ ପାଇଁ ଅନେକ ଐତିହାସିକ ପଦକ୍ଷେପ ନେଇଥିଲା । ମା ମାନଙ୍କୁ ବିକାଶର ମୁଖ୍ୟ ଧାରାକୁ ଆଣିଥିଲା । ମା ମାନେ ହେଉଛନ୍ତି ବିଜେଡିର ନୀତି ଓ ଆଦର୍ଶର ବାର୍ତ୍ତାବହ । ସମାଜର ବୃହତ୍ତର ବିକାଶରେ ମହିଳାମାନଙ୍କ ଗୁରୁତ୍ୱକୁ ବିଜୁ ବାବୁ ଭଲ ଭାବରେ ବୁଝିଥିଲେ ଏବଂ ସେ ଦିଗରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ବାସ୍ତବରେ ବିଜୁବାବୁ ହିଁ ଥିଲେ, ସାରା ଦେଶରେ ମହିଳା ସଶକ୍ତିକରଣର ପଥ ପ୍ରଦର୍ଶକ । ମା ମାନଙ୍କ ପ୍ରକୃତ ସଶକ୍ତିକରଣ ସହ ମା ମାନଙ୍କ ନିରାପତ୍ତା ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ବିଜେଡିର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଦଳ ର ବରିଷ୍ଠ ନାରୀ ନେତ୍ରୀମାନେ ଉଦବୋଧନ ଦେଇଥିଲେ ।

### କାମ ଦେଉନି ବସୁଧା ପ୍ରକଳ୍ପ, ମରାମତି ହେଉନି ପାଇପ ଲାଇନ

## ମୋହନ ପୁର , ଓଉପଡ଼ା ଗ୍ରାମବାସୀ ପାନୀୟଜଳ ପାଇବାରୁ ବଞ୍ଚିତ

ଡେଲାଙ୍ଗ,(ସବ୍ୟୁ):ଡେଲାଙ୍ଗ ବ୍ଲକ ମୁନିଦା ପଞ୍ଚାୟତ ଅନ୍ତର୍ଗତ ମୋହନପୁର ଗ୍ରାମରେ ୩ଟି ନଳକୂପ ଖରାପ ହୋଇ ପଡିଛି ।ଏହାକୁ ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ସୁଧା ତାର କୌଣସି ସୁବିଧା କରୁନଥିବାରୁ ଗ୍ରାମବାସୀ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି । ନଳକୂପ ମରାମତି ନହେବାରୁ ପୋଖରୀ ଓ ନଦୀ ପାଣି ପିଇବାକୁ ୫୨ପରିବାର ର ୩ଶହ ଜଣ ଗ୍ରାମବାସୀ ବାଧ ହେବାକୁ ଯାଉଥିବା ଓ୍ୱାର୍ଡ଼ସଭ୍ୟ ଦିପ୍ତିରଞ୍ଜନ ଦଳାଇ ଅଭିଯୋଗ କରିଛନ୍ତି । ସେହିପରି ସାଉରିଆ ପଞ୍ଚାୟତର ଓଉପଡ଼ା ଗ୍ରାମରେ ୧୬ ଦିନ ହେଲାଣି ପାଣିମୋଟର ପୋଡ଼ି ଯାଇଥିବାରୁ ସ୍ଥାନୀୟ ଲୋକେ ପାଣି ପାଇବରୁ ବଞ୍ଚିତ ଅଛନ୍ତି । ସରକାରଙ୍କ ପକ୍ଷ ରୁ ଘରେ ଘରେ ପାନୀୟଜଳ ପାଇବା ପାଇଁ ସମସ୍ତ ସୁବିଧା ଯୋଗାଇ ଦେଇଥିବା ବେଳେ ଏହି ଗ୍ରାମର ଗ୍ରାମବାସୀ ଏଥିରୁ ବଞ୍ଚିତ ହେଉଛନ୍ତି । ନଳକୂପକୁ ମରାମତି ନହେବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି । ଏନେଇ ଗ୍ରାମ ବାସୀ ପାନୀୟଜଳ ବିଭାଗକୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ନଳକୂପ ମରାମତି ସହ ତୁରନ୍ତ ପାନୀୟଜଳ ଯୋଗାଇ ଦେଇ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଅଂଚଳରେ ଦାବୀ ଜୋର ହୋଇଛି । ସେହିପରି ବସୁଧା ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ବିଛାଯାଇଥିବା ପାଇପ ଲାଇନ ଏକାଧିକ ସ୍ଥାନ ରେ ଛିଦ୍ର ହୋଇ ଗାଁ ଗଣ୍ଡା ରେ ପାଣି ଭାସୁଥିବା ଦେଖିବାକୁ ମିଳିଛି ।

# ଗାଡ଼କଣର ପ୍ରଥମ କାଉନସିଲରଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ମ୍ୟୁନିସିପାଲିଟି ୧୯୬୯ ମସିହାରେ ଘୋଷଣା ହୋଇଥିଲା । ମ୍ୟୁନିସିପାଲିଟି ଘୋଷଣା ହେବା ପରେ ଗାଡକଣ ୱାର୍ଡର ପ୍ରଥମ କାଉନସିଲର ଥିଲେ ବଟକୃଷ୍ଣ ନନ୍ଦ (୮୮) । ସେ ୧୯୬୯ରୁ ୧୯୭୪ ପର୍ଯ୍ୟନ୍ତ କାଉନସିଲର କାମ କରିଥିଲେ । ଏହା ପୂର୍ବରୁ ଭୁବନେଶ୍ୱର ଏନ୍ଏସି ଥିଲା । ଏନ୍ଏସି ଥିବା ସମୟରେ ସେ ୧୯୬୭ରୁ ୧୯୬୯ ପର୍ଯ୍ୟନ୍ତ ଗାଡକଣ ୱାର୍ଡର ୱାର୍ଡମେମ୍ବର ମଧ୍ୟ ଥିଲେ । ଗତ ଶୁକ୍ରବାର ସକାଳ ୧୦ଟା ସମୟରେ ତାଙ୍କର ମୃତ୍ୟୁ ହୋଇଛି ।

ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାୟକ ସୁଶାନ୍ତ ରାଉତ ଓ ବିଜେପିର ବରିଷ୍ଠ ନେତା ଗୋଲଖ ମହାପାତ୍ର ପ୍ରମୁଖ ତାଙ୍କ ଘରେ ପହଞ୍ଚି ଥିଲେ । ମୃତ୍ୟୁ ସମୟରେ ତାଙ୍କ ବଡପୁଅ ସଦାଶିବ ନନ୍ଦ, ସାନପୁଅ ଶ୍ରୀକାନ୍ତ ନନ୍ଦ, ଦୁଇଝିଅ, ଦୁଇବୋହୂ ଓ ନାତି-ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ କମିଟିର ସଭାପତି ପ୍ରସନ୍ନ ପାତ୍ର, ପୂର୍ବତନ ସଭାପତି କିଶୋର



ଜେନାଙ୍କ ସମେତ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ତାଙ୍କ ଅନ୍ତେଷ୍ଟିକ୍ରିୟାରେ ସହଯୋଗ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କର ୱାର୍ଡ ରିପ୍ରେଜେଣ୍ଟେଟିଭ୍ ଭାବେ କାମ କରିଥିଲେ ।

ବଟକୃଷ୍ଣ ନନ୍ଦ ଅଞ୍ଚଳର କୁଳ ପୁରୋହିତ ଭାବେ ଘରେ ଘରେ ପରିଚିତ । ବହୁବାର ଗ୍ରାମ କମିଟିର ସଭାପତି ଭାବେ କାମ କରିଛନ୍ତି । ତାଙ୍କ ଉଦ୍ଦେଶ୍ୟରେ "ଅସ୍ତମିତ ଇତିହାସ' ଶୀର୍ଷକ ଏକ ସ୍ମରଣିକା ଗ୍ରାମର ବରିଷ୍ଠ ନାଗରିକମାନେ ୧୭ ତାରିଖ ସନ୍ଧ୍ୟାରେ ଉନ୍ମୋଚନ କରାଇବେ । ଉତ୍ତର ନିର୍ବାଚନମଣ୍ଡଳୀର ୫ ପଞ୍ଚାୟତର ମୁରବୀ ଭାବେ ବେଶ୍ ଜଣାଶୁଣା । ଫୁସ୍‌ଫୁସ୍ ସମସ୍ୟାରୁ ସେ ଅସୁସ୍ଥ ହୋଇପଡିଥିଲେ । ଡାକ୍ତରମାନେ ତାଙ୍କୁ ଡାକ୍ତରଖାନାରୁ ଘରକୁ ନେଇଯିବାକୁ ପରାମର୍ଶ ଦେବା ପରେ ତାଙ୍କୁ ଘରକୁ ଅଣାଯାଇଥିଲା । ଶୁକ୍ରବାର ସକାଳେ ତାଙ୍କ ମୃତ୍ୟୁ ହେବା ଖବର ପାଇବା ପରେ ବହୁ ନେତାଙ୍କ ସମେତ ବିଭିନ୍ନ ଅଞ୍ଚଳର ଶହ ଶହ ଲୋକ ଶେଷଦର୍ଶନ ପାଇଁ ଗାଡକଣ ଘରକୁ ଆସିଥିଲେ ।

# ପଶ୍ଚିମ ଓଡ଼ିଶା ହେଉଛି ଭାରତର ସେମିକଣ୍ଡକ୍ଟର ସ୍ୱପ୍ନର ମୂଳଦୁଆ

ଭୁବନେଶ୍ୱର, (ସବ୍ୟୁ): ଭାରତର ସେମିକଣ୍ଡକ୍ଟର କାହାଣୀ ଚମକଦାର ଫେବ୍ରିକେସନ୍ ୟୁନିଟ୍, ବିଶ୍ୱ ଡିଜାଇନ୍ ଟାଇ-ଅପ୍ ଏବଂ ମହତ୍ୱାକାଂକ୍ଷୀ ନିବେଶ ସମ୍ମିଳନୀ ମାଧ୍ୟମରେ ବର୍ଣ୍ଣନା କରାଯାଉଛି। ତଥାପି ଏହି ମହତ୍ୱାକାଂକ୍ଷାର ପ୍ରକୃତ କେନ୍ଦ୍ର ପଶ୍ଚିମ ଓଡ଼ିଶାର ଖଣିଜ ପ୍ରାଣକେନ୍ଦ୍ରରେ - ସ୍ୱଚ୍ଛ କୋଠରୀଠାରୁ ବହୁ ଦୂରରେ। ବକ୍ସାଇଟ୍ ସହିତ ଆରମ୍ଭ ହୁଏ, ଲାଲ-ବାଦାମୀ ଖଣିଜ ଯାହା ଆଲୁମିନିୟମ ଶିଳ୍ପର ଜୀବନରକ୍ତ। ବିଡ଼ମ୍ବନାର ବିଷୟ ହେଉଛି, ଭାରତ ବିଶ୍ୱସ୍ତରୀୟ ଖଣିଜ ଜମା ଉପରେ ବସିଥିବା ବେଳେ, ଏହା ବର୍ତ୍ତମାନ ବକ୍ସାଇଟ୍ ଆମଦାନୀ ଉପରେ ବଢୁଥିବା ନିର୍ଭରଶୀଳତାର ସମ୍ମୁଖୀନ ହେଉଛି। ବାହ୍ୟ ଯୋଗାଣ ଶୃଙ୍ଖଳ ଉପରେ ଏହି ନିର୍ଭରଶୀଳତା କେବଳ ପ୍ରାଥମିକ ଆଲୁମିନିୟମର ମୂଲ୍ୟକୁ ବୃଦ୍ଧି କରେ ନାହିଁ ବରଂ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ଆବଶ୍ୟକୀୟ ସ୍ୱତନ୍ତ୍ର ମିଶ୍ରଧାତୁ ପାଇଁ ମୂଲ୍ୟ ବୃଦ୍ଧିର ଏକ ଡୋମିନୋ ପ୍ରଭାବ ସୃଷ୍ଟି କରେ। ଆଲୁମିନିୟମ ମିଶ୍ରଧାତୁ ଭାକ୍ୟୁମ୍ ଚାମ୍ବର ଏବଂ ୱେଫର-ହ୍ୟାଣ୍ଡଲିଂ ସିଷ୍ଟମରୁ ହିଟ୍ ସିଙ୍କ, ପାୱାର ମଡ୍ୟୁଲ୍ ଏବଂ ପ୍ରିସିସନ୍ ରୋବୋଟିକ୍ସ ପର୍ଯ୍ୟନ୍ତ ସେମିକଣ୍ଡକ୍ଟର ଉତ୍ପାଦନ ଉପକରଣର ପ୍ରାୟ ୭୦ ପ୍ରତିଶତ ଅଂଶ ଗଠନ କରେ। ଉଚ୍ଚ-ଗ୍ରେଡ୍ ଆଲୁମିନିୟମର ନିଶ୍ଚିତ ପ୍ରବେଶ ବିନା, ଭାରତର ଚିପ୍ ମିଶନ ରଣନୈତିକ ଭାବରେ ଦୁର୍ବଳ ରହିବ, ଯେତେ କାରଖାନା ଘୋଷଣା କରାଗଲେ ମଧ୍ୟ।

ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ନୀଳଞ୍ଜନ ବଣିକ କହିଛନ୍ତି, ଯେପର୍ଯ୍ୟନ୍ତ ଆମେ ବକ୍ସାଇଟ୍ ଆମଦାନୀ ଉପରେ ନିର୍ଭରଶୀଳ ରହିବୁ, ସେପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଅର୍ଦ୍ଧପରିବାହୀ ହବ୍ ହେବାର ଭାରତର ମହତ୍ୱାକାଂକ୍ଷା ରଣନୈତିକ ଭାବରେ ଦୁର୍ବଳ ରହିବ। ଆଲୁମିନିୟମ ମିଶ୍ର ଧାତୁ ପ୍ରାୟ ୭୦% ଅର୍ଦ୍ଧପରିବାହୀ ଉତ୍ପାଦନ ଉପକରଣ ତିଆରି କରୁଥିବାରୁ, ପଶ୍ଚିମ ଓଡ଼ିଶା କେବଳ ଏକ ଖଣି କ୍ଷେତ୍ର ନୁହେଁ - ଏହା ଆମର ପ୍ରଯୁକ୍ତିଗତ ସାର୍ବଭୌମତ୍ୱର ମୂଳଦୁଆ। ଏହି ଉଚ୍ଚ-ଗ୍ରେଡ୍ ବକ୍ସାଇଟ୍ ଭଣ୍ଡାରଗୁଡ଼ିକୁ ଅନଲକ୍ କରି, ଆମେ ଏକ 'ନିଷ୍କାସନ ଅର୍ଥନୀତି' ରୁ ଏକ 'ପ୍ରଯୁକ୍ତିବିଦ୍ୟା ଫାଉଣ୍ଡ୍ରି' ଆଡକୁ ଗତି କରିପାରିବା, ଲକ୍ଷ ଲକ୍ଷ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବା ସହିତ ଆମର ଚିପ୍ ମିଶନକୁ ସୁରକ୍ଷିତ କରିପାରିବୁ।

ପଶ୍ଚିମ ଓଡ଼ିଶାରେ ଭାରତର ୫୦ ପ୍ରତିଶତରୁ ଅଧିକ ବକ୍ସାଇଟ୍ ଭଣ୍ଡାର ଅଛି, ଯାହା ଏସିଆର ସର୍ବୋଚ୍ଚ-ଗ୍ରେଡ୍ ଜମା ମଧ୍ୟରେ ଅନ୍ତର୍ଭୁକ୍ତ। ଏହି ଅଂଚଳରେ ପୂର୍ବରୁ ବାର୍ଷିକ ୭ ନିୟୁତ ଟନ୍ ରୁ ଅଧିକ ମିଳିତ କ୍ଷମତା ସହିତ ଆଲୁମିନା ରିଫାଇନାରୀ, ୨ ନିୟୁତ ଟନ୍ ରୁ ଅଧିକ ଆଲୁମିନିୟମ ସ୍ମେଲ୍ଟର, ୪ ଏଡ ପାଖାପାଖି କ୍ୟାପ୍ଟିଭ୍ ପାୱାର ଏବଂ ପାରାଦୀପ ଏବଂ ଧାମରା ବନ୍ଦରକୁ ରେଳ-ସଂଯୋଜିତ କରିଡର ରହିଛି। ତଥାପି ଭାରତ ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦର ପ୍ରାୟ ୩୫-୪୦ ପ୍ରତିଶତ ଆମଦାନି କରିଚାଲିଛି, ବିଶେଷକରି ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପାଇଁ ଆବଶ୍ୟକ ବିଶେଷ ମିଶ୍ରଧାତୁ। ପ୍ରତି ଦଶ ଲକ୍ଷ ଟନ୍ ଆଲୁମିନା କ୍ଷମତା ସାଧାରଣତଃ ୧୨,୦୦୦ ରୁ ୧୫,୦୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତିକୁ ସମର୍ଥନ କରେ। ଲଜିଷ୍ଟିକ୍ସ, ଏମଏସଏମଇ ନିର୍ମାଣ, ପରିବହନ, ସେବା ଏବଂ ନିଯୁକ୍ତି ପ୍ରଭାବ କଳାହାଣ୍ଡି, ରାୟଗଡା, କୋରାପୁଟ ଏବଂ ବୋଲାଙ୍ଗିରରେ ତିନିରୁ ଚାରି ଲକ୍ଷ ଜୀବିକାକୁ ଛୁଇଁପାରେ - ଯେଉଁ ଜିଲ୍ଲାଗୁଡ଼ିକ ଐତିହାସିକ ଭାବରେ ପ୍ରବାସ ଏବଂ କମ ନିଯୁକ୍ତି ସହିତ ସଂଘର୍ଷ କରିଛନ୍ତି।

ତଥାପି କେବଳ ମେଗା ପ୍ଲାଂଟ ପରିବର୍ତ୍ତନ ଆଣିପାରିବ ନାହିଁ। ବିଶ୍ୱ ସ୍ତରରେ, ଆଲୁମିନିୟମ କ୍ଷେତ୍ରର ୬୦-୬୫ ପ୍ରତିଶତ ନିଯୁକ୍ତି ନିମ୍ନଗାମୀ ଏମଏସଏମଇ - କାଷ୍ଟିଂ, ଏକ୍ସଟ୍ରୁଜନ, ଉପକରଣ-ନିର୍ମାଣ ଏବଂ ଉପକରଣ ଆସେମ୍ବ୍ଲିଂରେ ରହିଛି। ପଶ୍ଚିମ ଓଡ଼ିଶାର ଇକୋସିଷ୍ଟମ ଓଲଟା ରହିଛି: ବଡ଼ ସ୍ମେଲ୍ଟରଗୁଡ଼ିକ ସମ୍ଭାବନାଠାରୁ କମ୍ କାର୍ଯ୍ୟ କରନ୍ତି ଯେତେବେଳେ ସ୍ଥାନୀୟ ଉଦ୍ୟୋଗ କଂଚା-ମାଲ ଲିଙ୍କେଜ୍ ଏବଂ କ୍ରେଡିଟ୍ ପାଇଁ ସଂଘର୍ଷ କରନ୍ତି। ପରିବେଶଗତ ଭାବରେ ଦାୟୀ ଖଣିଗୁଡ଼ିକୁ ଦ୍ରୁତ ଗତିରେ ଟ୍ରାକିଂ କରିବା, ନିମ୍ନଲିଖିତ ଏମଏସଏମଇ ନିବେଶ ସହିତ ଅନୁମୋଦନକୁ ସଂଯୋଗ କରିବା, ସେମିକଣ୍ଡକ୍ଟର-ଗ୍ରେଡ୍ ମିଶ୍ରଧାତୁ ମାନଦଣ୍ଡ ସୃଷ୍ଟି କରିବା ଏବଂ ଉଚ୍ଚ-ମୂଲ୍ୟ ଧାତୁ ପାଇଁ ଉତ୍ସର୍ଗୀକୃତ ଲଜିଷ୍ଟିକ୍ସ କରିଡର ସ୍ଥାପନ କରିବା ଉଦ୍ଦେଶ୍ୟକୁ ଫଳାଫଳରେ ପରିଣତ କରିପାରିବ। ଭାରତର ଡିଜିଟାଲ୍ ଭବିଷ୍ୟତ ବେଙ୍ଗାଲୁରୁରେ କୋଡିଂ କରାଯାଇପାରେ ଏବଂ ଧୋଲେରାରେ ନିର୍ମାଣ କରାଯାଇପାରେ, କିନ୍ତୁ ଏହାର ମୂଳଦୁଆ ପଶ୍ଚିମ ଓଡ଼ିଶାର ବକ୍ସାଇଟ୍ ବେଲ୍ଟରେ ସ୍ଥାପିତ ହେବ।

# କୁଡୁମି-ମହାନ୍ତ ମହାସଭାର ସମ୍ବର୍ଦ୍ଧନା ସଭା



ବାରିପଦା, (ସବ୍ୟୁ) : ସ୍ଥାନୀୟ ଜନାର୍ଦ୍ଦନପୁରଠାରେ ବରିଷ୍ଠ ସଦସ୍ୟ ଆଡଭୋକେଟ ଅବନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ କୁଡୁମି-ମହାନ୍ତ ମହାସଭାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇଜଣ କୁଡୁମି କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧରଣୀଧର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ଡଃ ରଞ୍ଜନ କୁମାର ମହାନ୍ତଙ୍କୁ ତାଙ୍କ ସଂଦର୍ଭ 'ଭାରତବର୍ଷରେ ରାଜନୈତିକ ଦଳଗୁଡିକର କାର୍ଯ୍ୟଧାରା: ୧୯୯୫ ମସିହା ପରବର୍ତ୍ତୀ ଦୃଶ୍ୟପଟର ଅନୁମୋଦନ ପାଇଁ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ତରଫରୁ ପିଏଚଡି ଉପାଧି ପ୍ରଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ଗାଇଡ୍ ଥିଲେ ପ୍ରୋଫେସର ଝରଣା ବେହେରା, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା। ଏ ଦିଗରେ ତାଙ୍କ ସହଧର୍ମିଣୀ ମଧୁସ୍ମିତା ମହାନ୍ତ, ଶ୍ୟାମପାଟଣା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ତାଙ୍କୁ ସହଯୋଗ କରିଥିବା ଯୋଗୁଁ ତାଙ୍କୁ ମଧ୍ୟ ସ୍ୱାଗତ କରାଯାଇଛି। ଏହା ସହିତ କନିଷ୍ଠ ଅଧ୍ୟାପକ ଭାବେ କୃତକାର୍ଯ୍ୟ ହୋଇଥିବା ପ୍ରଭାଶ କୁମାର ମହାନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା ବିନା କୌଣସି ଜାତି ଓ ସମ୍ପ୍ରଦାୟର ବିକାଶ ସମ୍ଭବପର ନୁହେଁ। ତେଣୁ କୁଡୁମିମାନଙ୍କ ବିକାଶ ପାଇଁ ଶିକ୍ଷାର ପ୍ରସାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମହାସଭା ତରଫରୁ କୁହାଯାଇଛି। ଯେଉଁମାନେ ଏହି ସଭାରେ ଉପସ୍ଥିତ ଥିଲେ ସେମାନେ ହେଲେ ମହାସଭାର ସଚିବ ଆଡଭୋକେଟ ବସନ୍ତ କୁମାର ମହାନ୍ତ, ବୈଦ୍ୟନାଥ ମହାନ୍ତ, ପ୍ରୋଫେସର ବସନ୍ତ ମହାନ୍ତ, ଆଡଭୋକେଟ ପଦ୍ମଲୋଚନ ମହାନ୍ତ, କୃପାସିନ୍ଧୁ ମହାନ୍ତ, କୁଡମାଲୀ କାଲଚୁରାଲ ଆସୋସିଏସନର ସଭାପତି ଡ. ଭଞ୍ଜହରି ମହାନ୍ତ ଓ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଆଦିମ୍ କୁଡୁମି ସମାଜର ସଭାପତି ପଦ୍ମଲୋଚନ ମହାନ୍ତ, ପ୍ରୋଫେସର ମାନିକ ଚନ୍ଦ୍ର ମାହାତୋ, ଅଧ୍ୟାପିକା କଳ୍ପନା ମହାନ୍ତ, ଡଃ ଯତୀନ୍ଦ୍ରନାଥ ସିଂହଦେବ ସଚାନ, ଇଂ. ପ୍ରଦୀପ ମହାନ୍ତ, ଆଡଭୋକେଟ୍ ଅଶ୍ୱିନୀ ମହାନ୍ତ, ଅନିଲ କୁମାର ମହାନ୍ତ, ସାନ୍ତ୍ୱନା ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରତିଭା ମହାନ୍ତ ଓ ଅଧ୍ୟାପକ ଗୋପବନ୍ଧୁ ପ୍ରମୁଖ ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଲାଠି ହରିଜନ ସାହିରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି । ମୃତକ ଜଣଙ୍କ ହେଲେ ଗୋଳନ୍ଥରା ଥାନା ଚାନ୍ଦପୁର ଗ୍ରାମର ବାସନ୍ତୀ ଦାସଙ୍କ ଝିଅ ସୋନାଲି ଦାସ(୨୫) । ତେବେ ଅଧିକ ଯୌତୁକ ଦାବିରେ ସୋନିଲିଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ମୃତ ସୋନିଲଙ୍କ ସ୍ୱାମୀ ସିମ୍ପଲ ଦାସ ଓରଫ ସିପୁନ(୨୫)କୁ ଗିରଫ କରି ମାମଲା ନଂ୧୧୪/୨୬ରେ ରବିବାର କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଆଜକୁ ପ୍ରାୟ ଅଢେଇ ବର୍ଷ ପୂର୍ବେ ଲାଠି ବାଉରୀ ସାହିର ସିପୁନ ଚାନ୍ଦପୁରର ସୋନାଲିଙ୍କୁ ପ୍ରେମ ବିବାହ କରିଥିଲେ ଛ ବିବାହର କିଛି ମାସ ପରେ ଏକ ଲକ୍ଷ ଟଙ୍କା ଓ ବାଇକ ଦାବି କରି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ସୋନାଲିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ୬ ତାରିଖ ମଧ୍ୟାହ୍ନରେ ସୋନାଲିଙ୍କ ମୃତ୍ୟୁ ହୋଇ ଯାଇଥିବା ନେଇ ଶ୍ୱଶୁର ଘର ଲୋକେ ଖବର ଦେଇଥିଲେ । ସୋନାଲିଙ୍କ ପରିବାର ଲୋକେ ବ୍ରହ୍ମପୁର ଏମକେସିଜି ମେଡିକାଲରେ ପହଞ୍ଚିବା ପରେ ସୋନାଲିଙ୍କ ମୃତ୍ୟୁ ହୋଇସାରିଥିଲା । ତେବେ ସୋନାଲି ବିଷ ପିଇ ଆତ୍ମହତ୍ୟା କରିଥିବା ତାଙ୍କ ଶ୍ୱଶୁର ଘର ପକ୍ଷରୁ କୁହାଯାଇଥିଲା। ହେଲେ ଅଧିକ ଯେତୁକ ଦାବିରେ ସୋନାଲିଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ତାଙ୍କ ବାପ ଘର ଲୋକେ ଅଭିଯୋଗ କରିବା ପରେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଘଟଣାସ୍ଥଳରୁ ବିଭିନ୍ନ ଜୈବିକ ନମୁନା ଓ ପୋଷାକପତ୍ର ଜବତ କରିଥିଲା । ପରେ ଅଭିଯୁକ୍ତ ସିପୁନଙ୍କୁ ଗିରଫ କରିଥିଲା।

## କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ଆଭାସୀରେ ସାଇବର ଥାନାର ଉଦ୍‌ଘାଟନ

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଗତକାଲି ସନ୍ଧ୍ୟା ୬ ଘଣ୍ଟା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ସାଇବର ଥାନାର ଉଦଘାଟନ କରିଛନ୍ତି। ଏହି ଅବସରରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ, ଗଜପତି ଏସପି ଯତୀନ୍ଦ୍ର ପଣ୍ଡା, ପାରଳା ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଗଜପତି ଜିଲ୍ଲା ଏସପି ଯତୀନ୍ଦ୍ର ନାଥ ପଣ୍ଡା ଏହି ସାଇବାର ଥାନା ଉଦଘାଟନ ପରେ କହିଥିଲେ ଯେ ଅପରାଧୀମାନଙ୍କୁ ଦମନ କରିବା ପାଇଁ ସାଇବର ଥାନାର ଉଦଘାଟନ ସ୍ୱାଗତଯୋଗ୍ୟ ଅଟେ। ଭିନ୍ନ ଭାବେ ସାଧାରଣଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଠକୁଥିବା ସାଇବର ଅପରାଧୀମାନଙ୍କୁ ଜବତ କରିବା ସହ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରିବା ସାଇବର ଥାନାର ମୁଖ୍ୟ କାର୍ଯ୍ୟ ରହିବ। ପାରଳାଖେମୁଣ୍ଡି ଠାରେ ଏହି ସାଇବାର ଥାନାର ଦାୟିତ୍ୱ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଦିଆଯାଇଛି ।

## ଜିଲ୍ଲାସ୍ତରୀୟ ଆନ୍ତଃର୍ଜାତୀୟ ମହିଳା ଦିବସ ପାଳିତ



ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଆନ୍ତଃର୍ଜାତୀୟ ମହିଳା ଦିବସ ଆଜି ପାଳନ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସାରସକଣା ବିଧାୟକ ଭାଦବ ହାଁସଦାଃ ପ୍ରମୁଖ ଉପସ୍ଥିତ ହୋଇ ନାରୀ ଶକ୍ତି ଓ ସୁଭଦ୍ରା ଶକ୍ତି ର ଅନନ୍ୟ ଅନ୍ତର୍ନିହିତ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ । ଚାରି ଜଣ ପ୍ରତିଭା ଶାଳୀ ମହିଳା ଯଥା ଅଞ୍ଜଳି ମିଶ୍ର (ରେଡ଼ିଓ ଓ ଦୂରଦର୍ଶନ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ଟପ୍ପ ଗ୍ରେଡ଼ ଗାୟିକା), ଲକ୍ଷ୍ମୀ ଜେନା (ଶ୍ମଶାନରେ ଶବ ସତ୍କାର କରୁଥିବା ଜଣେ ସାହସୀ ମହିଳା), ଲକ୍ଷ୍ମୀ ପ୍ରିୟା ବେହେରା (ବର୍ଜ୍ୟବସ୍ତୁ ଗାଡି ଚାଳକ), ବାହା ହେମ୍ବ୍ରମ (ରାଜ ମିସ୍ତ୍ରୀ)ଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ବିଭିନ୍ନ ପ୍ରକଳ୍ପର ଶ୍ରେଷ୍ଠ ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଶ୍ରେଷ୍ଠ ସୁପରଭାଇଜର, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ଓ ଶ୍ରେଷ୍ଠ ଅଙ୍ଗନବାଡି ସହକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀ, ଅଙ୍ଗନବାଡି କର୍ମୀ ଓ ସହକର୍ମୀ ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ଓ ଉତ୍କଳ ବାଳାଶ୍ରମ, ଶକ୍ତି ସଦନ ଅନ୍ତେବାସୀ ଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥବା ୮୫ଜଣ ବିଭାଗୀୟ ଅଧିକାରୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ୍, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି, ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ମଞ୍ଚାସୀନ ଥିଲେ। ସଭା ମଞ୍ଚକୁ ବାରିପଦା ଉପଖଣ୍ଡ କାର୍ଯ୍ୟକାରୀ ଅଧିକାରୀ ମିନତୀ ସାହୁ ସଂଚାଳନ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ମହିଳା ଦିବସ
## ଡିହପଢାଳ ପଞ୍ଚାୟତରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ) : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ତାଲୁକ ଆଇନ୍ ସେବା କମିଟି, ଭଞ୍ଜନଗର ପକ୍ଷରୁ ଡିହପଢାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହିଳାମାନଙ୍କ ଅଧିକାର ଓ ସେମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଆଇନ ନିୟମ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷ ସେଖ୍ ମହମ୍ମଦ କଏସ ଅଧ୍ୟକ୍ଷତା କରିଥିଲେ। ମହିଳାମାନଙ୍କ ନିଜ ଅଧିକାର ବିଷୟରେ ସଚେତନ ହେବା ସହ ଆଇନର ସହାୟତା ନେବାର ଆବଶ୍ୟକତା ସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସିନିୟର ସିଭିଲ୍ ଜଜ୍ ଦେବାଶିଷ ବିଶୋଇ, ଏସଡିପିଓ ଡ. ଦୀପକ କୁମାର ମିଶ୍ର, ଅତିରିକ୍ତ ଉପଜିଲ୍ଲାପାଳ ପ୍ରଧାନ ଟୁଲିଆମା, ବିଡିଓ ଭାରତୀ ଦେବୀ, ତାଲୁକ ଆଇନ୍ ସେବା କମିଟିର ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଳକା ମଞ୍ଜରୀ ପଟ୍ଟନାୟକ ଏବଂ ଡିହପଢାଳ ପଞ୍ଚାୟତର ସରପଞ୍ଚ ରୋଜି ବରାଡ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଘରୋଇ ହିଂସା ନିରୋଧ ଆଇନ, ଦହେଜ ନିରୋଧ ଆଇନ, ପୋକସୋ ଆଇନ, ଭିକ୍ଟିମ୍ କମ୍ପେନସେସନ୍ ସ୍କିମ୍ ଏବଂ କାର୍ଯ୍ୟସ୍ଥଳରେ ମହିଳାଙ୍କ ଉପରେ ଯୌନ ଉତ୍ପୀଡନ ନିରୋଧ ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଉପସ୍ଥିତ ବକ୍ତାମାନେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପାଇଁ ଆଇନର ସହାୟତା ନେବା ଓ ସମାଜରେ ସଚେତନତା ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ମାନେ ନିଜ ଅଧିକାର ଓ ଆଇନ ସହାୟତା ବିଷୟରେ ସଚେତନ ହୋଇ ପାରିବେ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି ।

## ବରିଷ୍ଠ ରାଜନେତା ମଦନ ଦୋରାଙ୍କ ଦେହାନ୍ତ



ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକର ବରିଷ୍ଠ ରାଜନେତା ମଦନ ଗୋପାଳ ଦୋରା(୭୦)ଙ୍କ ରବିବାର ସକାଳେ ବିୟୋଗ ଘଟିଛି । ସ୍ୱର୍ଗତ ଦୋରା ଗୋଲିଆ ପଞ୍ଚାୟତରୁ ଚାରିଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଜନତା ଦଳରୁ ରାଜନୀତି ଜୀବନ ଆରମ୍ଭ କରି ବହୁ ବର୍ଷ ଧରି ବୁଗୁଡ଼ା ବ୍ଲକ ବିଜେଡି ସଭାପତି ଦାୟିତ୍ୱ ତୁଲାଇ ସରକାର ପରିବର୍ତ୍ତନ ପରେ ବିଜେପିରେ ସାମିଲ ହୋଇଥିଲେ। ପୂର୍ବରୁ ତାଙ୍କର ହାର୍ଟ ଅପରେସନ ହୋଇଥିଲାବେଳେ କିଛି ଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଶନିବାର ଦିନ ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ଆଜି ସକାଳ ୭ଟା ସମୟରେ ତାଙ୍କର ବିୟୋଗ ଘଟିଥିଲା । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି । ତାଙ୍କ ବିୟୋଗରେ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଶୋକବ୍ୟକ୍ତ କରିଥିବା ବେଳେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

## ଶିମିଳିପାଳରୁ ଏଆଇ କ୍ୟାମେରା ଦ୍ୱାରା ଧରାପଡିଲେ ପୁଣି ୪ ଶିକାରୀ

ବାରିପଦା, (ସବ୍ୟୁ) : ପୁଣି ଶିମିଳିପାଳରୁ ଏଆଇ କ୍ୟାମେରା ଦ୍ୱାରା ଶିକାରୀଙ୍କୁ ଧରିବାରେ ସଫଳ ହୋଇଛି ବନବିଭାଗ । ତିନିଜଣ ଶିକାରୀ ଦେଶୀ ବନ୍ଧୁକ ଧରି ଶିମିଳିପାଳ ଅଭୟାରଣ୍ୟର ଡୁକୁରା ବନାଞ୍ଚଳ ରେଞ୍ଜ ଅଞ୍ଚଳକୁ ବନ୍ୟଜନ୍ତୁ ଶିକାର ପାଇଁ ପ୍ରବେଶ କରିଥିଲେ। ମାତ୍ର ଶିମିଳିପାଳର ବିଭିନ୍ନ ସ୍ଥାନରେ ଲାଗିଥିବା ଏଆଇ କ୍ୟାମେରାରୁ ଶିକାରୀଙ୍କ ପ୍ରବେଶ ଦେଖି ବନବିଭାଗ ପକ୍ଷରୁ ଅତର୍କୀତ ଚଢଉ କରାଯାଇ ଶିମିଳିପାଳରୁ ୪ ଶିକାରୀ ବଡସାହି ଥାନା ଅଞ୍ଚଳର ସୁନିଲ ଭକ୍ତ (୨୫), ସହଦେବ ମଲ୍ଲିକ (୨୦), ରାମଚନ୍ଦ୍ର ହାଁସଦାଃ (୨୫) ଓ ଧିରେନ୍ଦ୍ର ମଲ୍ଲିକ(୨୪)ଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରାଯାଇଥିଲା । ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ।

## ଉତ୍କଳ ବାଳାଶ୍ରମରୁ ନିଖୋଜ ଦୁଇ ନାବାଳିକା ଉଦ୍ଧାର

ବ୍ରହ୍ମପୁର, (ସବ୍ୟୁ): ଗୋସାଣୀନୂଆଗାଁ ଥାନା ଅନ୍ତର୍ଗତ ଉତ୍କଳ ବାଳାଶ୍ରମରୁ ଗତ ୫ ତାରିଖରେ ନିଖୋଜ ହୋଇଯାଇଥିଲେ। ଉକ୍ତ ବାଳାଶ୍ରମର ଅଧ୍ୟକ୍ଷା ସସ୍ମିତା ରାଣୀ ପାଢ଼ୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ୮୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଟିମ ଉଭୟ ନାବାଳିକାଙ୍କୁ ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ସିଡ଼ାମାଡ଼ମ ଗ୍ରାମରୁ ଉଭୟଙ୍କୁ ଥାନା ଏସଆଇ ଗୌରବ ରଞ୍ଜନ ଦାଶ ଓ ତାଙ୍କ ଟିମ ଉଦ୍ଧାର କରିଛି। ଏନେଇ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ରବିବାର ସୂଚନା ଦେଇଛନ୍ତି। ନାବାଳିକା ମାନେ ନିକଟରେ ବ୍ରହ୍ମପୁରରେ ଭିକ୍ଷାବୃତ୍ତି କରୁଥିବା ଅବସ୍ଥାରେ ପୋଲିସ ଦ୍ୱାରା ଉଦ୍ଧାର ହୋଇ ଶିଶୁ କଲ୍ୟାଣ କମିଟିଙ୍କ ନିର୍ଦ୍ଦେଶ କ୍ରମେ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲେ। କିନ୍ତୁ ବାଳାଶ୍ରମର ସୁରକ୍ଷା ବ୍ୟବସ୍ଥା ଢିଲା ରହିଥିବା ବେଳେ ସେମାନେ ସେଠାରୁ କୌଶଳକ୍ରମେ ଖସି ପଳାଇଥିଲେ ।

## ଡ୍ରିମ୍ସରେ ଆନ୍ତର୍ଜାତିକ ମହିଳା ଦିବସ



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁକ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଡାକ୍ତର ଓ ମହିଳା ପଦାଧିକାରୀଙ୍କଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସୁସ୍ଥ ସମାଜ ଓ ରାଷ୍ଟ୍ର ନିର୍ମାଣ ରେ ମହିଳା ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ଡ୍ରିମ୍ସ ମେଡିକାଲ କଲେଜର ଡିନ୍ ପ୍ରଫେସର ଡା. ବିରଂଚି ନାରୟଣ ମହାପାତ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ଡା. ଶର୍ମିଷ୍ଠା ସ୍ୱାଇଁ, ଡା. ପ୍ରତିମା କୁମାରୀ ସାହୁ ଯୋଗଦେଇ ମହିଳା ଦିବସର ଅନୁଚିନ୍ତା ସଂପର୍କରେ କହିଥିଲେ । ଏହି ଅବସରରେ କେକ୍ କଟାଯାଇଥିଲା । ଡା. ପ୍ରଜ୍ଞଦା ରୁଚାଯୋଶୀ ଓ ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୫ତମ ରାଜ୍ୟ ଆମ୍ବିକନ୍ ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ମେଡିକାଲ କଲେଜର ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରିଥିଲେ ।

## ତତ୍ତ୍ୱମସି ପ୍ରତିଷ୍ଠାନର ସ୍ୱନକ୍ଷତ୍ର ଓ ବାର୍ଷିକ ଉତ୍ସବ ଉଦୟାବର୍ତ୍ତ

ବାରିପଦା, (ସବ୍ୟୁ) : ସାହିତ୍ୟ, ସେବା ଓ ସାଧୁତାର ବାର୍ତ୍ତାବହ ତତ୍ତ୍ୱମସି ପ୍ରତିଷ୍ଠାନର ତୃତୀୟ ସ୍ୱନକ୍ଷତ୍ର ଓ ବାର୍ଷିକ ଉତ୍ସବ ଉଦୟାବର୍ତ୍ତ ସ୍ଥାନୀୟ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରତିଷ୍ଠାନର ପୂର୍ବତନ ସଭାପତି ଆଶିଷ କୁମାର ବଶା ପୌରୋହିତ୍ୟ କରିଥିବାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଂଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟକୁ ଉଦ୍ଘାଟନ କରିଥିଲେ। ଏଥିରେ ବାରିପଦାର ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ମୁଖ୍ୟବକ୍ତା ଓ ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଓଡିଶା ସାହିତ୍ୟ ଏକାଡେମିର ପୂର୍ବତନ ସଦସ୍ୟ ଡଃ ରମାକାନ୍ତ ସିଂଘ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ପୁରୀର ସୁରକ୍ଷା ନେଚୁରାଲ ହେଲଥ କେୟରର ଅଧ୍ୟକ୍ଷ ଡାକ୍ତର ରାଧେଶ୍ୟାମ ରଥ ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡଃ ଯଦୁନାଥ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଂଙ୍କ ବକ୍ତବ୍ୟରେ କ୍ଷୋଭ ପ୍ରକାଶ କରିଥିଲେ ଯେ ସମ୍ପ୍ରତି ଭୋଗବାଦୀ ସମାଜରୁ ପ୍ରକୃତ ସମାଜସେବା ଓ ସାଧୁତା ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଆଜିର ସାହିତ୍ୟ ସ୍ୱଚ୍ଛ ସେବା ଓ ସାଧୁତାର ଜୟଗାନ କରି ଭ୍ରଷ୍ଟ ସମାଜକୁ ସେବା ତଥା ସାଧୁତା ପ୍ରତି ପ୍ରୋତ୍ସାହିତ କରିବା ନିତ୍ୟାନ୍ତ ଆବଶ୍ୟ ଓ ସେହିପରି ଏକ ମହତ୍ ପ୍ରୟାସ ତତ୍ତ୍ୱମସି ପ୍ରତିଷ୍ଠାନ ଆରମ୍ଭ କରିଥିବାରୁ ସମସ୍ତେ ଭୂୟଃ ଭୂୟଃ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ରାଜେନ୍ଦ୍ର ସାମଲ ସମ୍ପାଦକ କାର୍ଯ୍ୟ ନିର୍ବାହ କରି ଅନୁଷ୍ଠାନର ଆଭିମୁଖ୍ୟ ଓ ବାର୍ଷିକ ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ସଦସ୍ୟ ତଥା କ୍ଷେତ୍ରବାସୀ ଡିଏଭି କଲେଜ, ନିରାକାରପୁର, ଖୋର୍ଦ୍ଧାର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ ପ୍ରଭାତ କୁମାର ସାହୁ ସମ୍ପୂର୍ଣ୍ଣ ମଂଚ ସଂଚାଳନା କରିଥିଲେ ଏବଂ ଏମ.ଏସ୍.ସି. ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ସହକାରୀ ପ୍ରଫେସର ଡଃ ବିଚିତ୍ରନାଥ ସାହୁ ଅତିଥିମାନଂଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥିଂଙ୍କ ଦ୍ୱାରା ପ୍ରତିଷ୍ଠାନର ବାର୍ଷିକ ମୁଖପତ୍ର ଦର୍ପଣ-୨୦୨୬ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ସାହିତ୍ୟକ କୃଷ୍ଣଚନ୍ଦ୍ର ମିଶ୍ରଂଙ୍କୁ ତତ୍ତ୍ୱମସି ସାହିତ୍ୟ ସମ୍ମାନରେ, ସମର୍ପିତ ସେବକ ଡାକ୍ତର ରାଧେଶ୍ୟାମ ରଥଂଙ୍କୁ ତତ୍ତ୍ୱମସି ସେବା ସମ୍ମାନରେ ତଥା ସେବାନିବୃତ୍ତ ବର୍ଷୀୟାନ୍ ଆଇ.ଏ.ଏସ୍ ଅଫିସର ଶଶଧର ପାଣିଗ୍ରାହୀଂଙ୍କୁ ତତ୍ତ୍ୱମସି ସାଧୁତା ସମ୍ମାନରେ ସମ୍ମାନିତ କରାଇଥିଲା। ପ୍ରତ୍ୟେକଂଙ୍କୁ ମାନପତ୍ର, ଉପଢୌକନ, ଟ୍ରଫି ସହ କିଛି ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡଃ ସଂଜୀବ କୁମାର ପାଣିଗ୍ରାହୀ, ପାର୍ବତୀ ଦେ, ରାଜକୁମାର, ସୌମ୍ୟା ଦାସ, ଡଃ ଦୀପାଂଜଳି ଭଂଜ ଓ ରାକେଶ ସିଂ ପ୍ରମୁଖ ସହଯୋଗ କରିଥିଲେ। ରାଜ କିରଣ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅନେକ ଲେଖକ, ସାହିତ୍ୟକ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ୟୁରୋ ସ୍କୁଲର 'ଆରୋହଣ' ସପ୍ତମ ବାର୍ଷିକୋତ୍ସବ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ୟୁରୋ ସ୍କୁଲର ସପ୍ତମ ବାର୍ଷିକୋତ୍ସବ 'ଆରୋହଣ' ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶକ୍ତି-ଏନ୍-ଏଜୁକେସନ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟ ପ୍ରତିଷ୍ଠାତା ସୌଦାମିନୀ ମହାପାତ୍ର ଓ ଭାସ୍କର ମହପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୧୮ ମସିହାରେ ଛତ୍ରପୁର ସହରରେ ଖୋଲିଥିବା ଏଭଳି ଏକ ଅନ୍ତର୍ଜାତୀୟସ୍ତରର ଅନୁଷ୍ଠାନ ଦ୍ୱାରା ପରିଚାଳିତ ୟୁରୋ ସ୍କୁଲରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସେମାନଙ୍କ ମାନସିକ ଓ ଶାରୀରିକ ବିକାଶରେ ବି ସହାୟକ ହୋଇପାରିବ । ଏହାସହ ଲୁକ୍କାୟିତ ପ୍ରତିଭା ବି ଲୋକଲୋଚନକୁ ଆସିପାରିବ, ଆମେ ଦେଖି ଆସିଛୁ ଅନୁଷ୍ଠାନ ପ୍ରଥମେ ୫୦ ପିଲାଙ୍କୁ ନେଇ ପାଠ ପଢ଼ା ଆରମ୍ଭ କରିଥିଲା । ଆଜି ଅନୁଷ୍ଠାନର ସଫଳ କାର୍ଯ୍ୟକ୍ରମ ଲାଗି ୮ ଶହରୁ ଅଧିକା ପିଲା ଅଧ୍ୟୟନ କରୁଛନ୍ତି । ମୋ ଅଞ୍ଚଳରେ ଏହିପରି ଅନୁଷ୍ଠାନ ପାଇଁ ମୁଁ ଗର୍ବ କରିବା ସହ ଏଠାରେ ପାଠ ପଢୁଥିବା ପିଲାଙ୍କ ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କରୁଛି । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅଭିଭାବକ ତଥା ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍ ଶକ୍ତି-ଏନ୍-ଏଜୁକେସନ୍ ଆଣ୍ଡ୍ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଯୁଗୋପଯୋଗୀ ଶିକ୍ଷା ପ୍ରାଦନ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଥିବା ବେଳେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବେଶ୍ ଉତ୍ସାହିତ ହୋଇଥିବା ସହିତ ସ୍କୁଲ୍ ମ୍ୟାନେଜମେଂଟକୁ କୃତଜ୍ଞତା ଜଣାଇଛନ୍ତି । ଅନ୍ୟତମ ସମ୍ମାନିତ ଅତିଥି ଅଭିଭାବକ ତଥା ଗଞ୍ଜାମ ଏସ୍.ପି. ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି, ସିବିଏସଇ ସ୍ୱୀକୃତିପ୍ରାପ୍ତ ଦ୍ୱାଦଶ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ଛତ୍ରପୁର ସହରର ପ୍ରଥମ ଶିକ୍ଷାନୁଷ୍ଠାନ ଏହି ବିଦ୍ୟାଳୟ ଗୌରବ ହାସଲ କରିଥିବା ବେଳେ ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ସହିତ ଜେଇ ଓ ନିଟ୍ ପାଠ୍ୟକ୍ରମ ପାଇଁ ସୁବିଧା ଉପଲବ୍ଧ ରହିଛି ।ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ରହିଛି । ସ୍ୱତନ୍ତ୍ର ଅତିଥି ଭାବେ ଘୁମୁସର ଭଞ୍ଜନଗର ଡ଼ିଏଫଓ ବିପଶା ପାରଲୋ ଏବଂ ଜିଲ୍ଲାପାଳଙ୍କ ପତ୍ନୀ ତଥା ଅଭିଭାବିକା ପବିତ୍ରା ଅନୁଷ୍ଠାନର ଏକାଡେମୀ ନିର୍ଦ୍ଦେଶକ ପି.କେ. ମିଶ୍ର ବାର୍ଷିକ ବିବରଣୀରେ ୨୦୧୮ ମସିହାରୁ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବେଳେ ଅନଲାଇନ୍ ମାଧ୍ୟମରେ ଶିକ୍ଷାଦାନ କ୍ଷେତ୍ରରେ ଏହି ଅନୁଷ୍ଠାନ କାଇଟସ୍ ପ୍ରଡକ୍ସନ୍ ସଂସ୍ଥା ପକ୍ଷରୁ 'ଏସିଆନ୍ ଏକ୍ସେଲେସନ୍-୨୦୨୦' ସମ୍ମାନରେ ସମ୍ମାନିତ ହୋଇଛି ଛ ୨୦୨୦-୨୧ରେ ଡିଜିଟାଲ୍ କ୍ଲସରୁମ୍, ସ୍ମାର୍ଟକୋଚିଂ, ମୌଖିକ ଶିକ୍ଷାଶୈଳୀ ଓ ଗ୍ରୁପ୍ ଆଲୋଚନା ସମେତ ବିଭିନ୍ନ କାର୍ଯ୍ୟକ୍ରମକୁ ବେଙ୍ଗାଲୁରୁର 'ଇମେଜ୍ ପ୍ଲାନେକ୍ସ'ସଂସ୍ଥା ତରଫରୁ ପ୍ରଶଂସାପତ୍ର ମିଳିଛି । ଏହାସହ ଏହି ଅନୁଷ୍ଠାନ ଶ୍ରେଷ୍ଠ ଏମର୍ଜିଂ ପ୍ରାଇମେରି ସ୍କୁଲ ଇନ୍ ଛତ୍ରପୁର ନାମରେ ପୁରସ୍କୃତ ହୋଇଛି । ଏହାସହ ଅନୁଷ୍ଠାନର ଗଲାବର୍ଷ ପ୍ରଥମ ବ୍ୟାଚ୍ ଦଶମ ଶ୍ରେଣୀ ପରୀକ୍ଷାରେ ୨୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରି ୬ ଜଣ ଛାତ୍ରଛାତ୍ରୀ ୯୬ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୮ ଜଣ ୯୦ ପ୍ରତିଶତ ଏବଂ ବାକି ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ କମ୍ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି ।ପ୍ରିନ୍ସପାଲ ତପସ୍ୱିନୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ପ୍ରଥମ ଶ୍ରେଣୀଠୁ ଏକାଦଶ ଶ୍ରେଣୀର ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଟପରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ସର୍ବଭାରତ ସ୍ତରରେ ସିଲଭର ଜୋନ୍ ଅଲମ୍ପିଆଡ୍ ପରୀକ୍ଷା ଅନୁଷ୍ଠାନର ତୃତୀୟ ଶ୍ରେଣୀ ଛାତ୍ରୀ ନ୍ୟାସା ପଟ୍ଟନାୟକ ପ୍ରଥମ ହୋଇଥିବାରୁ ତାଙ୍କୁ ମଧ୍ୟ ପୁରସ୍କାର କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପୃଷ୍ଠପୋଷକ ସସ୍ମିତା ମହାପାତ୍ର ପରିଚାଳନା କରିଥିଲେ । ସେହିପରି ଉତ୍ତମ ଶିକ୍ଷାଦାନ ଓ ଦାୟିତ୍ୱବନ ପାଇଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ପକ୍ଷରୁ ସ୍କୁଲ ଅଧ୍ୟକ୍ଷ ଓ ମୁଖ୍ୟ ପୃଷ୍ଠପୋଷକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସେହିପରି ସୁନାମଧାନ୍ୟ କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକଙ୍କ ଟ୍ରୁପ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡିଆ ଚଳଚିତ୍ରର ହାସ୍ୟ ଅଭିନେତା 'ବ୍ଲାକ୍ ରବି'ଙ୍କ ମଜାଳିଆ କମେଡି ଏବଂ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି, ଅଭିନେତ୍ରୀ ଶୀତଲ ପାତ୍ର ଙ୍କ ଅଭିନୟ ଯାଦୁରେ ଝୁମିଲେ ଅଭିଭାବକ ଏବଂ ବିଦ୍ୟାର୍ଥୀ ଝ ଏହା ସହିତ ଅର୍ପିତା ପଣ୍ଡାଙ୍କ ସଂଗୀତରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବେଶ୍ ମଜା ଉଠାଇଥିଲେ । ଅନୁଷ୍ଠାନର ନୃତ୍ୟ ଶିକ୍ଷକ ପୂର୍ଣ୍ଣଞ୍ଜୟ ଜେନାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା ।

## ବାଲିମେଦ ପଞ୍ଚାୟତର ଦୋଳ ମହୋତ୍ସବ ଉଦ୍‌ଘାଟିତ



ବାସୁଦେବପୁର , (ସବ୍ୟୁ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତର ମେଳନ ପଡିଆର ଦୋଳ ମହୋତ୍ସବ ୨୦୨୬ ଉଦଘାଟିତ ହୋଇ ଯାଇଅଛି । ଆୟୋଜିତ ଦ୍ୱିତୀୟ ବାର୍ଷିକ ଦୋଳ ଉତ୍ସବକୁ ମୁଖ୍ୟ ଅତିଥି ସମୟର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଆୟୋଜିତ ସଭାର ଶ୍ରୀ ମହାପାତ୍ର କହିଥିଲେ ଆମର ସଂସ୍କୃତି ଓ ପାରମ୍ପରିକ ଉତ୍ସବ ଏକତା ଡୋରିରେ ଆମକୁ ବାନ୍ଧି ରଖେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇକହିଥିଲେ ଗାଁ ଗଣ୍ଡାର ପ୍ରଚଳିତ ସାଂସ୍କୃତିକ, ପାରମ୍ପରିକ ପର୍ବ ଆମକୁ ଭାଇଚାରାର ଝଲକ ମଧ୍ୟରେ ଭେଦଭାବ ଭୁଲି ଏକତା ଡୋରୀରେ ବାନ୍ଧି ରଖେ । ବରେଣ୍ୟ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ବିଜେପିର ବିଧାନସଭାର ନେତା ବାଣୀକଲ୍ୟାଣ ମହାନ୍ତି, ସୁଶିଲ କୁମାର ମହାନ୍ତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଦୋଳ ମହୋତ୍ସବ କମିଟିର ସଭାପତି ସୋମନାଥ ମହାକୁଡ ଓ ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ ଯୋଗଦେଇ ଉଦବୋଧନ ଦେଇଥିଲେ । ନରେନ ବିଶ୍ୱାଳ ଆୟୋଜିତ ସଭାରେ ସଂଯୋଜନା କରିଥିଲେ । ଦୋଳ ମେଳନ କମିଟି ପକ୍ଷରୁ କିଛି ପୁରାତନ କଳାକାରମାନଙ୍କୁ ଟ୍ରଫି ଓ ଉପୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଦୋଳ ମହୋତ୍ସବ ଦେଖିବାକୁ ହଜାର ହଜାର ଲୋକମାନଙ୍କ ସମାଗମ ହୋଇଥିଲା ।

# ଡେବ୍ରିଗଡ ଅଭୟାରଣ୍ୟରେ ଭାରତୀୟ ଗୟଳ ଫେଷ୍ଟ

ସମ୍ବଲପୁର, (ସବ୍ୟୁ): ହୀରାକୁଦ ବନ୍ୟାପ୍ରାଣୀ ଡିଭିଜନ ଅନ୍ତର୍ଗତ ଡେବ୍ରିଗଡ ଅଭୟାରଣ୍ୟରେ ରବିବାର ୨ୟ ଭାରତୀୟ ଗୟଳ ଫେଷ୍ଟ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ରାତ୍ରୀକାଳିନ ଶିବିରକୁ ସାମିଲ କରାଯାଇଥିବା ବେଳେ ଅଂଶଗ୍ରହଣକାରୀ ମାନେ ଘଞ୍ଚ ଅଭୟାରଣ୍ୟର ଅନୁଭୂତି ହାସଲ କରିଥିଲେ । ଏହି ଅବସରରେ ଭାରତୀୟ ଗୟଳ ପ୍ରାମାଣିତ ଚିତ୍ର ପ୍ରଦର୍ଶନ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମାନଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ, ଚଳିତ ଗୟଳ ସଂରକ୍ଷଣ ଓ ସୁରକ୍ଷା ଉପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବନବିଭାଗର କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଭୟାରଣ୍ୟରେ ସଫାରୀ ଓ ଶିବିରରେ ସପ୍ତର୍ଷି ମଣ୍ଡଳକୁ ଦେଖିବା ସୁବିଧା ମିଳିଥିଲା । କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ବିଶେଷଜ୍ଞ ଡ. ଶଙ୍କର , ଡିଏଫଓ ଅଂଶୁପ୍ରଜ୍ଞା ଦାସଙ୍କ ସମେତ ସମ୍ବଲପୁର, ବରଗଡ, ବଲାଙ୍ଗୀର, ଝାରସୁଗୁଡା, ସୋନପୁର ସମେତ ଅନ୍ୟ ଜିଲା ଓ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମର ଅଧିବାସୀ ମାନେ ଯୋଗ ଦେଇଥିଲେ । ଆସନ୍ତାକାଲି ଏହି କାର୍ଯ୍ୟକ୍ରମରେ ବାହୁଡି ଦ୍ୱୀପ ପରିଭ୍ରମଣର ବ୍ୟବସ୍ଥା ରହିଛି । ସୂଚନାଯୋଗ୍ୟ, ଅଭୟାରଣ୍ୟରେ ୮୪୮ ଗୟଳ ଅଛନ୍ତି । ଯାହାକି ଗତବର୍ଷ ତୁଳନାରେ ୧୯୦ ଅଧିକ ଅଟେ ।

## ଲୋୟର ସୁକତେଲ ଡ୍ୟାମ ଅଞ୍ଚଳର ଉନ୍ନତି ପାଇଁ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ୧୨ଟି ପ୍ରସ୍ତାବ ପ୍ରଦାନ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାର ସର୍ବବୃହତ ଜଳସେଚନ ପ୍ରକଳ୍ପ ଭାବେ ଗଢି ଉଠିଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଜିଲ୍ଲା ପାଇଁ ଏକ ଐତିହାସିକ ପଦକ୍ଷେପ । ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଥିବା ସହ ଅନେକ ପରିବାର ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇ ପୁନର୍ବାସ ଓ ଥଇଥାନ କଲୋଣୀରେ ବସବାସ କରୁଛନ୍ତି । ପ୍ରକଳ୍ପ ନିର୍ମାଣ ସମୟରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରିଥିବା ଅଞ୍ଚଳର ଅନେକ ଅଂଶ ଉଜୁଡି ଯାଇଛି । ଏହି ଅଂଚଳକୁ ପୁନଃ ଉନ୍ନତି କରି ଓଡିଶାର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଭାବେ ଗଢି ତୋଳାଯାଇପାରିବ । ଏହା ମାଧମରେ ଅଞ୍ଚଳର ଅନେକ ଲୋକଙ୍କ ପାଇଁ ଲୋକଙ୍କର ରୋଜଗାର ସୃଷ୍ଟି ହେବା ସହ ସାମାଜିକ ସାଂସ୍କୃତିକ ଉନ୍ନତି ମଧ୍ୟ ସମ୍ଭବ । ବନଦୁର୍ଗା ମହୋତ୍ସବ କମିଟି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କ ସହ ଆଲୋଚନାରେ ଏହା ମତ ପ୍ରକାଶ ପାଇଥିଲା । ଟିଟିଲାଗଡ ବିଧାୟକ ନବୀନ ଜୈନ ମଧ୍ୟ ଉପସ୍ଥିତ ଥିଲେ । କମିଟି ନିଷ୍ପତ୍ତି ଅନୁଯାୟୀ ୧୨ଗୋଟି ପ୍ରସ୍ତାବ ଯଥା ସୁକତେଲ ଡ୍ୟାମ ତଳି ଅଂଚଳରେ ଥିବା ଖେଳ ପଡିଆକୁ ଉଚ୍ଚ ମାନର ଷ୍ଟାଡିୟମ, ବାବା ବର୍ଫାନି ମହାଦେବ ମନ୍ଦିର ଏବଂ ବନଦୁର୍ଗା ମନ୍ଦିର ନିର୍ମାଣ ପାଇଁ ୧୦୦ କୋଟି ଅନୁଦାନ, ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ୧୦୦ରୁ ଅଧିକ ଷ୍ଟଲ, ଫଳ ଓ ଔଷଧୀୟ ଉଦ୍ୟାନ, ମୟୁର ଓ ଅନ୍ୟାନ୍ୟ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ଏକ ପାହାଡକୁ ସୁରକ୍ଷିତ ପକ୍ଷୀ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ, ଏକ ଅତିଥି ନିବାସ ସହ କନ୍ଫରେନ୍ସ ହଲ ନିର୍ମାଣ, ସୁକତେଲ ଡ୍ୟାମକୁ ସଂଯୋଗ କରୁଥିବା ବଲାଙ୍ଗିର ପାଟଣାଗଡ ରାସ୍ତାରେ ବାରପୁଡୁଗିଆ ଛକ ନିକଟରେ ଉଚ୍ଚ ସୁକତେଲ ଗେଟ ନିର୍ମାଣ, ଲର୍କିପାଲି ଆର.ଆର. କଲୋନି ବିଦ୍ୟାଳୟକୁ ଉନ୍ନତି ଉଚ୍ଚ ବିଦ୍ୟାଳୟ (ଯୁକ୍ତ ଦୁଇ), ସମସ୍ତ ଆର.ଆର. କଲୋନିରେ ସାମାଜିକ ସାଂସ୍କୃତିକ କାର୍ଯ୍ୟ ପାଇଁ ସ୍ଥାୟୀ କଲ୍ୟାଣ ମଣ୍ଡପ ୨ କୋଟି ଅନୁଦାନ, ସମସ୍ତ କଲୋନିରେ ସ୍ଥାୟୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ ଓ ସ୍ୱାସ୍ଥ୍ୟସେବା ପାଇଁ ଆରୋଗ୍ୟ ମନ୍ଦିର ନିର୍ମାଣ କରିବା ଆଦି ବିଭିନ୍ନ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଆଲୋଚନାରେ ସଭାପତି ସଂଜୟ ଗଡତ୍ୟା, ସଂପାଦକ ଜୟକୃଷ୍ଣ ମିଶ୍ର, ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସହ-ସଂପାଦକ ବିକାଶ ରଂଜନ ରଥ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ସ୍ୱେଚ୍ଛାସେବୀ ବିଶ୍ୱଜିତ ନାଥ, ଶାନ୍ତନୁ ସିଂ, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା, ପ୍ରମୋଦ ପଟେଲ, ଗିରିଧାରୀ ପୁଟା, ସଦାନନ୍ଦ ମହଲା ପ୍ରମୁଖ ଭାଗ ନେଇଥିଲେ ।

## ମନରେଗା ମାଟିକାମରେ ଦୁର୍ନୀତି ଅଭିଯୋଗ ଘଟଣା

# ଜିଲ୍ଲା ପ୍ରଶାସନର ତଦନ୍ତ ଆରମ୍ଭ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗାଁରେଇ ପଞ୍ଚାୟତ ଅସୁରମୁଣ୍ଡା ଗ୍ରାମରେ ମନରେଗା ମାଟିକାମରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ତନାଘନା ତଦନ୍ତ ଆରମ୍ଭ ହୋଇଥିଲା। ଅସୁରମୁଣ୍ଡା ଗ୍ରାମର ଗୋଟିଏ ଗୋଷ୍ଠୀର ଅଭିଯୋଗ ମୁତାବକ ଗ୍ରାମରେ ଥିବା ଏକମାତ୍ର ଗୋଚରମୁଣ୍ଡା ମହାବନ୍ଧରେ ମନରେଗା ଯୋଜନାରେ ମାଟି କାମ ହେଉଥିଲା। ଏହି ବନ୍ଧକୁ ମହୁଲମୁଣ୍ଡା ଓ ଗୋଚରମୁଣ୍ଡା ପରି ତିନୋଟି ନାମ ଦେଇ ସରପଞ୍ଚ ସବିତା ବିଭାର,ତାଙ୍କ ସ୍ୱାମୀ ଡୋଳାମଣି ଛୁରା ଓ ଗାଁସାଥୀ ରାଧାକାନ୍ତ ଗହୀର ବିନା କାମରେ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ହଡ଼ପ କରୁଥିବା ଗ୍ରାମର କିଛି ବ୍ୟକ୍ତି ପ୍ରଥମେ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରି ତଦନ୍ତ ଦାବୀ କରିଥିଲେ। ବିଡ଼ିଓଙ୍କୁ ଅଭିଯୋଗ କରିବାରୁ ସରପଞ୍ଚଙ୍କ ସ୍ୱାମୀ ଡୋଳାମଣି ଛୁରା ଅଭିଯୋଗକାରୀମାନଙ୍କୁ ଅଶ୍ଳୀଳ ଗାଳିଗୁଲଜ କରି ହତ୍ୟା ଧମକ ଦେଉଥିବା ଏହାର ପ୍ରତିବବାରେ ଅନ୍ୟ ଏକ ଗୋଷ୍ଠୀ ଅଭିଯୋଗ କରି ସେମାନେ ଥାନାରେ ମଧ୍ୟ ଏକ ଲିଖିତ ଏତଲା ଦେଇଥିଲେ। ଅସୁରମୁଣ୍ଡା ଗ୍ରାମର ଉଭୟ ପକ୍ଷର ଅଭିଯୋଗକୁ ନେଇ ମୁରିବାହାଲ ବ୍ଲକ ପ୍ରଶାସନ ପକ୍ଷରୁ ତନାଘନା ହୋଇଥିଲା । ଜିଲ୍ଲା ପ୍ରଶାସନ ଶନିବାର ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ ଦଳ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନର ତଦନ୍ତ ପରେ ଘଟଣାର ସତ୍ୟତା ଓ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଦେଖିବାକୁ ବାକି ରହିଲା।

# ମାଗଣା ଡାଇବେଟିସ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର.(ସବ୍ୟୁ): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ଏବଂ ମାଇକ୍ରୋ ଲେବ ଫାର୍ମା କମ୍ପାନୀ ତରଫରୁ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମେଡିକାଲ ଷ୍ଟୋରରେ ମାଗଣା ମଧୁମେୟ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ଫ୍ରେଣ୍ଡସ କ୍ଲବର ସଭାପତି ଲୋଟସ ଷଡ଼ଙ୍ଗୀ ଉଦଘାଟନ କରିଥିଲେ। ସ୍ୱାସ୍ଥ୍ୟ ଶିବିରରେ ବରିଷ୍ଠ ଡ଼ାକ୍ତର ବଳରାମ ପାଣିଗ୍ରାହୀ, ପୂର୍ବତନ ସିଡିଏମଓ ଡ଼ଃ ସୁଚେତା ପାଣି, ଚକ୍ଷୁ ବିଶେଷଜ୍ଞ ଡ଼ଃ ବିଷ୍ଣୁ ପ୍ରସାଦ ମିଶ୍ର, ଡ଼ଃ ସିଦ୍ଧାର୍ଥ ଶଙ୍କର ପାଣିଗ୍ରାହୀ ଯୋଗଦେଇ ରୋଗୀଙ୍କୁ ସେବା ଯୋଗେଇ ଥଲେ । ଶିବିରରେ ଡାଇବେଟିସ, ବ୍ଲଡ଼ ପ୍ରେସର, ଏଚବିଏୱାନସି, ଇସିଜି ଆଦି ପରୀକ୍ଷା ମାଗଣା ରେ କରାଯାଇଥିଲା। ପ୍ରାୟ ୧୪୦ ଜଣ ରୋଗୀ ଏହି ଶିବରରେ ମାଗଣା ସେବା ପାଇଥିଲେ। ପରେ ଫ୍ରେଣ୍ଡସ କ୍ଲବ ତରଫରୁ ସମସ୍ତରୋଗୀଙ୍କୁ ଡାଇବେଟିସ ବିଷୟରେ ସଚେତନ କରିବା ସହ ଡାଏଟ ଚାଟ ବଣ୍ଟନ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ମାଇକ୍ରୋ ଫାର୍ମା କମ୍ପାନୀ ତରଫରୁ ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ର ସମସ୍ତ ବିଭାଗ ର ଡାକ୍ତରମାନେ ଏଠାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ଡ଼ଃ ନରେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଡ଼ଃ ପୂର୍ଣ୍ଣ ଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ, ଡ଼ଃ ବିଷ୍ଣୁ ପ୍ରସାଦ ମିଶ୍ର, ଡ଼ଃ ସିଦ୍ଧାର୍ଥ ଶଙ୍କର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବରେ ଫ୍ରେଣ୍ଡସ କ୍ଲବ ର ସଭାପତି ଲୋଟସ ଷଡ଼ଙ୍ଗୀ, ଡ଼ଃ ଭକ୍ତ ପ୍ରସାଦ ଗୁରୁ । ଡ଼ଃ ସରୋଜ ରଞ୍ଜନ ମହାନ୍ତି ଅଧକ୍ଷତା କରିଥିଲେ । ମାଇକ୍ରୋ ଫାର୍ମା କଂପେନି ର ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# କଣ୍ଟାମାଳରେ ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେସନ ଉଦ୍‌ଘାଟିତ




କଣ୍ଟାମାଳ, (ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କଣ୍ଟାମାଳ ପୋଲିସ ପକ୍ଷରୁ ଥାନା ପରିସରରେ ଏକ ଚାଇଲଡ ଫ୍ରେଣ୍ଡଲି ପୋଲିସ ଷ୍ଟେସନ ଉଦ୍ଘାଟିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ ନବ ନିର୍ମିତ ଚାଇଲଡ ଫ୍ରେଣ୍ଡଲି ପୋଲିସ ଷ୍ଟେସନର ଶୁଭ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ ମୁଖ୍ୟଅତିଥି ଓ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଆନ୍ତର୍ଜାତୀୟ ମହିଳା ଦିବସର ଥିମ୍ ଗିଭ ଟୁ ଗେନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ଚାଇଲଡ ଫ୍ରେଣ୍ଡଲି ପୋଲିସ ଷ୍ଟେସନର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପଞ୍ଚାୟତ କଲେଜ କଣ୍ଟାମାଳର ଅଧାପକ ବସନ୍ତ ଖଟୁଆ ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ମହିଳା ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ କଣ୍ଟାମାଳ ଥାନା ସେକେଣ୍ଡ ଅଫିସର ଏସଆଇ ପ୍ରକାଶ ଭୋଇ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମକୁ କଣ୍ଟାମାଳ ଥାନାର ସମସ୍ତ ପୋଲିସ କର୍ମଚାରୀ ଅଧିକାରୀ ପରିଚାଳନା କରିଥିବାବେଳେ ବହୁ ସଂଖ୍ୟାରେ ମହିଳା, କୁନି କୁନି ଝିଅମାନେ ଉପସ୍ଥିତ ଥିଲେ ।

## ମହିଳା ଦିବସ ଅବସରରେ ସଚେତନତା ପଦଯାତ୍ରା

ବରଗଡ଼, (ସବ୍ୟୁ): କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ଦିନରେ ଆଜି ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି'' ଶୀର୍ଷକ ସମ୍ବଳିତ ସଚେତନତା ପଦଯାତ୍ରା ବରଗଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏଇ ପଦଯାତ୍ରା ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ ଠାରୁ ବାହାରି ସହରବାସୀଙ୍କୁ ମହିଳାଙ୍କ ଆତ୍ମସୁରକ୍ଷା, ଆତ୍ମସମ୍ମାନ ଓ ଆତ୍ମସ୍ୱାଭିମାନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସନ୍ଧ୍ୟାରାଣୀ ନେପାକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ।

## ମହିଳା ଶ୍ରମିକଙ୍କୁ ଲେବର୍ କାର୍ଡ ପ୍ରଦାନ

ଅମ୍ବାଭୋନା,(ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅମ୍ବାଭୋନାର ସ୍ୱେଚ୍ଛାସେବୀ ଅଭୟ କୁମାର ପଣ୍ଡା ଦୁଇଜଣ ମହିଳା ଶ୍ରମିକ- ଅଞ୍ଜନା ହାତୀ ଓ ସୁମେଲା ହାତୀଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର (ଲେବର୍ କାର୍ଡ) ପ୍ରଦାନ କରାଇଛନ୍ତି। କାର୍ଡ ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ସଂଗ୍ରହ ଓ ଅନଲାଇନ୍ ପ୍ରକ୍ରିୟା ସେ ବିନା ପ୍ରାପ୍ୟରେ ସମ୍ପନ୍ନ କରିଥିଲେ। ଏହା ମାଧ୍ୟମରେ ଲାଭାନ୍ୱିତ ମହିଳାମାନେ ସରକାରୀ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ଲାଭ ପାଇପାରିବେ। ଅଭୟ କୁମାର ପଣ୍ଡାଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## କଫ୍ ସିରଫ ସହ ୪ ଅଭିଯୁକ୍ତ ଗିରଫ

ପଦ୍ମପୁର,(ସବ୍ୟୁ): ବେଆଇନ ଭାବେ କଫ୍ ସିରଫ ବିକ୍ରି କରୁଥିବା ୪ଜଣଙ୍କୁ ଗିରଫ କରିଛି ପଦ୍ମପୁର ପୋଲିସ । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ସନ୍ଧ୍ୟା ପ୍ରାୟ ୭ଟା ୧୦ ମିନିଟ ସମୟରେ ପଦ୍ମପୁର ଥାନାର ଏସଆଇ ଧନେଶ୍ୱର ସାହୁ ପୋଲିସ ଦଳ ସହିତ ପାଟ୍ରୋଲିଂ କରୁଥିବା ବେଳେ ବୁଧାପାଲି ଗାଁ ବନ୍ଧ ନିକଟରେ କିଛି ବ୍ୟକ୍ତି ଅବୈଦ୍ଧ ଭାବେ କୋଡିନ ଥିବା କଫ୍ ସିରଫ ବିକ୍ରି କରୁଥିବା ଖବର ପାଇଥିଲେ। ସେଠାରେ ଚଢ଼ାଉ କରି ପୋଲିସ ଚାରି ଜଣଙ୍କୁ ଧରିଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପଦ୍ମପୁର ରଜାପଡାର ବିକି ଭୋଇ, ଭେଉଁରିଆର ଚତୁର୍ଭୁଜ ପଟେଲ ଓ ଲକ୍ଷ୍ମୀପ୍ରସାଦ ବାଗ ଏବଂ ବୁଧାପାଲିର ଜଗେଶ୍ୱର ମେହେର। ଘଟଣାସ୍ଥଳରୁ ପୋଲିସ ୧୦ ଲିଟର ମିଶ୍ରିତ କଫ୍ ସିରଫ ଥିବା ଗୋଟିଏ ପ୍ଲାଷ୍ଟିକ ଜାର୍କିନ ଜବତ କରିଥିଲେ । ପଦ୍ମପୁର ଥାନା କେସ୍ ନମ୍ବର ୫୩/୨୦୨୬,ବିଏନଏସ ର ୨୭୬/୨୭୭/୧୧୧(୨)(ବି)/୩(୫)ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ପଦ୍ମପୁର ଥାନା ଅଧିକାରୀ କ୍ରେସେନସିଆ ସାମାରିଆ ସୂଚନା ଦେଇଛନ୍ତି ।

## ମୁରିବାହାଲ ପଞ୍ଚାୟତ ସମିତି ଡ଼ିଗ୍ରୀ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ପରିସରରେ ଅଧକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଆଠଦିବସୀୟ ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ମୁରିବାହାଲ ଥାନାର ସବ ଇନସ୍ପେକ୍ଟର ପ୍ରମୋଦ ପଧାନ,ସମ୍ମାନିତ ଅତିଥି ରୂପେ ଥାନା ପିଏସଆଇ ଚକ୍ରଧର ମୁଣ୍ଡା ଓ ଦକ୍ଷ ପ୍ରଶିକ୍ଷିକା ଯାଜ୍ଞସେନୀ ମାଝୀ ଯୋଗ ଦେଇଥିବା ବେଳେ ଅଧାପିକା ସରିତା ରଣା ତାଲିମ ଶିବିରର ସଂଯୋଜିକା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ନିଜେ ନିଜର କିପରି ଆତ୍ମ ସୁରକ୍ଷା କରିପାରିବେ ସେହି କୌଶଳ ବିଷୟରେ ବିଷଦ ଭାବେ ଆଲୋଚନା ତଥା ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ୭୮ଜଣ ପ୍ରଶିକ୍ଷାର୍ଥୀ ତାଲିମ ଗ୍ରହଣ କରୁଛନ୍ତିଛକାର୍ଯ୍ୟକ୍ରମରେ ଅଧାପକ ଶରତ ପଧାନ, ଫାଲଗୁନି ଦାସ,ଚନ୍ଦ୍ରିକା ସାହୁଙ୍କ ସହ ସମସ୍ତ ଅଧାପକ ଅଧାପିକା ସହଯୋଗ କରିଥିଲେ। ଅଧାପକ ଭ୍ରୀଙ୍ଗରାଜ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ସୋମେଶ ଦତ୍ତ ହୋତା ଧନ୍ୟବାଦ ଦେଇଥିଲେ।

# ଜେଏସ୍ଏସ୍ ପକ୍ଷରୁ ମହିଳା ଦିବସ ପାଳିତ




ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଆୟୋଜିତ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଉପରଝର ସରପଞ୍ଚ ଯଶୋବନ୍ତୀ ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଅଧାପିକା ପ୍ରିୟଙ୍କା ଚକ୍ରବର୍ତ୍ତୀ ଯୋଗଦେଇଥିଲେ । ଅନୁଷ୍ଠାନର ଉପାଧକ୍ଷ ଚତୁରୁ ନାଗଙ୍କ ସଭାପତିତ୍ୱରେ ନିର୍ଦ୍ଦେଶକ ସଂଘମିତ୍ରା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏ ଅବସରରେ ମହିଳା ଶିକ୍ଷା, ଆର୍ଥିକ ସ୍ୱାଧୀନତା ଏବଂ ସମାଜରେ ସମାନ ଭାବେ ବଞ୍ଚିବା ପାଇଁ ପ୍ରତିଭା ଏବଂ ଦକ୍ଷତା ତାଲିମ ଦ୍ୱାରା ମହିଳାଟିଏ ସ୍ୱାବଲମ୍ବି ଆଉ ସଶକ୍ତିକରଣ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ଗ୍ରାମାଞ୍ଚଳର ମହିଳା ସବୁ ଦିଗରୁ ବର୍ତ୍ତମାନ ଉପରକୁ ଉଠିବାକୁ ହେଲେ ପ୍ରତିକ୍ଷେତ୍ରରେ ଅନେକ ସୁଯୋଗ ରହିଛି ବୋଲି ବକ୍ତା ମାନେ ପରାମର୍ଶ ଦେଇଥିଲେ । ପିଇଓ ପୂର୍ଣଚନ୍ଦ୍ର ମିଶ୍ର, ବିଦ୍ୟାଧର ମିଶ୍ର ,ଜେଏସଏସର କର୍ମକର୍ତା। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ ମହିଳା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଉପସ୍ଥିତ ଥିଲେ । ଶେଷରେ ନୃତ୍ୟ, ଗୀତ ଏବଂ ଏକକ ନାଟକ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମହିଳା ଦିବସରେ ସୁଭଦ୍ରା'ର ଚତୁର୍ଥ କିସ୍ତି ପ୍ରଦାନ

ରାୟଗଡା,(ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ବ୍ୟାଙ୍କ ଖାତାରେ ଜମା ହୋଇଛି। ଫଳରେ ରାୟଗଡ଼ା ଜିଲ୍ଲାରେ ଲକ୍ଷାଧିକ ମହିଳା ହିତାଧିକାରୀମାନଙ୍କୁ ଆର୍ଥିକ ସଶକ୍ତିକରଣ ମିଳିବା ସହ ଅର୍ଥନୀତି ମଜବୁତ ହେବ। ଜିଲ୍ଲା ପ୍ରଶାସନ ଓ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅଶୁତୋଷ କୁଲକର୍ଣ୍ଣୀ ଅଧକ୍ଷତାରେ ହୋଇଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେଛ ମୁଖ୍ୟ ବକ୍ତା ଭାବେ ରାୟଗଡା ଜିଲ୍ଲା ସ୍ୱୟଂ ସ୍ୱାୟତ୍ତ ମହାବିଦ୍ୟାଳୟର ଅଧକ୍ଷା ସରସ୍ୱତୀ ରାୟ ଯୋଗ ଦେଇ କୁଶଳୀ ମହିଳା ତଥା ଦକ୍ଷ ମହିଳାର ସମାଜରେ ଭୂମିକା ବିଷୟରେ ଆଲୋଚନା କହିଥିଲେ। ନାରୀମାନଙ୍କୁ ଆତ୍ମନିର୍ଭର ହେବା, ଶିକ୍ଷାରେ ଆଗୁଆ ହେବା ଏବଂ ନିଜ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପ୍ରେରଣା ଦେଇଥିଲେଛ ସେ କହିଥିଲେ ଯେ, ଶିକ୍ଷା ଓ ସଚେତନତା ନାରୀ ସଶକ୍ତିକରଣର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ସୁଭଦ୍ରା ଯୋଜନାର ୧୫ ଜଣ ଯୋଗ୍ୟ ମହିଳାଙ୍କୁ ଧନଦେଶ ପତ୍ର ପ୍ରଦାନ କରାଯାଇଥିଲା। ମହିଳା ଦିବସ ପାଳନ ଅବସରରେ ହୋଇଥିବା ପ୍ରତିଯୋଗିତା ଗୁଡିକର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୋଷଣ ଅଭିଯାନ ଅଧୀନରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର, ଅଙ୍ଗନ୍ ବାଡ଼ି କର୍ମୀ, ସହାୟିକାଙ୍କୁ ମାନପତ୍ର, ଟ୍ରଫି ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

# ସୁଭଦ୍ରା ଯୋଜନାର କିସ୍ତି ବଣ୍ଟନ



ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ , ସ୍ଥାନୀୟ କ୍ଲବ୍ ପଡ଼ିଆ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ସକାଳ ୭ ଟାରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳନର ଅନ୍ତିମ ଦିବସ ଅବସରରେ ଜିଲ୍ଲା ମୁଖ୍ୟାଳୟଠାରୁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସ୍ଲୋ ମାରାଥନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରାଯାଇଥିଲା । କୋମନା ବ୍ଲକ ସିଡିପିଓ ଦେବକୀ ମଲ୍ଲିକଙ୍କୁ ଶ୍ରେଷ୍ଠ ସିଡିପିଓ ଭାବରେ ସମ୍ମାନିତକରାଯାଇଥିଲା। ସେହିପରି ଗେରୁଯୋର ଅଙ୍ଗନୱାଡି କର୍ମୀ ସୁଲୋଚନା ବିଶୋଇଙ୍କୁ ଜାତୀୟ ସ୍ତରରେ ରାଜ୍ୟର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବରେ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା । ଜିଲ୍ଲାର କ୍ରୀଡ଼ା, ସମାଜ ସେବା , ସାହିତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣ ମହିଳାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅନୁଷ୍ଠିତ ଏହି ସମାରୋହରେ ନୂଆପଡ଼ା ବିଧାୟକଙ୍କ ପ୍ରତିନିଧି ସୁମନ ଢୋଲକିଆ, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ନୂଆପଡା ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡଃ ଧନେଶ୍ୱର ସେଠୀ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ଶ୍ରୀମତୀ ସୁର୍ମି ସୋରେନ, ମୁଖ୍ୟପ୍ରାଣୀ ସମ୍ପଦ ଅଧିକାରୀ, ଡିଆରସିଏସ, ଉପ ନିର୍ଦ୍ଦେଶକ ପ୍ଲାନିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏଥିରେ ଯୋଗଦାନ କରିଥିଲେ । ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ସଦଭାବନା ସଭାଗୃହରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ କବୟିତ୍ରୀମାନେ ଏଥିରେ ଅଂଶଗ୍ରହଣ କରି ମହିଳା ସଶକ୍ତିକରଣ ଓ ସମାଜରେ ତାଙ୍କ ଅବଦାନକୁ କେନ୍ଦ୍ର କରି ସ୍ୱରଚିତ କବିତା ପାଠ କରିଥିଲେ।

# ୫ ବର୍ଷରେ ୧୮୮୯ ବାଲ୍ୟ ବିବାହ ରୋକିଲାଣି ପ୍ରଶାସନ

ନବରଙ୍ଗପୁର,(ସବ୍ୟୁ): ୨୦୨୦ ମସିହା ଠାରୁ ୨୦୨୬ ମାର୍ଚ୍ଚ ମାସ ୭ତାରିଖ ଯାଏଁ ୫ବର୍ଷ ୩ମାସ ମଧ୍ୟରେ ୧୮୯୯ଟି ବାଲ୍ୟବିବାହ ଜିଲ୍ଲା ପ୍ରଶାସନ ରୋକିଛି। ଶୋଭା, ଚାଇଲଡ ଲାଇନ୍ ଓ ପୁଲିସ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ଗତ ଜାନୁଆରି ମାସରୁ ଆଜି ଯାଏଁ ୧୧୭ଟି ବାଲ୍ୟବିବାହକୁ ବନ୍ଦ କରାଯାଇଛି। ତେବେ ଏହାଠାରୁ ରେ ଅଧିକା ବାଲ୍ୟବିବାହ ହେଉଛି। ପ୍ରଶାସନ କିଛି ସ୍ଥାନରେ ଚେତାବନୀ ଦେଇ ରୋକୁଛି। ଆଖିଦୃଷ୍ଟିଆ କିଛି କାର୍ଯ୍ୟାନୁଷ୍ଠାନ ହେଉନି। ନାବାଳିକାମାନେ ବାହା ହୋଇ ପ୍ରସବ ବେଳେ ରକ୍ତହୀନତାରେ ବହୁ ମୃତାହତ ହେଉଛନ୍ତି। ଫଳରେ ଆଗାମୀ ଦିନରେ ଏହା ଜନସଂଖ୍ୟା ବୃଦ୍ଧି ଏବଂ ମହିଳା ସଂଖ୍ୟା ବୃଦ୍ଧିରେ ଘାତକ ପରିସ୍ଥିତି ସୃଷ୍ଟି ହେବ।

କେନ୍ଦ୍ର ସରକାରଙ୍କ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଏନ୍ଏଫ୍ଏଚ୍ଏସ୍-୫ ସର୍ଭେ ଅନୁଯାୟୀ ରାଜ୍ୟରେ ବାଲ୍ୟବିବାହ କ୍ଷେତ୍ରରେ ନବରଙ୍ଗପୁର ଜିଲ୍ଲା ପ୍ରଥମ। ୧୮ବର୍ଷରୁ କମ୍ ବୟସରେ ୩୯ ପ୍ରତିଶତ ନାବାଳିକା ବିବାହ କରି ଗର୍ଭବତୀ ହେବା ସହ ମାତୃତ୍ୱ ଲାଭ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୫୫ ପ୍ରତିଶତ ମା ରକ୍ତହୀନତାର ଶୀକାର ହୋଇ ପ୍ରସବ ସମୟରେ ରକ୍ତ ପାଇଁ ଜୀବନ ମରଣ ସ୍ଥିତି ରହୁଛନ୍ତି । ଦୁଇ ବର୍ଷ ତଳେ ଜାତୀୟ ସ୍ତରରେ ଜିଲ୍ଲା ପ୍ରଥମ ରହିଥିଲା। ବ୍ୟାପକ ସଚେତନତା ଏବଂ ବାଲ୍ୟବିବାହକୁ ରୋକାଯିବାରୁ ଏବେ ଏହା ଖସି ଓଡିଶାରେ ୧ ନଂରେ ପହଚିଂଛି ।

ଜିଲ୍ଲାରେ ୨୦୨୦ ମସିହାରେ ୭୮ଟି, ୨୦୨୧ ମସିହାରେ ୧୪୪ଟି, ୨୦୨୨ ମସିହାରେ ୨୯୭ଟି, ୨୦୨୩ ମସିହାରେ ୪୪୦ଟି, ୨୦୨୪ମସିହାରେ ୩୭୩ଟି, ୨୦୨୫ମସିହାରେ ୩୮୦ଟି, ଗତ ଜାନୁଆରିରୁ ପେବ୍ରୁଆରିରେ ୧୦୭ଟି ଓ ମାର୍ଚ୍ଚ ମାସର ପ୍ରଥମ ୭ଦିନ ମଧ୍ୟରେ ୧୦ଟି ଏଭଳି ୧୮୯୯ଟି ବାଲ୍ୟବିବାହ ରୋକାଯାଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ । ଜିଲ୍ଲାର ୧୦ଟି ବ୍ଲକରେ ୧୦୫୮ଟିଗାଁକୁ ବାଲ୍ୟ ବିବାହମୁକ୍ତ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଜିଲ୍ଲାର ସବୁ ବ୍ଲକରେ ବାଲ୍ୟବିବାହ ହେଉଥିଲେହେଁ ସର୍ବାଧିକ ଉମରକୋଟ, କୋଷାଗୁମୁଡା, ଝରିଗାଁ, ରାଇଘର, ପାପଡାହାଣ୍ଡି, ନବରଙ୍ଗପୁରରେ ହେଉଛି। ଜିଲ୍ଲାରେ ପରମ୍ପରା ନାଁରେ ନାବାଳିକା ତଥା କିଶୋରୀମାନଙ୍କୁ ବିବାହ ବୟସ ନ ହେଉଣୁ ବିବାହ କରିବା, କିମ୍ବା କିଶୋରୀମାନେ ନିଜେ ପସନ୍ଦ କରି ବିବାହ (ଉଦୁଲିଆ ଯାଇ) ପରେ ଦୀର୍ଘ କିଛି ମାସ ପରେ ଗର୍ଭ ସହ ବି ବିବାହ କରାଯାଉଛି। ଦାଦନ ଖଟିବାକୁ ଯାଇ ସେଠାରେ ନାବାଳିକାମାନେ ଅନ୍ୟ କିଛି କାରଣବଶତଃ ଗର୍ଭବତୀ ହୋଇ ଫେରିବା କିମ୍ବା ସେଠାରେ ବାହା ହେବା ପରେ ଫେରୁଥିବା ସୂଚନା ମିଳିଛି।

କମ୍ ବୟସରେ ନାବାଳିକା ତଥା କିଶୋରୀ ମାନେ ବାହା ହେବା ପରେ ଗର୍ଭଧାରଣ କଲେ କଣ କଣ ସମସ୍ୟାର ସମ୍ମୁଖୀନ ହେବାକୁ ପୁଛି ସେ ନେଇ ସଚେତନତା ଆରମ୍ଭ ହୋଇଛି। ଜିଲ୍ଲାର ସବୁ ବ୍ଲକରେ ଶିଶୁ ସୁରକ୍ଷା ରଥ ସହ ବାଲ୍ୟ ବିବାହ ରୋକିବାକୁ ସଚେତନତା ସୃଷ୍ଟି କରାଯାଉଛି ବୋଲି କହିଛନ୍ତି ଡିଏସଡବ୍ଲୁଓ । ଏବେ ନାବାଳକମାନେ ମଧ୍ୟ ବିବାହ କରିବା ନିଶ୍ଚିତ ରୁପେ ଚିନ୍ତାଜନକ ବୋଲି କହିଛନ୍ତି ଡିଏସଡବ୍ଲୁଓ। 'ବାଲ୍ୟ ବିବାହ ଭଳି ସାମାଜିକ କୁପ୍ରଥା ଯୋଗୁଁ ଆଗାମୀ ଦିନରେ ଜିଲ୍ଲାରେ ଜନବିସ୍ଫୋରକ ପରିସ୍ଥିତି ଉପୁଜିପାରେ। ବେଳ ଥାଉଣୁ ହିଁ ସବୁ ସଚେତନ ହୋଇ ଏହାକୁ ରୋକିବାକୁ ପଡ଼ିବ ବୋଲି ମତପ୍ରକାଶ ପାଉଛି ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା



ବଲାଙ୍ଗିର, (ସବ୍ୟୁ) : ବଲାଙ୍ଗିର ଡିଏଫଓ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ ଯୋଗଦେଇ ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ, ଜଙ୍ଗଲ ଓ ପରିବେଶ ଏବଂ ପର୍ଯ୍ୟଟନ ଆଦି ବିଭାଗର ପ୍ରମୁଖ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ବୈଠକରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ, ସମ୍ପୂର୍ଣ୍ଣ ହୋଇଥିବା ଏବଂ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷ କରି ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଉନ୍ନତିମୂଳକ ପ୍ରକଳ୍ପ ଗୁଡିକର ଅଗ୍ରଗତିର ମୂଲ୍ୟାୟନ କରାଯାଇଥିଲା। ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ କିଭଳି କାର୍ଯ୍ୟ କରାଯାଉଛି ସେ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା । ସେହିଭଳି ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ମେଗା ପ୍ରକଳ୍ପର ଅଗ୍ରଗତିର ମଧ୍ୟ ମୂଲ୍ୟାୟନ କରାଯାଇଥିଲା । ମନ୍ତ୍ରୀ ଡ଼. ମହାଲିଙ୍ଗ କହିଥିଲେ ଯେ ବଲାଙ୍ଗିର ଜିଲ୍ଲାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଜିଲ୍ଲା ଭାବେ ଘୋଷଣା କରି ଏହାର ସଂପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ତେଣୁ ଜିଲ୍ଲାରେ ବାଇପାସ୍ ରାସ୍ତା, ଉନ୍ନତ ଶିକ୍ଷା, ପର୍ଯ୍ୟଟନସ୍ଥଳୀର ବିକାଶ, ଜଳସେଚନର ସୁବ୍ୟବସ୍ଥା ଓ ଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ପ୍ରକଳ୍ପ ଗୁଡିକୁ ଅଗ୍ରାଧିକାର ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାବ୍ୟତୀତ, ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ସମାପ୍ତି ପାଇଁ ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ କରିବାକୁ ଏବଂ କାର୍ଯ୍ୟର ଅଗ୍ରଗତି ଉପରେ କଠୋର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ସମାଜସେବୀ ଡା. ନାରାୟଣୀ ପଣ୍ଡାଙ୍କ ପରଲୋକ

ସମ୍ବଲପୁର,(ସବ୍ୟୁ): ଖ୍ୟାତନାମା ସ୍ତ୍ରୀ ଓ ପ୍ରସୂତୀରୋଗ ବିଶେଷଜ୍ଞ ତଥା ସମାଜସେବୀ ଡା. ନାରାୟଣୀ ପଣ୍ଡା(୮୮)ଙ୍କ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଭିଏସ୍ଏସ୍ ନଗର ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ପିତା ଗଙ୍ଗାସାଗର ପଣ୍ଡା ଓ ଜନକପ୍ରିୟା ପଣ୍ଡାଙ୍କ ତୃତୀୟ ସନ୍ତାନ ନାରାୟଣୀ ପଣ୍ଡା ୪ନଭେମ୍ବର, ୧୯୩୭ରେ ଜନ୍ମଗ୍ରହଣ କରିଥିଲେ । ସେ କଟକ ରେଭେନ୍ସା ବାଳିକା ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ । ଏହାପରେ ତତ୍କାଳୀନ ଗଙ୍ଗାଧର ମେହେର କଲେଜରୁ ଆଇସିରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । କଟକ ଏସ୍‌ସିବି ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ହାସଲ ପରେ ୧୯୬୩ରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରୁ ସେବା ଜୀବନ ଆରମ୍ଭ କରିଥିଲେ । ସ୍ଥାନୀୟ ଡା. ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରରୁ ଅବସର ଗ୍ରହଣ କରିଥିଲେ ।

୧୯୫୭ରେ ଡାକ୍ତରୀ ପଢ଼ିବା ପାଇଁ ନିଜେ ଅଧ୍ୟୟନ କରିଥିବା ଗଙ୍ଗାଧର ମେହେର କଲେଜରୁ ପ୍ରାପ୍ତ ସ୍କୋଲରସିପ୍ ପ୍ରତିଦାନରେ ସେ ସେହି କଲେଜ (ବିଶ୍ୱବିଦ୍ୟାଳୟ)ର ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ପାଇଁ ୩୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ରୋଟାରୀ ଶିଶୁ ଚିକିତ୍ସାଳୟ କୋଠା ପାଇଁ ୭୦ଲକ୍ଷ, ପବ୍ଲିକ ଲାଇବ୍ରେରୀରେ ଉତ୍କର୍ଷତା କେନ୍ଦ୍ର ନିର୍ମାଣ ପାଇଁ ୧୩ଲକ୍ଷ ଟଙ୍କା



ଅନୁଦାନ ଦେଇଥିଲେ । ଜିଲ୍ଲା ସାମ୍ବାଦିକ ସଂଘର ହଲ୍ ପାଇଁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଏହା ପ୍ରଶାନ୍ତ ମହାନ୍ତି ହଲ ନାମରେ ନିର୍ମାଣ କରାଯାଇଛି । ପ୍ରାୟ ୩ହଜାର ବର୍ଗଫୁଟ ପରିମିତ ତାଙ୍କ ୨ମହଲା ବାସଭବନକୁ ସରକାରୀ ମହିଳା କଲେଜ ଛାତ୍ରୀ ନିବାସ ପାଇଁ ଦାନ କରିଛନ୍ତି । ସେଠାରେ ୨୦୨୪ରୁ ପ୍ରଶାନ୍ତ-ନାରାୟଣୀ ଛାତ୍ରୀ ନିବାସ ଚାଲୁଛି । ସେହିପରି ସମ୍ବଲପୁର ମହିଳା କଲେଜ ଓ ଅନ୍ୟାନ୍ୟ ଅନେକ ଶିକ୍ଷାନୁଷ୍ଠାନକୁ ମଧ୍ୟ ସେ ଆର୍ଥିକ ଅନୁଦାନ ପ୍ରଦାନ କରି ପ୍ରଶଂସିତ ହୋଇଛନ୍ତି । ରୋଟାରୀ କ୍ଲବ୍ ପରିଚାଳିତ ସିକିଲ୍‌ସେଲ୍ ଚିକିତ୍ସା କେନ୍ଦ୍ରରେ ସେ ବହୁ ବର୍ଷ ଧରି ନିଃଶୁଳ୍କ ଭାବେ ଚିକିତ୍ସା ସେବା ପ୍ରଦାନ କରୁଥିଲେ ।

ଓଡ଼ିଶା ସାଂସ୍କୃତିକ ସମାଜ, ଆଇଏମ୍ଏ, ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ, ହୀରାଖଣ୍ଡ ନାଗରିକ ପରିଷଦ, ରୋଟାରୀ କ୍ଲବ୍, ନାରୀ ସେବା ସଂଘ ପ୍ରଭୃତି ବହୁ ଅନୁଷ୍ଠାନ ସହ ସେ ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ । ସମାଜସେବା ଓ ଚିକିତ୍ସା ପାଇଁ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଥିଲେ । ସେ ଜିଲ୍ଲା ରେଡକ୍ରସର ଆଜୀବନ ସଭ୍ୟା, ଦୂରଦର୍ଶନ କେନ୍ଦ୍ର କଟକର ପରାମର୍ଶଦାତା, ସମ୍ବଲପୁର ଟ୍ରଷ୍ଟ ଫଣ୍ଡ, କିଶୋର ନ୍ୟାୟବୋର୍ଡ, ଶିଶୁ କଲ୍ୟାଣ କମିଟି, ବିଶ୍ୱବ୍ୟାଙ୍କ ଅନ୍ତର୍ଗତ ଜିଲ୍ଲା ମ୍ୟାଲେରିଆ ନିୟନ୍ତ୍ରଣ ସୋସାଇଟି, ଜିଏମ୍ କଲେଜ ଇମ୍ପ୍ରୁମେଣ୍ଟ ଟ୍ରଷ୍ଟ, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସଦସ୍ୟା ଥିଲେ । ପରିବେଶ ସଂରକ୍ଷଣ ଦିଗରେ ତାଙ୍କର ଗଭୀର ରୁଚି ରହିଥିଲା । ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିକଟରେ ତାଙ୍କ ବାସଭବନରେ ସାକ୍ଷାତ୍ କରିଥିଲେ । ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳନ ହେଉଥିବା ବେଳେ ଏହାର ଠିକ୍ ୧୭ଦିନ ପୂର୍ବରୁ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ ହୋଇଥିଲା ।

# ବାଲି ମାଫିଆଙ୍କୁ ପ୍ରଶାସନର ଛାଟ

ରାୟଗଡା,(ସବ୍ୟୁ): ବେଆଇନ ବାଲି ଚାଲାଣ ବେଳେ ମାଫିଆଙ୍କୁ ପ୍ରଶାସନର ଛାଟ । ଗୁଣପୁର ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ବାଲି ଚୋରା ଚାଲାଣ ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ବଡ଼ଧରଣର ଚଢ଼ାଉ କରାଯାଇଛି। ଭୋର ସମୟରେ ଗୁଣପୁର ଉପ-ଜିଲ୍ଲାପାଳ ଦୁଧାଲ ଅଭିଷେକ ଦୀଲିପଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏକ ଟିମ୍ ବାଲି ଖାଦାନ ଗୁଡ଼ିକ ଉପରେ ଚଢ଼ାଉ କରି ୭ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରିଛନ୍ତି। ଏହି ମିଳିତ ଚଢ଼ାଉରେ ଉପ-ଜିଲ୍ଲାପାଳଙ୍କ ସହ ଦୁଇ ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉ୍ତ ଓ ଯୋହନ ବଡଭୁୟାଁ, ଦୁଇ ଅତିରିକ୍ତ ତହସିଲଦାର ଅଭିଳାଷ ଶତପଥି ଓ ଦୀପାରାଣୀ ବେହେରା ଏବଂ କନିଷ୍ଠ ଖଣି ଅଧିକାରୀ ରାଜେନ୍ଦ୍ର ବିଶୋୟୀ ସାମିଲ ହୋଇଥିଲେ। ଯାଞ୍ଚ ସମୟରେ ୭ଟି ଟ୍ରାକ୍ଟରର କୌଣସି ବୈଧ କାଗଜପତ୍ର ନଥିବା ବେଳେ ଚାଳକ ମାନଙ୍କ ପାଖରେ ଲାଇସେନ୍ସ ମଧ୍ୟ ନଥିଲା। ଏପରିକି ଅନୁମତି ପରିମାଣ ଠାରୁ ବହୁ ଅଧିକ ବାଲି ବେଆଇନ ଭାବେ ଲୋଡ୍ ହୋଇଥିବା ପ୍ରଶାସନିକ ଅଧିକାରୀ ମାନେ ଦେଖିବାକୁ ପାଇଥିଲେ। ଇସ୍ପାତ ଓ ଖଣି ବିଭାଗ ଦ୍ୱାରା ନିକଟରେ ଜାରି କରାଯାଇଥିବା ନୂତନ ଏସଓପି କ୍ରମିକ ନମ୍ବର ୨୩୪୫ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜବତ ହୋଇଥିବା ୭ଟି ଟ୍ରାକ୍ଟରରୁ ଖଣି ବିଭାଗ ପକ୍ଷରୁ ମୋଟ ୩ ଲକ୍ଷ ୫୬ ହଜାର ୫୫୨ ଟଙ୍କା ଜରିମାନା କରାଯାଇ ଚାଲାଣ ମାଧ୍ୟମରେ ଆଦାୟ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ଗତ ୦୫ ତାରିଖରେ ମଧ୍ୟ ଏକ ବେଆଇନ ବାଲି ବୋଝେଇ ଟିପରକୁ ପୋଲିସ ଓ ଖଣି ବିଭାଗ ମିଳିତ ଭାବେ ଜବତ କରିବା ସହ ସମ୍ପୃକ୍ତ ମାଲିକଙ୍କ ଠାରୁ ୪ ଲକ୍ଷ ୦୧ ହଜାର ୨୯୬ ଟଙ୍କା ଜରିମାନା ଆଦାୟ କରିଥିଲେ। ବାରମ୍ବାର ବେଆଇନ ବାଲି ଚାଲାଣ ନେଇ ଅଭିଯୋଗ ମିଳିବା ପରେ ପ୍ରଶାସନ ଏବେ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଆଗାମୀ ଦିନରେ ଯଦି କେହି ବିନା କାଗଜ ପତ୍ରରେ କିମ୍ବା ବେଆଇନ ଭାବେ ବାଲି ଉଠାଣ କରନ୍ତି, ତେବେ ସେମାନଙ୍କ ବିରୋଧରେ ଆହୁରି ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ-ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ପ୍ରଶାସନର ଏହି ଆଭିମୁଖ୍ୟ ପରେ ଅଞ୍ଚଳର ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି।

# ପୋଲିସ ଛତ୍ରଛାୟାରେ ଢ଼ାବା !

ସିନାପାଲି,(ସବ୍ୟୁ): ସିନାପାଲି ଥାନା ଅଞ୍ଚଳର ୧୦ କିଲୋମିଟର ପରିଧି ଭିତରେ ରହିଛି ୭ ଟି ଢ଼ାବା। ଏହି ଢ଼ାବା ଗୁଡ଼ିକରେ ଅବାଧ ଓ ବେଆଇନ ଭାବେ ମଦ ବିକ୍ରି ହେଉଛି। ନକଲି ମଦ ବିକି ମୋଟା ଅଙ୍କର ମୁନାଫା କମାଉଛନ୍ତି ଢ଼ାବା ମାଲିକ । ମଦ ବିକିବା ପାଇଁ ଢ଼ାବାର ଲାଇସେନ୍ସ ଅଛି ନା ଅବକାରୀ ବିଭାଗରୁ ଅନୁମତି ନେଇଛନ୍ତି , ମନଇଚ୍ଛା ରାତି ଅଧେ ପର୍ଯ୍ୟନ୍ତ ମଦ ବିକ୍ରୀ ହେଉଛି। ସଞ୍ଜ ହେବା କ୍ଷଣି ମଦର ଆସର ଜମୁଛି। ହାତିବନ୍ଧା ଫୋରଓ୍ୱା ଛକରୁ ସିନାପାଲି କାପସୀ, ସିନାପାଲି ସଷ୍ଟାଣ୍ଡରୁ ଟିମନପୁର ଛକ ପର୍ଯ୍ୟନ୍ତ ୭ଟି ଢ଼ାବା,ଓ ଅନେକ ହୋଟେଲ ରହିଛି । ଯେଉଁଠି ଖୁଲମ ଖୁଲ୍ଲାରେ ମଦ ବିକ୍ରି ହେଉଛି । କିନ୍ତୁ ଅବକାରୀ ଓ ପୁଲିସ ଚଢ଼ଉ କରୁନାହାନ୍ତି। କାହିଁକି ନା ଖୁଦ ପୋଲିସ ବାବୁ ବସି ମଦ ଅଡର ଦେଉଛନ୍ତି ବୋଲି ଅଭିଯୋଗ ହେଉଛି । ଏହି କାରଣରୁ କେତେକ ଢ଼ାବା ମାଲିକ ମନଇଚ୍ଛା ମଦ ବିକ୍ରୀ କରି ମଦୁଆଙ୍କ ଆସର ଜମାଉଛନ୍ତି । ଢାବା ଗୁଡିକ ସର୍ବସାଧାରଣ ଜାଗାରେ ଖୋଲାଖୋଲି ମଦ ବିକ୍ରୀ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ପ୍ରଶାସନ, ଅବକାରୀ ଓ ସ୍ଥାନୀୟ ଥାନା ପୁଲିସ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି । ଏମିତି କିଛି ପୁଲିସ ଅଧିକାରୀ ମଧ୍ୟ ଗତ ରବିବାର ଦିନ ଟିମନପୁର ରେ ଥିବା ଏକ ଢ଼ାବାରେ ମଦ ପିଉଥିବା ଭିଡ଼ିଓ ଭାଇରାଲ ହେବାରେ ଲାଗିଛି । ଏଥିରୁ ସ୍ପଷ୍ଟ ଜାଣି ହେଉଛି ଯେ ପୋଲିସ ସହ ଶଳାସୁତୁରା ରେ ଢ଼ାବା ଚାଲିଛି । ଏମିତି ଯଦି ପୋଲିସ ଢ଼ାବାରେ ବସି ମଦ ପିଇବ ତାହେଲେ ମଧୁଆଙ୍କୁ ଧରିବ କିଏ ବୋଲି ଚର୍ଚ୍ଚା ହେଉଛି।

# ଝାରସୁଗୁଡା ମହିଳା କଲେଜର ବାର୍ଷିକ ଉତ୍ସବ ପାଳିତ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ମହିଳା ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦାନ କରି କଲେଜର ଦୀର୍ଘ ଦିନର ଥିବା ଜମି ସମସ୍ୟାର ଯଥାଶୀଘ୍ର ସମାଧାନ ହେବ ବୋଲି ଦୃଢ ପ୍ରତିଶୃତି ଦେଇଥିଲେ । ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଛାତ୍ରୀମାନଙ୍କ ଅଧ୍ୟୟନରେ ଆଧୁନିକ ବୈଷୟିକ ଜ୍ଞାନ କୌଶଳର କିପରି ପ୍ରଭାବ ରହିଛି ତାହା ଆଲୋଚନା କରିଥିଲେ ।ବର୍ତମାନର ଯୁବପିଢ଼ି ମାଟି ମା ଉପରେ ଜଡିତ ରହି ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସଭା ପ୍ରାରମ୍ଭରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମହାବିଦ୍ୟାଳୟ ପ୍ରତି ଶୁଭେଚ୍ଛା ବାର୍ତା ପଠନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ରେଣୁକା ପୂଜାରୀ ସ୍ୱାଗତ ଭାଷଣ ଦେଇଥିଲେ । କଲେଜର ପ୍ରଶାସନିକ ଅଧିକାରୀ ଡଃ ସୁପ୍ରିତା ଦାଶ ବିବରଣୀ ପାଠ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚାଳନା କରିଥିଲେ । ସାଂସ୍କୃତିକ ପରିଚାଳନା ଅଧିକାରୀ ଡଃ ଜୟଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରୀ ମାନଙ୍କ ଦ୍ୱାରା ରାଣ୍ଡିପୁଅ ଅନନ୍ତା ନାଟକ ପରିବେଷଣ ହୋଇଥିଲା । ଏହାସହିତ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଓଡ଼ିଆ ଅଧ୍ୟାପକ ନୈରତ ରଥ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# ମହିଳା ଦିବସରେ ମହିଳା ଚାଷୀ ସମ୍ବର୍ଦ୍ଧିତ

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ପଦ୍ମ କୁମାର ସିଂ ବରିହା,ସନ୍ତୋଷ କୁମାର ଭଇଁସାଲ, ସିଡିପିଓ ଅମିତା ପଣ୍ଡା, ଓ ଏ ଭି ଅଧକ୍ଷା ସରିତା ନାଏକ, ଓଏଲ୍ଏମ ବି ପି ଏମ ପଙ୍କଜିନି ତରାସିଆ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗଦେଇଥିଲେ। ଏହି ଅବସରରେ ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସହିତ ସବୁ କ୍ଷେତ୍ର ରେ ଦକ୍ଷତା ପ୍ରଦର୍ଶନ ଉପରେ ଅତିଥି ମାନେ ମତପୋଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସ୍ଥାନୀୟ ସରପଞ୍ଚ ଟେିଖାଇ ସେନ୍ଦ୍ରୀଆ, ମହିଳା ଚାଷୀ ସରୋଜିନୀ ସାହୁ, ରଶ୍ମିତା ପାତ୍ର , ସୂର୍ଯ୍ୟ ବରିହା, ଗୌରୀ ଭୁଏ, ମହିଳା ଡ଼ାକ୍ତର ମୋନିକା ମଲ୍ଲିକ ସମେତ ବିଭିନ୍ନ କ୍ଷେତ୍ର ରେ ଅଗ୍ରଣୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପବିତ୍ର ପଟେଲ, ଉମେଶ ଗୁପ୍ତା , ପ୍ରଶାନ୍ତ ନନ୍ଦ, ମାଧୁରୀ ଦୀପ ସମେତ ବିଭିନ୍ନ ବିଭାଗର ଅଧିକାରୀ , କର୍ମଚାରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ଏମ ବି କେ, ସି ଆର ପି ଉପସ୍ଥିତ ଥିଲେ। ଏଫ୍ ଇ ଏସ ମାଷ୍ଟର ଟ୍ରେନର ଡ: ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓ ଏଲ୍ ଏମ ବି ପି ଏମ ପଙ୍କଜିନି ତରାଶିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ମହିଳା ଦିବସ ପାଳିତ

ବରଗଡ,(ସବ୍ୟୁ) : ଶୃଙ୍ଖଳା ସହ ନିଜ ଦାୟିତ୍ୱ ପ୍ରତିପାଦନ କଲେ ସଫଳତା ଆପେ ଆପେ ଆସିଥାଏ ବୋଲି କହିଛନ୍ତି ହୀରାକୁଦ ବନ୍ୟ ପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁ ପ୍ରଜ୍ଞା ଦାସ । ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅନୁଷ୍ଠିତ ସଭାରେ ଅତିଥି ବକ୍ତା ଭାବରେ ଯୋଗଦେଇ ଶ୍ରୀମତୀ ଦାସ କହିଥିଲେ ଯେ ପୁରୁଷ ହୁଅନ୍ତୁ କି ମହିଳା ନିଜ ନିଜ କର୍ମ କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ସହ ନିଷ୍ଠାପର ଭାବରେ କାର୍ଯ୍ୟ କଲେ ସଫଳତା ଆପେ ମିଳିଥାଏ। ସେ ଉଦାହରଣ ସ୍ୱରୁପ କହିଥିଲେ ଯେ ଡେବ୍ରୀଗଡ଼ ଅଭୟାରଣ୍ୟ ମଧ୍ୟରେ ନିୟୋଜିତ ହୋଇଥିବା ଯୁବତୀ ମାନେ ପୁରୁଷ କର୍ମଚାରୀ ମାନଙ୍କ ସହ ତାଳ ରେ ତାଳ ମିଳାଇ ସବୁ କ୍ଷେତ୍ରରେ ଶୃଙ୍ଖଳା ଓ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି । ଅନ୍ୟତମ ଅତିଥି ବକ୍ତା ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁଷମା କହିଥିଲେ ଯେ ସମାଜର ଅୟମାରମ୍ଭରୁ ଆମ ସମାଜରେ ନାରୀର ପୂଜା ସର୍ବତ୍ର ହୋଇଥାଏ। ସେ ପୂରଣ ପୃଷ୍ଠାରୁ ବିଭିନ୍ନ ଉଦାହରଣ ମାଧ୍ୟମରେ ନାରୀ କିଭଳି ନିଜର କର୍ମ ଦକ୍ଷତା ବଳରେ ସମାଜରେ ନିଜ ସ୍ଥାନ ନିଜେ ସୃଷ୍ଟି କରିପାରିଛି ତାର ଉପରେ ଗଭୀର ଆଲୋକପାତ କରିଥିଲେ । ସେ ଅତୀତରୁ ବର୍ତ୍ତମାନ ଯାଏ ପୁରୁଷ ପ୍ରାଧାନ୍ୟ ସମାଜ ରେ ନାରୀ ନିଜର ବ୍ୟକ୍ତିଗତ ଦକ୍ଷତା ର ପ୍ରମାଣ ଦେଇ ସମାଜରେ ନିଜ ଏକ ପ୍ରକୃଷ୍ଟ ସ୍ଥାନ ସଂରକ୍ଷଣ କରିପାରିଛି।

ବୈଠକ ପ୍ରାରମ୍ଭରେ ଅତିଥି ମାନେ ମହାତ୍ମା ଗାନ୍ଧୀ ଓ ସରସ୍ୱତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଧୂପଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ । ସଭା ପ୍ରାରମ୍ଭରେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ କବି ଖଗେଶ୍ୱର ସେଟଙ୍କ ରଚନା ରୁ ଏକ କବିତା ଗାନ କରିଥିଲେ ଛ ଆଜିର କାର୍ଯ୍ୟକ୍ରମ ରେ ପାଠାଗାରର ବରିଷ୍ଠ ସଦସ୍ୟା ଅଧ୍ୟାପିକା ଜୟଶ୍ରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଡ ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲେ। ଅତିଥି ମାନଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପାଠାଗାର ର ସଦସ୍ୟ ମାନଙ୍କ ସହ ବହୁ ବୁଦ୍ଧିଜୀବୀ, କବି ଲେଖକ, ସାହିତ୍ୟିକ ଉପସ୍ଥିତ ଥିଲେ ।

# ବର୍ଷୀୟାନ ମହିଳାଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ପ୍ରଶାସନ

ବରଗଡ ,(ସବ୍ୟୁ): ବରଗଡ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ବରଗଡ ଜିଲ୍ଲା ପ୍ରଶାସନ ତରଫରୁ ବରପାଲି ବ୍ଲକ୍ ଲେଣ୍ଡା ଗ୍ରାମର ସମାଜସେବୀ ମହିଳା ସୁଲୋଚନା ମିଶ୍ର (୯୫)ଙ୍କୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ଏହି ପରିପେକ୍ଷୀରେ ତାଙ୍କ ପୁଅ ମେଘନାଦ ମିଶ୍ର, କେଦାର ମିଶ୍ର, ଗୌରହରି ମିଶ୍ର , ଦିଅର ମୁକ୍ତେଶ୍ୱର ମିଶ୍ର, ବୋହୁ ଲକ୍ଷ୍ମୀ ମିଶ୍ର, ଝିଲି ମିଶ୍ର ପରିବାରର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ଜାତୀୟ ସ୍ତରରେ ଭିସୁଟ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ

ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ତୃତୀୟ ବର୍ଷ ବି.ଆର୍କର ଛାତ୍ରମାନେ ହାଇଡ୍ରୋ-ଗ୍ରୀଡ୍ : ରି ଇମେଜିଂ ଓ୍ୱାଟର ବଡ଼ି ଇନ୍ ଇଣ୍ଡିଆ ବହୁ ବିଭାଗୀୟ ଡିଜାଇନ୍‌ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଇଣ୍ଡିଏନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଡିଜାଇନର୍ସ ପକ୍ଷରୁ କାଲେଇଡ଼ୋସ୍କୋପ୍ ୧.୦ରେ ଏହା ଘୋଷଣା କରାଯାଇଛି । ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା । ଜାତୀୟ ଓ



ରାଜ୍ୟସ୍ତରର ବିଶିଷ୍ଟ ବିଶେଷଜ୍ଞମାନେ ଏହାର ବିଚାରକ ଥିଲେ। ଏଥିରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସ୍ଥପତି କେ.ଟି. ରବୀନ୍ଦ୍ରନ୍ ମଧ୍ୟ ସାମିଲ ଥିଲେ । ସହରାଞ୍ଚଳର ଜଳାଶୟ ଗୁଡିକର ପୁନଃ ସ୍ଥାପନ ପାଇଁ ଭିସୁଟ୍‌ର ଏହି ପ୍ରକଳ୍ପ ପୁରସ୍କୃତ ହୋଇଛି ।

# ଲକ୍ଷ୍ମୀନାରାୟଣ କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଝାରସୁଗୁଡ଼ା,(ସବ୍ୟୁ: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଲକ୍ଷ୍ମୀନାରାୟଣ କଲେଜରେ ମହିଳା ଅଧିକାର ଓ ଆଇନଗତ ସୁରକ୍ଷା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଲକ୍ଷ୍ମୀନାରାୟଣ କଲେଜ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଂଯୁକ୍ତ ସହଯୋଗରେ ଆୟୋଜିତ ହୋଇଥିଲା। ସଚିବ ଆଲୋକମୟୀ ପ୍ରଧାନ କାର୍ଯ୍ୟକ୍ରମର ଆରମ୍ଭ କରି ଅତିଥିମାନଙ୍କୁ ପରିଚୟ କରାଇବା ସହ ମହିଳା ଦିବସର ଗୁରୁତ୍ୱ ବାଖ୍ୟା କରିଥିଲେ। ମୁଖ୍ୟ ବକ୍ତା ବରିଷ୍ଠ ସିଭିଲ୍ ଜଜ୍ ସନ୍ଧ୍ୟା ରଥ ଯୌତୁକ ପ୍ରଥା, କନ୍ୟା ଶିଶୁ ହତ୍ୟା, ସମ୍ପତ୍ତି ଓ ଶିକ୍ଷାରେ ମହିଳାଙ୍କ ଅଧିକାର ଭଳି ବିଭିନ୍ନ ସାମାଜିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ସିଭିଲ୍ ଜଜ୍ ଦେବଶ୍ରୀ ସାହୁ କାର୍ଯ୍ୟସ୍ଥଳରେ ଯୌନ ନିର୍ଯ୍ୟାତନା ନିବାରଣ ଆଇନ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଆଇନ ସମ୍ପର୍କରେ ସଚେତନ କରିଥିଲେ। ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବନିତା ମାଝୀ ବଢୁଥିବା ସାଇବର ଅପରାଧ ସମ୍ପର୍କରେ ମହିଳାମାନଙ୍କୁ ସତର୍କ ରହିବା ପାଇଁ ଅନୁରୋଧ କରିଥିଲେ। କଲେଜର ପୂର୍ବତନ ଛାତ୍ରୀ ଓ ଡେପୁଟି ଲିଗାଲ୍ ଏଡ୍ ପ୍ରତିରକ୍ଷା ପରାମର୍ଶଦାତା ଧମାଳି ପଟେଲ ମହିଳା ସମ୍ବନ୍ଧୀୟ ଆଇନଗତ ସହାୟତା ବିଷୟରେ ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ତପନ ସାହୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଯାଦବ ଦେବୀ ପ୍ରସାଦ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଉତ୍ସାହର ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ବିନା ସୂଚନା ଫଳକରେ ଚାଲିଛି ସରକାରୀ କାର୍ଯ୍ୟ

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ବସଷ୍ଟାଣ୍ଡରେ ଗତ ଦୁଇଦିନ ହେବ କିଛି ଏକ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ନିର୍ମାଣ ନେଇ କୌଣସି ଫଳକ ମରାଯାଇ ନଥିବା ବେଳେ କିଛି ଗଣମାଧ୍ୟମ ପ୍ରତିନିଧି ଅନୁସନ୍ଧାନ କରିଥିଲେ । ଶେଷରେ ଏକ ସାର୍ବଜନୀନ ଶୌଚାଳୟ ତିଆରି କରା ଯାଉଥିବା ଜଣା ପଡିଥିଲା । ହେଲେ ସର୍ବସାଧାରଣଙ୍କୁ ଲୁଚାଇ ଏଭଳି ନିର୍ମାଣ କାର୍ଯ୍ୟ କାହିଁକି କିଏ କରାଉଛି ସେନେଇ ସାଧାରଣ ଲୋକଙ୍କ ସହ ଗଣମାଧ୍ୟମର ମଧ୍ୟ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିଲା। ସୂଚନାନୁଯାୟୀ ବଡ଼ମାଳ ବସଷ୍ଟାଣ୍ଡ ପଛପଟେ ଏକ ସାର୍ବଜନୀନ ଶୌଚାଳୟ ଅତି ସନ୍ତର୍ପଣରେ ବିନା ସୂଚନା ଫଳକରେ କାର୍ଯ୍ୟ ଆରମ୍ଭ ହୋଇଛି । ଗୋଟିଏ ପଟେ ସରକାର ନିର୍ଦ୍ଦେଶ ଦେଇଛନ୍ତି ପ୍ରତ୍ୟେକ ସରକାରୀ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେଠାରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ । ମାତ୍ର ଏଠାରେ କେତେ ଟଙ୍କା ବ୍ୟୟ ଅଟକଳରେ କେଉଁ ବିଭାଗ ପକ୍ଷରୁ, କେଉଁ ଠିକାଦାର କରୁଛନ୍ତି ତାହାକୁ ସମ୍ପୂର୍ଣ୍ଣ ଲୁକ୍କାୟିତ ରଖାଯାଇଥିଲା। ଦେଖାଯାଇଛି । ଫଳରେ ନିମ୍ନ ମାନର କାର୍ଯ୍ୟ କରି ମୋଟା ଅଙ୍କର ଅର୍ଥ ହରିଲୁଟ୍ କରାଯିବାର ଏହା ଏକ ଅଭିସନ୍ଧି ବୋଲି ସାଧାରଣରେ ବେଶ୍ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଘଟଣାର ସତ୍ୟତା କ'ଣ ସେ ନେଇ କିଛି ଗଣମାଧ୍ୟମ ପ୍ରତିନିଧି ବଡ଼ମାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସିଉଳି ଟର୍କିଙ୍କ ସହ ବାରମ୍ବାର ଫୋନ୍ ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ସାମ୍ବାଦିକଙ୍କ ଫୋନ୍ ଉଠାଇ ନ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଏତାଦୃଶ ଆଚରଣ ଦେଖି ସେ କେଉଁ ତଥ୍ୟ ଲୁଚାଇବାକୁ ଯାଇ ଗଣମାଧ୍ୟମ ଠାରୁ ଦୂରତା ରଖୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରାଇଛି ।

# ସିଆରପିଏଫ୍ ଗ୍ରୁପ ସେଣ୍ଟର ଠାରେ ଆନ୍ତର୍ଜାତୀୟ ମହିଳା ଦିବସ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଗ୍ରୁପ ସେଣ୍ଟର ଆଞ୍ଚଳିକ କାଓ୍ୱା କେନ୍ଦ୍ର ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଆଞ୍ଚଳିକ କାଓ୍ୱା କେନ୍ଦ୍ର ଅଧ୍ୟକ୍ଷା ପୁନମ ସିଂହଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଦେଶର ସେବା କରିବା ବେଳେ ସହିଦ୍ ହୋଇଥିବା ସାହସୀ ମହିଳା/ଆଶ୍ରିତ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ ଗୀତ, ନୃତ୍ୟ, ଫ୍ୟାନ୍ସିଡ୍ରେସ, କେଶ ସଜ୍ଜା, ମ୍ୟୁଜିକାଲ ଚେୟାର, ମହମବତୀ ଖେଳ, ଫୁଟବଲ ହିଟ୍, ରଙ୍ଗୋଲି, ମେହେନ୍ଦି, କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

# ସମ୍ବଲପୁରରେ ପ୍ରତିଷ୍ଠା ହେବ ସିଜିଏଚ୍‌ଏସ୍ ହେଲଥ୍ ୱେଲନେସ୍ ସେଣ୍ଟର : ଧର୍ମେନ୍ଦ୍ର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠାରେ ଖୁବ୍‌ଶୀଘ୍ର ସିଜିଏଚ୍ଏସ୍ ହେଲଥ୍ ୱେଲନେସ୍ ସେଣ୍ଟର ପ୍ରତିଷ୍ଠା ହେବ । କେନ୍ଦ୍ର ସରକାର ଏନେଇ ଅନୁମୋଦନ ପ୍ରଦାନ କରିଛନ୍ତି । ଫଳରେ କେନ୍ଦ୍ର ସରକାରଙ୍କ ଅଧିନସ୍ଥ କର୍ମଚାରୀ ଓ ପେନସନଭୋଗୀ ମାନଙ୍କ ଜୀବନଧାରଣକୁ ସହଜ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ । ଏଥିପାଇଁ ଆବଶ୍ୟକ ପଦବୀ ପୂରଣ, ଆନୁସଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି । ଉକ୍ତ ପଦବୀ ଗୁଡିକ ମଧ୍ୟରେ ମେଡିକାଲ ଅଫିସର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଓ ଜୁନିୟର ହେଲଥ୍ ଆଡମିନିଷ୍ଟ୍ରେଟିଭ ଆସିଷ୍ଟାଣ୍ଡ ପୋଷ୍ଟ ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୮ସେପ୍ଟେମ୍ବର, ୨୦୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ପତ୍ର ଲେଖିଥିଲେ ।



ସମ୍ବଲପୁରରେ ବିଏସ୍ଏନ୍ଏଲ୍, ଡାକ ବିଭାଗ, ଆୟକର ବିଭାଗ, ପୂର୍ବତଟ ରେଳବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆରପିଏଫ୍ ଗ୍ରୁପ ସେଣ୍ଟର, ଆଇଆଇଏମ୍ ଓ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି । ଏଠାରେ ବହୁ ସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ ପେନସନ୍ ଭୋଗୀ ମାନେ ବସବାସ କରୁଛନ୍ତି । ସିଜିଏଚ୍ଏସ୍ ହେଲଥ୍ ୱେଲନେସ୍ ସେଣ୍ଟର ନଥିବାରୁ ସେମାନେ ଚିକିତ୍ସା ପାଇଁ ପ୍ରାୟ ୩୦୦କିମି ଦୂର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରକୁ ବାଧ୍ୟ ହୋଇ ଯାଉଛନ୍ତି । ଏହାଦ୍ୱାରା ପ୍ରାପ୍ତ ବୟସ୍କ ପେନସନ୍ ଭୋଗୀ ମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି । ଏଥିଯୋଗୁଁ ସମୟ ଅପଚୟ ଓ ଆର୍ଥିକ କ୍ଷେତ୍ରରେ ମଧ୍ୟ କ୍ଷତିଗ୍ରସ୍ତ ହେଉଥିବା ଜଣାପଡିଛି । ତେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ପତ୍ର ମାଧ୍ୟମରେ ସମ୍ବଲପୁରରେ ସିଜିଏଚ୍ଏସ୍ ହେଲଥ୍ ୱେଲନେସ୍ ସେଣ୍ଟର ପ୍ରତିଷ୍ଠା ସବୁ ପ୍ରକାଶ ଅନୁମୋଦନ ମିଳିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଜଣାଇଛନ୍ତି ।

**(ଶ୍ରୀମଭଗବଦ୍ ଗୀତା ୨/୫୨)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**

**ଯଦା ତେ ମୋହକଲିଳଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।**
**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ॥ ୫୨॥**

(କେତେବେଳେ ସେହି ବିଷ୍ଣୁପଦ ପ୍ରାପ୍ତ ହେବି ? ତାହାର ଉତ୍ତରରେ କହୁଛନ୍ତି) – ଯେତେବେଳେ ତୁମର ବୁଦ୍ଧି ଦେହାଦିରେ ଆତ୍ମବୁଦ୍ଧିରୂପ ମୋହମୟ ଗହନ ଦୁର୍ଗ ପାର ହେବ, ସେତେବେଳେ ଯାହା ଶୁଣିବାକୁ ଇଚ୍ଛା କରୁଅଛି ଓ ଯାହା ଶୁଣିଅଛ, ସେଥିରେ ତୁମର ବିରକ୍ତି ଆସିବ ॥୫୨॥

# ଲୋକସଭା ବାଚସ୍ପତିଙ୍କୁ ବହିଷ୍କାର ଉଦ୍ୟମ

ସଂସଦରେ ବଜେଟ ଅଧିବେଶନ ବେଶ ଗୁରୁତ୍ୱପୂର୍ଣ୍ଣ । ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ପ୍ରଶ୍ନୋତ୍ତର, ମୁଲତବୀ ପ୍ରସ୍ତାବ, ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଏପରିକି ଶୂନ୍ୟକାଳରେ ଆଲୋଚନା ଗୁଡ଼ିକ ଉଭୟ ସରକାର ଓ ଜନସାଧାରଣଙ୍କୁ ଦିଗ୍‌ଦର୍ଶନ ଦେଇଥାଏ । ଏପରିକି ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ଆଗତ କରାଯାଏ କିମ୍ବା ବିଧେୟକଗୁଡିକ ଆଇନରେ ପରିଣତ ହେବା ପୂର୍ବରୁ ସେ ବିଷୟରେ ତର୍କବିତର୍କ ମଧ୍ୟ ଚାଲିଥାଏ । କୌଣସି କୌଣସି ବିଷୟ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ସରକାର ଅନୁଭବ କଲେ, ସେ ବିଷୟରେ 'ଶ୍ୱେତପତ୍ର' ମଧ୍ୟ ସରକାର ପ୍ରକାଶ କରିଥା'ନ୍ତି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗୃହରେ ବିରୋଧୀ ଦଳର ନେତା କହିବାକୁ ଚାହିଁଲେ ପ୍ରାସଙ୍ଗିକତା ଦୃଷ୍ଟିରୁ ତାଙ୍କୁ କହିବାକୁ ସଂସଦରେ ବାଚସ୍ପତି ବା ତାଙ୍କର ସହଯୋଗୀ ଯିଏ ଗୃହରେ ଅଧ୍ୟକ୍ଷତା କରୁଥାନ୍ତି, ସୁଯୋଗ ଦିଅନ୍ତି । ଶେଷରେ ଲୋକସଭାର ନେତା ବା ପ୍ରଧାନମନ୍ତ୍ରୀ ଉତ୍ତର ରଖିଥାନ୍ତି । ସଂସଦର ଉଭୟ ଗୃହରେ ପ୍ରଧାନମନ୍ତ୍ରୀଙ୍କ ଉତ୍ତର ଶୁଣିବାକୁ କେବଳ ସଂସଦର ଉଭୟ ଗୃହରେ ନୁହେଁ, ଭାରତର ଜନସାଧାରଣ ମଧ୍ୟ ଆଗ୍ରହ ପ୍ରକାଶ କରିଥା'ନ୍ତି ।

**ଅପରପକ୍ଷରେ ବାଚସ୍ପତି ଓମ୍ ବିର୍ଲା ନିରପେକ୍ଷ ଭାବେ ଲୋକସଭାର ବଜେଟ ଅଧିବେଶନ ପରିଚାଳନା କରି ଆସୁଥିବା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କର ଅପ୍ରାସଙ୍ଗିକ ଆଚରଣକୁ ସେ ପ୍ରଶ୍ରୟ ଦେଇ ନାହାନ୍ତି । ଏପରିକି ଶାସକ ଦଳର ସାଂସଦ ନିୟମ ନ ମାନିଲେ ମଧ୍ୟ ଅତୀତରେ ସେ ସେମାନଙ୍କୁ ଚେତେଇ ଦେଇ ଆସିଛନ୍ତି । ତାଙ୍କ ବିରୋଧରେ କୌଣସି ଗୁରୁତର ଅଭିଯୋଗ କେହି କେବେ ଆଣିଥିବାର ଦୃଷ୍ଟାନ୍ତ ମଧ୍ୟ ନାହିଁ ।**

ଇତିମଧ୍ୟରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଭାରତର ବିରୋଧୀ ଦଳ କଂଗ୍ରେସ ଓ ତା'ସହଯୋଗୀ ଇଣ୍ଡି ମେଣ୍ଟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କୁ କହିବାକୁ ସୁଯୋଗ ଦେବାରୁ ତାଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଅଣାଯିବା କିମ୍ବା ତାଙ୍କୁ ଲୋକସଭାର ବାଚସ୍ପତି ପଦରୁ ବହିଷ୍କାର କରାଯିବା ଲାଗି କଂଗ୍ରେସ ଓ ତାହାର ସହଯୋଗୀ ଦଳମାନେ ଯେପରି ଉଦ୍ୟମ ଆରମ୍ଭ କରିଛନ୍ତି, ତାହାକୁ ଶିକ୍ଷିତ ଓ ସଚେତନ ଭାରତୀୟମାନେ ନାପସନ୍ଦ କରିଛନ୍ତି । ବିରୋଧୀ ଦଳର ନେତା ଭାବେ କିମ୍ବା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ରାଜୀବ ଗାନ୍ଧିଙ୍କ ପୁତ୍ର ଭାବେ ତାଙ୍କ ପ୍ରତି ଭାରତୀୟ ଜନସାଧାରଣଙ୍କର ଯଥେଷ୍ଟ ସମ୍ମାନ ରହିଛି । ମାତ୍ର ଜଣେ ଉପଯୁକ୍ତ ନେତା ବା ସାଂସଦ ଭାବେ ତାଙ୍କ ବକ୍ତବ୍ୟରେ ପରିପକ୍ୱତା ଆସିନାହିଁ ବୋଲି ଭାରତୀୟ ଲୋକେ ଏବେ ଅନୁଭବ କରୁଛନ୍ତି । ତାଙ୍କୁ ଯେଉଁମାନେ ବି ପରାମର୍ଶ ଦେଉଛନ୍ତି, ସେମାନେ ତାଙ୍କୁ ଠିକ୍ ବାଟରେ ନେଉନାହାନ୍ତି ବୋଲି ଅଭିଯୋଗମାନ ହେଉଛି ।

ଅପରପକ୍ଷରେ ବାଚସ୍ପତି ଓମ୍ ବିର୍ଲା ନିରପେକ୍ଷ ଭାବେ ଲୋକସଭାର ବଜେଟ ଅଧିବେଶନ ପରିଚାଳନା କରି ଆସୁଥିବା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କର ଅପ୍ରାସଙ୍ଗିକ ଆଚରଣକୁ ସେ ପ୍ରଶ୍ରୟ ଦେଇ ନାହାନ୍ତି । ଏପରିକି ଶାସକ ଦଳର ସାଂସଦ ନିୟମ ନ ମାନିଲେ ମଧ୍ୟ ଅତୀତରେ ସେ ସେମାନଙ୍କୁ ଚେତେଇ ଦେଇ ଆସିଛନ୍ତି । ତାଙ୍କ ବିରୋଧରେ କୌଣସି ଗୁରୁତର ଅଭିଯୋଗ କେହି କେବେ ଆଣିଥିବାର ଦୃଷ୍ଟାନ୍ତ ମଧ୍ୟ ନାହିଁ ।

ତଥାପି ସଂସଦର ଦ୍ୱିତୀୟ ବଜେଟ ଅଧିବେଶନ ଆରମ୍ଭ ଦିନ ଅର୍ଥାତ୍ ମାର୍ଚ୍ଚ ୯ (୨୦୨୬) ବାଚସ୍ପତି ଶ୍ରୀ ବିର୍ଲାଙ୍କ ବିରୋଧରେ ଆଗତ ଅଭିଯୋଗ ଉପରେ ଅବଶ୍ୟ ଆଲୋଚନା ହେବ ବୋଲି ଆଶା କରାଯାଉଛି । ଲୋକସଭାର ୫୪୧ ଜଣ ସାଂସଦଙ୍କ ମଧ୍ୟରୁ ବିଜେପି ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୨୯୩ ଜଣ ସାଂସଦ ବିରୋଧୀ ଦଳ ପକ୍ଷରୁ ଆଗତ ହୋଇଥିବା ଏହି ଅନାସ୍ଥା ପ୍ରସ୍ତାବ ବିରୋଧରେ ଭୋଟ ଦେବେ ବୋଲି ଜଣାଯାଇଛି । ତୃଣମୂଳ କଂଗ୍ରେସର ସାଂସଦମାନେ ବିରୋଧୀ ଦଳର ଏହି ପ୍ରସ୍ତାବକୁ ଆଦୌ ସମର୍ଥନ କରୁନାହାନ୍ତି ।

ସୋମବାର, ଯେଉଁ ଦିନଠାରୁ ସଂସଦର ବଜେଟ ଅଧିବେଶନ ଆଉ ଥରେ ଆରମ୍ଭ ହେଉଛି, ସେହିଦିନ ସମେତ ଦ୍ୱିତୀୟ ଦିବସରେ ମଧ୍ୟ ଶାସକ ବିଜେପି ପକ୍ଷରୁ ସାଂସଦମାନେ ସଂସଦର ଅଧିବେଶନରେ ଉପସ୍ଥିତ ରହିବା ଲାଗି ହ୍ୱିପ୍ ଜାରି କରାଯାଇଛି । ବିରୋଧୀ କଂଗ୍ରେସ ଦଳ ଓ ତାହାର ସହଯୋଗୀ ଦଳଗୁଡ଼ିକ ମଧ୍ୟ ବଜେଟ ଅଧିବେଶନ ପୁନର୍ବାର ଆରମ୍ଭ ହେବା ଦିନଠାରୁ ଲାଗ ଲାଗ ତିନି ଦିନ ଯାଏଁ ଉପସ୍ଥିତ ରହିବାକୁ ସାଂସଦମାନଙ୍କୁ କୁହାଯାଇଛି ।

ଦେଖାଯାଉ, ଏହି ଅନାସ୍ଥା ପ୍ରସ୍ତାବ କେଉଁ ଆଡ଼କୁ ଗତି କରିବ । ଏ ବିଷୟରେ ସର୍ବତ୍ର ତତ୍ପରତା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ,**
**ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ**
**ମୁଁ ଚୋରିକଲି ବୋଲି କହିବାକୁ ହେବ ।**
**(ମହାତ୍ମା ଗାନ୍ଧି)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଭିନ୍ନ ଦୃଷ୍ଟିରେ ତୀର୍ଥଯାତ୍ରା ଆଉ ପର୍ଯ୍ୟଟନ



**ଡ. ମୃଣାଳ ଚାଟାର୍ଜୀ**

ତୀର୍ଥଯାତ୍ରା ଆଉ ପର୍ଯ୍ୟଟନ– ଏ ଦୁଇଟିରେ କିଛି କଥା ସମାନ । ଉଭୟରେ ଲୋକେ ଗୋଟେ ଜାଗାରୁ ଆଉ ଗୋଟେ ଜାଗାକୁ ଯିବେ, ସେଠି ହୁଏତ କିଛିଦିନ ରହିବେ । ତେଣୁ ସେଠି ଯିବାର ଏବଂ ତା ସହିତ ଖାଇବା ଓ ରହିବାର ନିରାପଦ ବ୍ୟବସ୍ଥା ଥିବା ଦରକାର । ସେଠାକାର ମୁଖ୍ୟ ସ୍ଥାନଗୁଡ଼ିକୁ ଯେମିତି ଅଧିକ ଖର୍ଚ୍ଚାନ୍ତ ନ ହୋଇ ସୁବିଧାରେ ଏବଂ ନିରାପଦ ଭାବେ ଯାଇ ହେବ, ଦେଖିହେବ – ସେ ବ୍ୟବସ୍ଥା ଥିବା ଦରକାର । ସାମାଜିକ ନିରାପତ୍ତା ଦରକାର ।

ଏସବୁ ସମାନତା ସତ୍ତ୍ୱେ ତୀର୍ଥଯାତ୍ରା ଆଉ ପର୍ଯ୍ୟଟନ କିନ୍ତୁ ଦୁଇଟି ଅଲଗା କଥା, କାରଣ ଏହାର ମୌଳିକ ଉଦ୍ଦେଶ୍ୟ ଅଲଗା ।

ତୀର୍ଥ ଯାତ୍ରା ଏବଂ ପର୍ଯ୍ୟଟନର ମୌଳିକ ପ୍ରଭେଦ ହେଲା: ପର୍ଯ୍ୟଟନରେ, ଅଏସ୍ ଏବଂ ମନ ଖୁସି କରିବା ହେଉଛି ମୁଖ୍ୟ । ତୀର୍ଥଯାତ୍ରାରେ ଆରାମ ନୁହଁ ବରଂ ଶରୀରକୁ କଷ୍ଟ ଦେଇ, କଷ୍ଟ ସହି ମନକୁ ଆଧ୍ୟାତ୍ମିକତା ଆଡକୁ ନବା ହେଉଛି ମୁଖ୍ୟ । 'ମନ–ଖୁସି' ଆଉ ତୀର୍ଥ ଯାତ୍ରାର 'ମନ–ଖୁସି'–ଏ ଦୁଇଟି ଭିନ୍ନ । ଏହାର ପ୍ରକାର ଭିନ୍ନ ପ୍ରକ୍ରିୟା ବି ଭିନ୍ନ ।

ଗୋଟେ ଦୃଶ୍ୟରୁ ଏ ବିଷୟଟି ଆରମ୍ଭ କରେ । ହିମାଳୟର କୋଳରେ ଅବସ୍ଥିତ କେଦାରନାଥ ଏକ ତୀର୍ଥସ୍ଥାନ । କେଦାରନାଥ ଭାରତୀୟ ସଂସ୍କୃତିର ଏକ ପ୍ରତୀକ । ସେଠି ତୀର୍ଥ ଯାତ୍ରା କରିବାକୁ ଭାରି କଷ୍ଟକର ଥିଲା ଏବଂ ସେଥିପାଇଁ ବହୁତ କମ୍ ଲୋକ ସେଠି ଯାଇପାରୁଥିଲେ । ସେମିତି ଧରନ୍ତୁ ଗଙ୍ଗା ସାଗର । କଥାରେ କୁହାଯାଉଥିଲା 'ସବୁ ତୀର୍ଥ ବାର ବାର, ଗଙ୍ଗା ସାଗର ଏକବାର' । ଏଇଥିପାଇଁ କୁହାଯାଉଥିଲା ଯେ ସେଠି ପହଞ୍ଚିବା ବଡ କଷ୍ଟ ଥିଲା । ବହୁତ କମ୍ ଲୋକ ସେଠି ଯାଉଥିଲେ ବା କୁହାଯାଉ ଯାଇ ପାରୁଥିଲେ ।

ଏବେ ୨୦୨୬ରେ କେଦାରନାଥରେ ଏତେ ଲୋକ ଭିଡ ହେଉଛି ଯେ ସେଠିକାର ଭିତ୍ତିଭୂମି ଏବଂ ବ୍ୟବସ୍ଥା ଏ ଭିଡକୁ ସମ୍ଭାଳି ପାରୁନାହିଁ ଆଉ ଗୋଟେ କଥା ଲକ୍ଷ୍ୟ କରାଯାଉଛି: ଯେଉଁମାନେ ସେଠି ପହଞ୍ଚୁଛନ୍ତି ସେମାନଙ୍କ ଭିତରେ ଭକ୍ତି କମ୍, ସେଠି କ'ଣ ହେଉଛି ଦେଖିବା ଏବଂ ମୁଁ ସେଠିକୁ ଯାଇଛି ବୋଲି ଦେଖେଇବା, ଏଟା ଅଧିକ ହେଇଯାଉଛି । କୌତୁହଳରେ, ଖୁସିରେ ବୁଲି ଯିବା କଥା ଛାଡ଼ନ୍ତୁ, ପ୍ରାକ–ବିବାହ ସୁଟିଂ ପାଇଁ ଲୋକେ କେଦାରନାଥ ପହଁଚିଯାଉଛନ୍ତି ।

**ଏବେ ୨୦୨୬ରେ କେଦାରନାଥରେ ଏତେ ଲୋକ ଭିଡ ହେଉଛି ଯେ ସେଠିକାର ଭିତ୍ତିଭୂମି ଏବଂ ବ୍ୟବସ୍ଥା ଏ ଭିଡକୁ ସମ୍ଭାଳି ପାରୁନାହିଁ ଆଉ ଗୋଟେ କଥା ଲକ୍ଷ୍ୟ କରାଯାଉଛି: ଯେଉଁମାନେ ସେଠି ପହଞ୍ଚୁଛନ୍ତି ସେମାନଙ୍କ ଭିତରେ ଭକ୍ତି କମ୍, ସେଠି କ'ଣ ହେଉଛି ଦେଖିବା ଏବଂ ମୁଁ ସେଠିକୁ ଯାଇଛି ବୋଲି ଦେଖେଇବା, ଏଟା ଅଧିକ ହେଇଯାଉଛି । କୌତୁହଳରେ, ଖୁସିରେ ବୁଲି ଯିବା କଥା ଛାଡ଼ନ୍ତୁ, ପ୍ରାକ–ବିବାହ ସୁଟିଂ ପାଇଁ ଲୋକେ କେଦାରନାଥ ପହଁଚିଯାଉଛନ୍ତି ।**

ପର୍ଯ୍ୟଟନ ନାଁରେ ପ୍ରକୃତି ଉପରେ ଯେଉଁ ଅତ୍ୟାଚାର ହେଉଛି ତା' ପାଇଁ କେଦାରନାଥ ମନ୍ଦିରର ଅବସ୍ଥିତି ସଂକଟାପନ୍ନ । ୨୦୧୩ ଜୁନରେ ପ୍ରବଳ ବନ୍ୟାରେ ସେ ଅଞ୍ଚଳ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା । କେଦାରନାଥରେ ପ୍ରତିଷ୍ଠିତ ଶିବ ଲିଙ୍ଗ ଅନ୍ୟାନ୍ୟ ମନ୍ଦିର ଭଳିଆ ନୁହଁ । ତା' ପଛରେ ରହିଛି ଗୋଟେ କାହାଣୀ । କାହାଣୀ ମହାଭାରତରୁ । କୁରୁକ୍ଷେତ୍ର ଯୁଦ୍ଧପରେ ଆତ୍ମୀୟ ହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ପାଣ୍ଡବ ମାନେ ମହାଦେବଙ୍କ ଦର୍ଶନ ଚାହିଁଥିଲେ । କିନ୍ତୁ ମହାଦେବ ସେମାନଙ୍କୁ ଦେଖା ଦେବାପାଇଁ ଚାହିଁଲେ ନାହିଁ । ସେ ବୃଷଭ (ଷଣ୍ଢ)ରୂପ ଧାରଣ କରି କେଦାରନାଥ ପାହାଡ଼ରେ ଲୁଚିଗଲେ । ଭୀମ ଯେତେବେଳେ ମହାଦେବଙ୍କୁ ଚିହ୍ନି ପକେଇଲେ ସେତେବେଳେ ମହାଦେବ ମାଟିତଳେ ବିଲୀନ ହେବାପାଇଁ ଆରମ୍ଭ କରନ୍ତି । ଭୀମ ତାଙ୍କର ଲାଞ୍ଜ ଏବଂ ପଛପଟଟିକୁ ଜାବୁଡି ଧରନ୍ତି । ମହାଦେବଙ୍କର ସେହି ପୃଷ୍ଠଭାଗ ବା କୁଜ ଅଂଶଟି କେବଳ ରହିଲା । ତାହା କେଦାରନାଥରେ ତ୍ରିକୋଣାକୃତିଶିଳା ଭାବରେ ପୂଜିତ ହୁଏ । ବାକି ଅଂଶଗୁଡିକ ପଞ୍ଚ କେଦାରର ଅନ୍ୟାନ୍ୟ ସ୍ଥାନରେ ଯେମିତି ତୁଙ୍ଗନାଥ, ରୁଦ୍ରନାଥ, ମଦମହେଶ୍ୱର, କଳ୍ପେଶ୍ୱରରେ ପ୍ରକଟ ହୁଏ । ଏହି ଶୀଳାଖଣ୍ଡଗୁଡିକ ଭକ୍ତି ଏବଂ ତ୍ୟାଗର ପ୍ରତୀକ, ଯାହା ହଜାର ବର୍ଷ ଧରି ହିମାଳୟର ପ୍ରତିକୂଳତାକୁ ଜୟ କରି ରହିଛି ।

ହେଲେ ବର୍ତ୍ତମାନ କେଦାରନାଥର ପରିସ୍ଥିତି ବେଶ୍ ଉଦ୍‌ବେଗଜନକ । ୨୦୧୩ର ପ୍ରଳୟଙ୍କରୀ ବନ୍ୟାର ସ୍ମୃତି ଏପର୍ଯ୍ୟନ୍ତ ଫିକା ହେଇ ନାହିଁ କିନ୍ତୁ ମଣିଷର ସଚେତନତା ବି ନାହିଁ । ଏଠିକାର ଅତିରିକ୍ତ ଭିଡ ସେ ଅଞ୍ଚଳର ଧାରଣ କ୍ଷମତାଠାରୁ ଅନେକ ଅଧିକ ଲୋକଙ୍କର ଆସିବା, ପାହାଡ଼ର ଭାରସାମ୍ୟକୁ ନଷ୍ଟ କରୁଛି । ପରିବେଶ ପ୍ରଦୂଷଣ ହେଉଛି । ଯେଉଁଠି ସେଇଠି ପ୍ଲାଷ୍ଟିକ୍ ଏବଂ ବର୍ଜ୍ୟ ପଦାର୍ଥ ଜମା ହେବା ଫଳରେ ହିମାଳୟର ସ୍ୱର୍ଶକାତର ଇକୋ ସିଷ୍ଟମ ବର୍ତ୍ତମାନ ଧ୍ୱଂସ ମୁହଁରେ । ପାହାଡ କାଟି ରାସ୍ତା ତିଆରି କରାଯାଉଛି । ଯେଉଁଠି ପାରି ସେଇଠି ନିର୍ମାଣ ଫଳରେ ଭୂସ୍ଖଳନର ପ୍ରବଣତା ବଢୁଛି । ଅନେକ ପର୍ଯ୍ୟଟକଙ୍କର ଭକ୍ତିରେ ନୁହଁ, ସେଠି ଭିଡିଓ ତିଆରି କରିବା, ଫଟୋ ଉଠେଇବା ଇତ୍ୟାଦିର ନିଶାରେ ଅନେକ ପର୍ଯ୍ୟଟକ ମନ୍ଦିରର ଗାମ୍ଭୀର୍ଯ୍ୟ ନଷ୍ଟ କରୁଛନ୍ତି । ଆଧ୍ୟାତ୍ମିକତା ଭକ୍ତିଭାବ ଗୌଣ ହେଇଯାଉଛି । ଏ ପ୍ରବଣତା ଫଳରେ ପ୍ରକୃତ ଭକ୍ତମାନେ ସମସ୍ୟାରେ ପଡୁଛନ୍ତି, ପାହାଡ଼ର ଶାନ୍ତି ବିଘ୍ନିତ ହେଉଛି । ଅତିରିକ୍ତ ଡିଜିଟାଲ କୋଳାହଳ ଏବଂ ମଣିଷର ଭିଡ କମେଇବା ପାଇଁ ପଦକ୍ଷେପ ନେବା ପାଇଁ କଥା ଉଠୁଛି । ସମାନ କଥା ପୁରୀ ମନ୍ଦିରରେ ହେଉଛି, ସମାନ କଥା ଭାରତବର୍ଷରେ ଯେଉଁଠି ଧର୍ମସ୍ଥାନଗୁଡିକ ରହିଛି ସବୁଆଡେ ରହୁଛି । ତୀର୍ଥକୁ ପର୍ଯ୍ୟଟନର ଆଇନାରେ ଦେଖିଲେ ଏ ସମସ୍ୟା ଦେଖା ଦେବ ।

ତୀର୍ଥଯାତ୍ରା ତୁଳନାରେ ପର୍ଯ୍ୟଟନରେ ଅଧିକ ଅର୍ଥ ଏବଂ ଆୟର ସୁଯୋଗ ଓ ସମ୍ଭାବନା ରହିଛି । ସର୍ତ୍ତ ହେଲା: ପର୍ଯ୍ୟଟକମାନଙ୍କ 'ମନ ଖୁସି'ର ଚାହିଦା ପୂରଣ କରିବାକୁ ପଡ଼ିବ । ସେଥିପାଇଁ ବିଳାସବହୁଳ ସୌଖୀନ ହୋଟେଲ ଦରକାର, ଆରାମଦାୟକ ଯାନବାହାନ ଦରକାର, ଅବସର ବିନୋଦନର ଆଧୁନିକ ବ୍ୟବସ୍ଥା ଦରକାର ଯେହେତୁ ଆୟର ସୁଯୋଗ ଅଧିକ, ସେହେତୁ କ୍ରମଶଃ ଆମ ତୀର୍ଥକ୍ଷେତ୍ରଗୁଡିକୁ କ୍ରମଶଃ ପର୍ଯ୍ୟଟନ କ୍ଷେତ୍ର କରି ଦିଆଯାଉଛି । ଫଳରେ କେଦାରନାଥ ହେଉ ବା ଗଙ୍ଗାସାଗର ପୁରୀ ହେଉ ବା ଅମରନାଥ – ପ୍ରମୁଖ ତୀର୍ଥକ୍ଷେତ୍ରଗୁଡିକ କ୍ରମଶଃ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହୋଇଯାଉଛି । ତୀର୍ଥକ୍ଷେତ୍ରଗୁଡିକରେ ଭକ୍ତି କମୁଛି, ଆମୋଦପ୍ରମୋଦ ଆଉ ଫୂର୍ତ୍ତି ବଢୁଛି ।

**(ଲେଖକ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଏବଂ ଜଣେ ସୃଜନଶୀଳ ଲେଖକ)**
**ନିର୍ମାଲ୍ୟ, VIP–୨୧, ଲିଟିଲ ଓଡ଼ିଶା,**
**ଛତାବର, ଭୁବନେଶ୍ୱର,**
**ମୋ– ୯୪୩୭୦୨୬୧୯୪**

# ଦୁର୍ଲ୍ଲଭ ପକ୍ଷୀ ତାଲିକାରେ କାଉ

**ବୈଷ୍ଣବ ଚରଣ ଦାଶ**

'ରାତି ପାହିଲାଣି ରାବଇ କାଉଉଠ ଉଠ ମଠ ନ କର ଆଉ' ଦିନେ ଏହି ଧାଡ଼ି ପିଲାମାନେ କେବଳ ପଢୁ ନ ଥିଲେ, ପିଲାଙ୍କ ଦୈନନ୍ଦିନ ଜୀବନର ଏହା ଥିଲା ଏକ ଅଂଶ । ବହିରେ ଲେଖାଥିବା ଏହି ଗୀତ ଶୁଣିଲେ ମନ ପୁଲକିତ ହୋଇଥାଏ । କାଉର ରାବ ଶୁଣି ଶିଶୁଟି ବି ଶୀତୁଆ ନିଦରୁ ଉଠିଯାଇଥାଏ । ହେଲେ ଆଜିକାଲି ଗାଁରେ ବି ଆଗଭଳି ସକାଳେ ଆଉ କାଉର କା କା ରାବ ଶୁଭୁନି । ତେବେ କାଉ କେବଳ ଆମ ଗାଁ ଗହଳିରେ ନୁହେଁ ସାରା ପୃଥିବୀରେ ଦେଖିବାକୁ ମିଳିଥାଏ ।



କା, କା, ବୋଲି ସେ ରାବିବାରୁ ତାକୁ କାଉ ବା କାକ ବୋଲି କୁହାଯାଇଛି । ଓଡ଼ିଆରେ 'କାଉ' ସଂସ୍କୃତରେ 'କାକ' ଓ ହିନ୍ଦୀରେ 'କଓ୍ୱା' ଓ ଇଂଲିଶରେ 'କ୍ରୋ' ବୋଲି ଏହି ପକ୍ଷୀକୁ କୁହାଯାଏ । ଗୋଟିଏ ଗୋଟିଏ ଗଛରେ ଶହ ଶହ ସଂଖ୍ୟାର କାଉମାନେ ବସା ବାନ୍ଧି ରହିଥିବାର ଦେଖାଯାଏ । ସକାଳୁ ସକାଳୁ ଏମାନେ ଖାଦ୍ୟ ଅନ୍ୱେଷଣରେ ଦଳଦଳ ହୋଇ ବାହାରି ଯାଆନ୍ତି ଓ ସନ୍ଧ୍ୟା ବେଳକୁ ଦଳ ଦଳ ହୋଇ ଫେରି ଆସିଥାନ୍ତି । ଖାଦ୍ୟ ଅନ୍ୱେଷଣରେ ଏମାନେ ପ୍ରାୟ ୩୦ ମାଇଲ ରାସ୍ତା ଅତିକ୍ରମ କରିଥାନ୍ତି । କାଉ ଉଡ଼ି ଯାଉଥିବା ବେଳେ ପ୍ରତି ସେକେଣ୍ଡରେ ମାତ୍ର ଦୁଇଥର ପକ୍ଷକୁ ବାଡ଼େଇଥାଏ ।

ସାରା ପୃଥିବୀରେ ପ୍ରାୟ ୪୦ଟି ପ୍ରଜାତିର କାଉ ଦେଖାଯାଉଥିବାବେଳେ ଭାରତରେ ସାଧାରଣତଃ ୨ଟି ପ୍ରଜାତିର କାଉ ଅଛନ୍ତି । ଡାମରା କାଉ ଓ କୁଜି କାଉ । ଡାମରା କାଉ ଚିକ୍କଣ କଳା । ଏମାନଙ୍କର ରାବ ମୋଟା, କର୍କଶ । ମାତ୍ର କୁଜି କାଉ ବେକ ଟିକିଏ ପାଉଁଶିଆ ରଙ୍ଗର ହୋଇଥାଏ । ବିଭିନ୍ନ ଅଞ୍ଚଳରେ ଏହି କାଉମାନଙ୍କର ଆକାର ଛୋଟ ବଡ଼ ଥାଏ । ଖୁବ୍ ଉପକାରୀ ହେଲେ ମଧ୍ୟ କାଉର ଆଦର ଲୋକଙ୍କ ଭିତରେ ଟିକେ କମ୍ ଦେଖିବାକୁ ମିଳେ ।

କାଉକୁ କେତେକ ସ୍ଥାନରେ ଲୋକମାନେ ସୌଭାଗ୍ୟଦାୟକ ପକ୍ଷୀ ବୋଲି ବିବେଚନା କରନ୍ତି । ସେମାନଙ୍କ ଧାରଣା ଯେ, କାଉଟିକୁ ଉଡ଼ାଇଦେଲେ ତା' ସହ ଦୁର୍ଭାଗ୍ୟ ଉଡ଼ିଯାଏ, କାରଣ କାଉ ସହ ଜୀବନରେ ଭଲ ସମୟ ଆସିଥାଏ । ଏହି ହାଇଦ୍ରାବାଦରେ କାଉ ଗୋଟିକୁ ୧୫୦ ରୁ ୨୦୦ ଟଙ୍କାରେ ବିକ୍ରି ହୋଇଥାଏ । ଯେଉଁ କାଉର ବେକ ତଳେ ଧଳା ଦାଗ ଥାଏ, ସେମାନଙ୍କୁ ଉଡ଼ାଇ ଦେଲେ ଭାଗ୍ୟ ଖୋଲିଯାଏ ବୋଲି ମଧ୍ୟ ଲୋକଙ୍କର ବିଶ୍ୱାସ ରହିଛି । ଲୋକମାନେ କାଉ କିଣିବା ପରେ ସେଇଠି ତାକୁ ଉଡ଼ାଇ ଦିଅନ୍ତି କିମ୍ବା ଘରକୁ ନେଇ ଘରର ରୋଗଗ୍ରସ୍ତ ବ୍ୟକ୍ତିଙ୍କ ଦ୍ୱାରା ଉଡ଼ାଇଥାନ୍ତି । ରୋଗଗ୍ରସ୍ତ ବ୍ୟକ୍ତି କାଉ ଉଡ଼ାଇବା ପରେ ରୋଗ ଉପଶମ ହୋଇଯାଏ ବୋଲି ଲୋକେ ବିଶ୍ୱାସ କରନ୍ତି । କୁଦୃଷ୍ଟିରୁ ରକ୍ଷା ପାଇବା ତଥା ଗହଣା ବେପାର ମାନ୍ଦା ପଡ଼ିଗଲେ ବ୍ୟବସାୟୀମାନେ ମଧ୍ୟ କାଉ ଉଡ଼ାଇ ଦେଇଥାଆନ୍ତି । ଏଥିରେ ବେପାର ଭଲ ଚାଲେ ବୋଲି ସେମାନଙ୍କର ମତ । ମଙ୍ଗଳବାର ଓ ଅମାବାସ୍ୟାରେ କାଉ ଉଡ଼ାଇଲେ ଅଧିକ ଶୁଭ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ଚାଣକ୍ୟ ନୀତିରେ ମଧ୍ୟ କାଉ ଠାରୁ ଶିଖିବା ପାଇଁ କୁହାଯାଇଛି ।

*'ଗୂଢମୈଥୁନଚାରିତ୍ୱଂ କାଲେ କାଲେ ଚ ସଙ୍ଗ୍ରହମ୍ । ଅପ୍ରମତ୍ତମବିଶ୍ୱାସଂ ପଞ୍ଚ ଶିକ୍ଷେଚ୍ଚ ବାୟସାତ୍ ।'*

**ପ୍ରଦୂଷିତ, ବିଷାକ୍ତ ଓ ଅସୁରକ୍ଷିତ ପରିବେଶ ପାଇଁ କୁଆ ବଂଶ ବିଲୋପ ହେବାକୁ ବସିଛି । ହିନ୍ଦୁ ଧର୍ମରେ କାଉ ରୂପରେ ଆମର ପୂର୍ବ ପୁରୁଷ ଆସନ୍ତି ବୋଲି ବିଶ୍ୱାସ ରହିଛି । ଘରେ କୌଣସି ଲୋକର ମୃତ୍ୟୁ ହେଲେ କାଉମାନଙ୍କୁ ଖାଇବାକୁ ଦିଆଯାଇଥାଏ । ଜ୍ୟୋତିଷ ଶାସ୍ତ୍ର ମତରେ ଶନି ମହାଦଶା ପଡ଼ିଲେ, କାଉକୁ ଖାଇବାକୁ ଦେଲେ ରିଷ୍ଟ ଖଣ୍ଡନ ହୁଏ ।**

କାଉର ଏହି ଅଭ୍ୟାସଗୁଡିକ ଯଦି ଆପଣ ନିଜ ଜୀବନରେ ଆପଣାଇ ନେବେ ତେବେ ଆପଣ ସଫଳତା ଆଡକୁ ଅଗ୍ରସର ହେବେ । ଲୁଚି କରି ସଂଗମ କରିବା, କୌଣସି ବି ସ୍ଥିତିରେ ଧୈର୍ଯ୍ୟ ରଖିବା, ସମୟ ନଷ୍ଟ ନ କରିବା । ଘରେ ଜୀବନ ଚଳାଇବା ପାଇଁ ସାମଗ୍ରୀ ଜମା କରିବା, ସବୁବେଳେ ସତର୍କ ରହିବା, କାହା ଉପରେ ବିଶ୍ୱାସ ନ ରଖିବା ଗୁଣ କାଉ ଠାରୁ ଶିଖିବାକୁ ଚାଣକ୍ୟ କହିଛନ୍ତି ।

ଏବେ କିନ୍ତୁ କାଉଙ୍କ ବଂଶ ଦିନକୁ ଦିନ ଲୋପ ପାଇବାରେ ଲାଗିଛି । ବିପଦରେ କାଉ ବଂଶ କାଳାତିପାତ କରୁଥିବା ଜଣାଯାଏ । କୁଆଙ୍କ ଉଭାନ ପଛରେ ବାସଗୃହର ଅଭାବ, କୀଟନାଶକ ଭଳି ରାସାୟନିକ ଦ୍ରବ୍ୟର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି । ବଡ଼ ବଡ଼ ଗଛ ଲୋପ ପାଇବା ଦ୍ୱାରା କୁଆମାନେ ତାଙ୍କ ବାସଗୃହ ହରାଇ ବସିଛନ୍ତି ।

ବର୍ତ୍ତମାନ ଯେଉଁ କିଛି କାଉ ରହିଛନ୍ତି ସେମାନେ ସକାଳେ ରାବିବା ବଦଳରେ ମଧ୍ୟ ରାତିରେ କା' କା' ରଡ଼ି ଛାଡୁଛନ୍ତି । ମାନବ ସମାଜ ପାଇଁ ଏହା ଏକ ଦୁଃଖ ଖବର । ପ୍ରଦୂଷିତ, ବିଷାକ୍ତ ଓ ଅସୁରକ୍ଷିତ ପରିବେଶ ପାଇଁ କୁଆ ବଂଶ ବିଲୋପ ହେବାକୁ ବସିଛି । ହିନ୍ଦୁ ଧର୍ମରେ କାଉ ରୂପରେ ଆମର ପୂର୍ବ ପୁରୁଷ ଆସନ୍ତି ବୋଲି ବିଶ୍ୱାସ ରହିଛି । ଘରେ କୌଣସି ଲୋକର ମୃତ୍ୟୁ ହେଲେ କାଉମାନଙ୍କୁ ଖାଇବାକୁ ଦିଆଯାଇଥାଏ । ଜ୍ୟୋତିଷ ଶାସ୍ତ୍ର ମତରେ ଶନି ମହାଦଶା ପଡ଼ିଲେ, କାଉକୁ ଖାଇବାକୁ ଦେଲେ ରିଷ୍ଟ ଖଣ୍ଡନ ହୁଏ । 'ବଳି ବୈଶ୍‌ଦେବ'ରେ ମଧ୍ୟ କାକବଳି ବା କାଉମାନଙ୍କ ପାଇଁ ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି । ସକାଳୁ ଯଦି ଅଗଣାରେ କାଉଟିଏ ରାବେ, ତେବେ ତାହା ଘରକୁ କେହି କୁଣିଆ ଆସିବାର ସୂଚନା ବୋଲି ବିଶ୍ୱାସ କରାଯାଏ ।

ବୁଦ୍ଧିଆ ପକ୍ଷୀଙ୍କ ଭିତରେ କାଉ କେବେହେଲେ ଏକୁଟିଆ ଖାଏନାହିଁ । ସେମାନେ ତାଙ୍କ ସାଙ୍ଗସାଥୀଙ୍କୁ ଏକାଠି ଖାଇବା ପାଇଁ ଡାକନ୍ତି । ସେମାନେ ବିଭିନ୍ନ ସାଧନ ବ୍ୟବହାର କରନ୍ତି । ନିଜ ଶାବକଙ୍କୁ ସୁରକ୍ଷା ଦିଅନ୍ତି । ଏକ ସାମାଜିକ ପରିବେଶରେ ବାସ କରନ୍ତି । କେହି ପ୍ରିୟଜନ ମରିଗଲେ, ମଣିଷଙ୍କ ପରି ଶୋକ କରନ୍ତି । କାଉ ବଂଶକୁ ବୃଦ୍ଧି କରିବାକୁ ହେଲେ, ଆମକୁ ବଡ଼ ବଡ଼ ଗଛ ଲଗାଇବାକୁ ପଡ଼ିବ । ତେବେ ଯାଇ ଏହି ପକ୍ଷୀଟିର ଜୀବନ ରକ୍ଷା ହୋଇପାରିବ ।

**ବୀର ଧନଞ୍ଜୟ ପୁର,**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ପରୋପକାରାୟ ସ୍ୱର୍ଗାୟ

**ପ୍ରଭାତ କୁମାର ମହାପାତ୍ର**

ଥରେ ମହାନ୍ ଦାର୍ଶନିକ କନ୍‌ଫ୍ୟୁସୀୟସଙ୍କ ନିକଟକୁ ସେ ଦେଶର ମହାରାଜ ଆସି କହିବାକୁ ଲାଗିଲେ,ଚାରି ଆଡ଼େ ବେଇମାନି ଅରାଜକତା ସହ ଛଳ,କପଟ,ହିଂସା ବଢ଼ି ବଢ଼ି ଗଲାଣି । ଆମ ଦେଶରେ କଣ ଏମିତି କେହି ନାହାନ୍ତି,ଯାହା ନିକଟରେ ସଦାଚାର ଥିବ ତଥା ଗୁଣରେ ଦେବତାଙ୍କ ଠାରୁ ମଧ୍ୟ ମହାନ୍ ହୋଇଥିବେ ? କନ୍‌ଫ୍ୟୁସୀୟସ ଉତ୍ତର ଦେଲେ,କାହିଁକି ନୁହେଁ ମହାରାଜ ?

ଜଣେ ତ ସ୍ୱୟଂ ଆପଣ ଅଟନ୍ତି କାରଣ ସତ୍ୟକୁ ଜାଣିବା ପାଇଁ ଚେଷ୍ଟା କରୁଥିବା ପ୍ରତ୍ୟେକ ଜିଜ୍ଞାସୁମାନଙ୍କୁ ମୁଁ ମହାନ୍ ବୁଝିଥାଏଁ । ସମ୍ରାଟ କହିଲେ,ଆପଣଙ୍କ ଦୃଷ୍ଟିରେ ଯଦିଓ ମୁଁ ମହାନ୍ ହୋଇପାରେ ,କିନ୍ତୁ ଏପରି ଆଉ ଜଣେ ମହାନ୍ ମନୁଷ୍ୟକୁ ଦେଖିବାକୁ ଚାହୁଛି,ଯିଏ କି ମୋ ଠାରୁ ମଧ୍ୟ ମହାନ୍ ହୋଇଥିବ । କନ୍‌ଫ୍ୟୁସୀୟସ ଉତ୍ତର ଦେଲେ,ତେବେ ତ ସେହି ବ୍ୟକ୍ତି ମୁଁ ନିଜେ ହିଁ ଅଟେ ।

ସମ୍ରାଟ କହିଲେ, ଆପଣଙ୍କ ଠାରୁ ମଧ୍ୟ ମହାନ୍ ମନୁଷ୍ୟକୁ ଦେଖିବାକୁ ଚାହେଁ ! ଦୟାକରି ମୋତେ ସେଭଳି ବ୍ୟକ୍ତିଙ୍କ ନିକଟକୁ ନେଇ ଚାଲନ୍ତୁ । କିଛି କ୍ଷଣ ସମ୍ରାଟଙ୍କୁ ଚାହିଁ କନ୍‌ଫ୍ୟୁସୀୟସ କହିଲେ ମହରାଜ୍ ,ଆମକୁ ଆଉ କେଉଁ ଆଡେ ଯିବାକୁ ପଡ଼ିବ ନାହିଁ । ଆମଠାରୁ ମହାନ୍ ଶହ ଶହ ମନୁଷ୍ୟ ଆମ ନିଜ ଆଖ ପାଖରେ ଦେଖିବାକୁ ମିଳିଯିବେ । କେବଳ ସେମାନଙ୍କୁ ଆମେ ସେହି ଭଳି ଦୃଷ୍ଟିରେ ଦେଖିବାକୁ ପଡ଼ିବ ।

ମହାରାଜ ସେହି ସାମ୍ନାରେ ଥିବା ଶହେ ବର୍ଷର ଜଣେ ବୁଢୀକୁ ଦେଖନ୍ତୁ ତ ! ସେ କଣ କରୁଛି ? ମହାରାଜ ଉତ୍ତର ଦେଲେ,ଆରେ ସେହି ବୁଢ଼ୀ କୋଦାଳ ଧରି କୂଅ ଖୋଳୁଛି ! କିଛି ସମୟ ଆଶ୍ଚର୍ଯ୍ୟର ସହ ପୁଣି କହିବାକୁ ଲାଗିଲେ,କିନ୍ତୁ ଏହି ବୟସରେ ତାଙ୍କୁ କୂଅ ଖୋଳିବା ଆବଶ୍ୟକତା କାହିଁକି ପଡ଼ିଲା ?

କନ୍‌ଫ୍ୟୁସିୟସ କହିଲେ,ଆପଣ ଠିକ୍ କହିଲେ ମହାରାଜ ! କିନ୍ତୁ କେବଳ ଆବଶ୍ୟକତା ହିଁ ସବୁ କିଛି ହୋଇ ନ ଥାଏ । ସେହି ବୁଢ଼ୀ ଲୋକଟି ଭଲ ଭାବେ ଜାଣିଛି, ଯେକୌଣସି ମୂହୁର୍ତ୍ତରେ ମଧ୍ୟ ତାର ପ୍ରାଣବାୟୁ ଚାଲି ଯାଇପାରେ ତଥାପି ସେ ଅନ୍ୟମାନଙ୍କ ମଙ୍ଗଳ ପାଇଁ ସେହି କାର୍ଯ୍ୟଟି କରୁଛି । ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ଏହିପରି ନିର୍ଲିପ୍ତ ହୋଇ ନିଜ ଜୀବନର ବଳିଦାନ ଦେଇଥାଏ,ସେ ହିଁ ବାସ୍ତବରେ ମହାନ୍ ଅଟେ ଏବଂ ଈଶ୍ୱର ସ୍ୱରୂପ ହୋଇଥାଏ ।

ଏହିପରି ବ୍ୟକ୍ତି ହିଁ ବଞ୍ଚି ଥାଉଁ ଥାଉଁ ଜୀବନ ମରଣର ସମସ୍ତ ସୀମା ଲଂଘନ କରି ଅମର ହୋଇ ଯାଆନ୍ତି । ବାସ୍ତବରେ ସେ ବୁଢ଼ୀ ମା' ଆମମାନଙ୍କ ଆଖି ଖୋଲି ଦେଲେ । ସେଥିପାଇଁ ତ ମହାନ୍ କାଳୀ ସାଧକ ଶ୍ରୀରାମକୃଷ୍ଣ ପରମହଂସଙ୍କ ପରମ ଶିଷ୍ୟ ସ୍ୱାମୀ ବିବେକାନନ୍ଦ କହିଥିଲେ,ସେ ହିଁ ଏଇ ଧରାପୃଷ୍ଠରେ ଜୀବିତ, ଯିଏ ଅନ୍ୟମାନଙ୍କ ପାଇଁ ବଞ୍ଚିଥାଏ, ଆଉ ଅନ୍ୟମାନେ ଜୀବିତ ଥାଇ ମଧ୍ୟ ମୃତ ସଦୃଶ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ**
**କୋରାପୁଟ ,ମୋ–୭୮୯୪୦୦୫୪୫୫**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରିଗୁଡା ଥିମ୍ ଅଧୀନରେ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଉତ୍ସାହ ଓ ଆନନ୍ଦର ସହ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୬୦୦ ରୁ ଅଧିକ ମହିଳାଙ୍କ ଅଂଶଗ୍ରହଣ ଦେଖାଯାଇଥିଲା। ଏଥିରେ ମହିଳା କର୍ମଚାରୀ, ପାଖପାଖି ସମୁଦାୟର ମହିଳାମାନେ ଓ




କର୍ମଚାରୀଙ୍କ ସହଧର୍ମିଣୀମାନେ ଅଂଶ ନେଇଥିଲେ। ଏହି ଆୟୋଜନ ମହିଳାମାନଙ୍କ ଶକ୍ତି, ନେତୃତ୍ୱ ଓ ସମାଜରେ ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ଏକ ଉତ୍ସାହଭରା ମଞ୍ଚ ସୃଷ୍ଟି କରିଥିଲା। ଏହି ଅବସରରେ ଖ୍ୟାତନାମା ଭାରତୀୟ ସ୍ପ୍ରିଣ୍ଟର ଦୁତୀ ଚାନ୍ଦ, ଭାରତୀୟ ସେନାର କର୍ଣ୍ଣେଲ୍ ଶ୍ୱେତା ପ୍ରଭାତୀ ଏବଂ ସାମାଜିକ ନେତୃତ୍ୱ ହିନା ବେଗ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ। ସେମାନଙ୍କର ପ୍ରେରଣାଦାୟକ ଉପସ୍ଥିତି ଅଂଶଗ୍ରାହୀମାନଙ୍କୁ ଉତ୍ସାହିତ କରିଥିଲା ଏବଂ ଧୃଢ଼ତା, ନେତୃତ୍ୱ ଓ ମହିଳା ସଶକ୍ତିକରଣର ମହତ୍ତ୍ୱକୁ ଉଦ୍ଧାର କରିଥିଲା। ଏହି ଅବସରରେ ଅନେକ ସ୍ଥାନୀୟ ସମୁଦାୟ ନେତାମାନେ ମଧ୍ୟ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଲକ୍ଷ୍ମୀପୁର ବ୍ଲକ୍ ଅଧ୍ୟକ୍ଷ ସ୍ୱାଇ କୁଲେସିକା, ଜିଲ୍ଲା ପରିଷଦ ସଦସ୍ୟା ପିଙ୍କି ହିମିରିକା ଓ ପୋଡାପାଡ଼ି ସରପଞ୍ଚ ଲୀଳାବତୀ ମାଣ୍ଡିଙ୍ଗା ଅନ୍ତର୍ଭୁକ୍ତ ଥିଲେ। ସେମାନଙ୍କର ଅଂଶଗ୍ରହଣ ଶିଳ୍ପ ଓ ସମୁଦାୟ ମଧ୍ୟରେ ମଜବୁତ ସହଯୋଗକୁ ପ୍ରକାଶ କରିଥିଲା ଏବଂ ଗ୍ରାସରୁଟ୍ ସ୍ତରରେ ମହିଳା ନେତୃତ୍ୱକୁ ପ୍ରୋତ୍ସାହନ ଦେଇଥିଲା।

କାର୍ଯ୍ୟକ୍ରମ ସମୟରେ ଦୁତୀ ଚାନ୍ଦ, କର୍ଣ୍ଣେଲ୍ ଶ୍ୱେତା ପ୍ରଭାତୀ ଓ ହିନା ବେଗ୍ ନିଜ ଜୀବନ ଯାତ୍ରା ଓ ଅନୁଭବ ଆଦାନ-ପ୍ରଦାନ କରିଥିଲେ ଏବଂ ମହିଳାମାନଙ୍କୁ ନିଜ ଦକ୍ଷତା ଉପରେ ଆସ୍ଥା ରଖିବା ସହିତ ସମସ୍ୟା ସତ୍ତ୍ୱେ ସଫଳତା ପାଇଁ ଅଗ୍ରସର ହେବାକୁ ପ୍ରେରଣା ଦେଇଥିଲେ। ଏହା ସହ ଏକ ଆକର୍ଷଣୀୟ ପ୍ରଶ୍ନ-ଉତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ମହିଳା କର୍ମଚାରୀ ଓ ପାଖପାଖି ସମୁଦାୟର ମହିଳାମାନେ ପ୍ୟାନେଲିଷ୍ଟମାନଙ୍କ ସହ ସକ୍ରିୟ ଭାବେ ଆଲୋଚନା କରିଥିଲେ। ଉତ୍ସବରେ ମହିଳା ଶିକ୍ଷିକା, ମହିଳା ସୁରକ୍ଷା କର୍ମୀ ଓ ସମୁଦାୟ ସଦସ୍ୟମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ ଆୟୋଜିତ ହୋଇଥିଲା। ସେହିପରି ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଓ ସମୁଦାୟ ସଂଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନେକ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆଦିତ୍ୟ ଆଲୁମିନା ରିଫାଇନେରୀ, କଂସାରିଗୁଡ଼ାର ଇଉନିଟ୍ ହେଡ୍ ଏବଂ ପ୍ରେସିଡେଣ୍ଟ ମଝର ବେଗ୍ କହିଥିଲେ ଯେ ଏ ବର୍ଷର ଥିମ୍‌ଟି ସମୂହ ଉନ୍ନତି ଓ ସମାବେଶୀ ଉନ୍ନୟନର ମୂଲ୍ୟକୁ ପ୍ରତିଫଳିତ କରେ। ସମାଜ ଓ ସଂଗଠନ ଯେତେବେଳେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ଅବଦାନ ରଖେ, ସମୁଦାୟ ସମଗ୍ର ଭାବେ ଆହୁରି ସଶକ୍ତ ହୁଏ। ସେ କର୍ମଚାରୀ, ସହଯୋଗୀ ସଂସ୍ଥା ଓ ସମୁଦାୟର ମହିଳାମାନଙ୍କ ଉତ୍ସାହଭରା ଅଂଶଗ୍ରହଣକୁ ସ୍ତୁତି କରିଥିଲେ ଏବଂ ଲିଙ୍ଗ ସମାନତା, କୌଶଳ ବିକାଶ ଓ ସମୁଦାୟ ସଶକ୍ତିକରଣ ପ୍ରତି ରିଫାଇନେରୀର ଅଟୁଟ୍ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲେ। ଏହି ଉତ୍ସବ ଏକ ସାମୁହିକ ବାର୍ତ୍ତା ସହ ସମାପ୍ତ ହୋଇଥିଲା ।

## ଆନ୍ତର୍ଜାତୀୟ ମହିଳା ଦିବସ

# ରେଜ୍ ଫାଉଣ୍ଡେସନ୍‌ର ୫ମ ସ୍ୱୟଂସିଦ୍ଧା ସମ୍ମାନ - ୨୦୨୬

କଟକ, (ସ୍ୱପ୍ର): ଓଡିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରେଜ୍‌ଫାଉଣ୍ଡେସନ୍ ଆନୁକୁଲ୍ୟରେ ଲୋକପ୍ରିୟ କାର୍ଯ୍ୟକ୍ରମ ସ୍ୱୟଂସିଦ୍ଧା-୨୦୨୬ ଓ ୫ମ ସ୍ୱୟଂସିଦ୍ଧା ସମ୍ମାନ କଟକ ସ୍ଥିତ ସହୀଦ୍‌ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପରିବାର ଓ ପରିବେଶରୁ ଅସାଧାରଣ ସଫଳତା ଅର୍ଜନ କରିଥିବା ଆଦର୍ଶ ଓ ପ୍ରତିଭାବାନ ମହିଳାମାନଙ୍କୁ ସମ୍ମାନ ଜଣାଇବା ପାଇଁ ସମର୍ପିତ ଏକ ବିଶେଷ କାର୍ଯ୍ୟକ୍ରମ ସ୍ୱୟଂସିଦ୍ଧା । ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ସୁବାଷ ଚନ୍ଦ୍ର ସିଂହ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝି, ଚିକିସାବିତ୍ ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, ପୁଲିସ୍ ଏସିପି ଅମିତାଭ ମହାପାତ୍ର, ଓଡିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ସାଶ୍ୱତ ଜୋଷି, ରୁଚି ଫୁଡଲାଇନ୍‌ର ଅଧ୍ୟକ୍ଷା ସଙ୍ଗୀତା ସାହୁ ଯୋଗ ଦେଇଥିଲେ । ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ସମାଜସେବୀ ଓ ରେଜ୍ ଫାଉଣ୍ଡେସନର ପ୍ରତିଷ୍ଠାତା ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀ ସିଂହ ମହିଳା ମାନଙ୍କର ପ୍ରଗତୀରେ ରାଷ୍ଟ୍ରର ପ୍ରଗତୀ ବୋଲି କହିଥିଲେ । ସ୍ୱର୍ଗତଃ ଡ଼ ଶରତ କୁମାର ସାହୁଙ୍କ ସୁକନ୍ୟା ନିଜେ ଜଣେ ସ୍ୱୟଂସିଦ୍ଧା ଓ ଅନେକ ମହିଳା ମାନଙ୍କର ପ୍ରେରଣାର ଉସି । ତାଙ୍କର ପ୍ରୟାସ ନିଆରା ଓ ସ୍ୱାଗତ ଯୋଗ୍ୟ । ପ୍ରଫେସର ଅର୍ପିତା ପ୍ରିୟଦର୍ଶିନୀ ପ୍ରକାଶ କରିଥିଲେ ଯେ ଇଶ୍ୱରୀୟ ସୃଷ୍ଟିରେ



ନାରୀର ସୃଷ୍ଟି ଏକ ସ୍ୱତନ୍ତ୍ରତା ବହନ କରିପାରିଛି । ଏହି ଅବସରରେ ଚଳିତ ବର୍ଷ ଓଡିଶାର ୯ ଜଣ ପ୍ରତିଭାବାନ୍ ମହିଳା ମାନଙ୍କୁ ସ୍ୱୟଂସିଦ୍ଧା ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା । ଆଠଗଡର ଲୋକପ୍ରିୟ ଧୂପ ବ୍ୟବସାୟୀ ପ୍ରମିଳା ରାଉତକୁ ଜୀବନ ବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନୀତ କରାଯାଇଥିବା ବେଳେ ବିଶିଷ୍ଟ ଲେଖିକା ଭାବେ ଗାୟତ୍ରୀବାଳା ପଣ୍ଡାଙ୍କୁ ଶ୍ରେଷ୍ଠ ଆଦର୍ଶ ମହିଳା ଚାଷୀ ଭାବେ ମାଣ୍ଡିଆରାଣୀ ଡ ରାଇମତି ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରେଷ୍ଠ ଆଦର୍ଶ ମହିଳା ସମ୍ମାନରେ ବିଶିଷ୍ଟ ପ୍ରଯୋଜିକା ଓ ଅଭିନେତ୍ରୀ ସୌଭାଗ୍ୟଲକ୍ଷ୍ମୀ ଜେନାଙ୍କୁ ସମ୍ମାନୀତ କରାଯାଇଥିଲା । ଶ୍ରେଷ୍ଠ ମହିଳା କ୍ରୀଡାବିତ୍ ଭାବେ ଜୟଶ୍ରୀ ସ୍ୱାଇଁ, ଶ୍ରେଷ୍ଠ ମହିଳା ସାମ୍ବାଦିକ ଭାବେ ନ୍ୟୁଜ୍ ସେଭେନ୍‌ର ବରିଷ୍ଠ ସମ୍ବାଦିକ ତପସ୍ୱନୀ ପଟ୍ଟନାୟକ, ଶ୍ରେଷ୍ଠ ମହିଳା ଉଦ୍‌ଭାବକ ଭାବେ କବିତା ତ୍ରିପାଠୀ, ଶ୍ରେଷ୍ଠ ଉଦୀୟମାନ ମହିଳା ଭାବେ କ୍ରିଷ୍ଣା ପ୍ରିୟଦର୍ଶିନୀ ରାଉତ ଏବଂ ଶ୍ରେଷ୍ଠ ମହିଳା ସମାଜ ସେବିକା ଭାବେ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କୁ ସମ୍ମାନୀତ କରାଯାଉଥିଲା । କଟକ ଚୌଦ୍ୱାର ଉଦ୍ଧାର ଫାଉଣ୍ଡେସନର ଶିଶୁ କଳାକାର ମାନେ ସ୍ୱତନ୍ତ୍ର ନୃତ୍ୟ ପରିବେଷଣ କରିଥିବା ବେଳେ ଯାଜପୁର ସେଣ୍ଟ ଜାଭିୟର୍ସର ଛାତ୍ରିମାନେ ଦଶବତାର ପ୍ରଦର୍ଶନ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ଜୟଶ୍ରୀଧଳ ସଂଗୀତ ଉଠ କଙ୍କାଳ.....ଜାଗ ଦୁର୍ବଳ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମଙ୍କୁ ପ୍ରିତୀ ପ୍ରିୟଦର୍ଶିନୀ ଉପସ୍ଥାପନା କରିଥିବାବେଳେ ସହଯୋଗ କରିଥିଲେ ଉଲ୍ଲାସଚନ୍ଦ୍ର ବେହୁରା । ରେଜ୍ ଫାଉଣ୍ଡେସନର ସଂପାଦକ ଅଭିନାଷ ସିଂହ, ବରିଷ୍ଠ ସଦସ୍ୟ ଓ ସଦସ୍ୟା ଯଥା ଶ୍ରୀକାନ୍ତ ମହାପାତ୍ର, ଶିଲ୍ପା ଦାସ, ଆଦ୍ୟାଶା ପଟ୍ଟନାୟକ, ରାଜା ନିର୍ମାଲ୍ୟ, ମନୋରଞ୍ଜନ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହ୍ୱାଇଟ୍ କାନଭାସର ଚିଣ୍ଟୁମିଶ୍ର, ସନ୍ତୋଷ ନାୟକ ପ୍ରମୁଖ ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।।

## ରୁନାୟା ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍

# ସଷ୍ଟେନେବିଲିଟି ଆସେସମେଣ୍ଟରେ ବିଶ୍ୱସ୍ତରରେ ଶୀର୍ଷ ୭%ରେ ସାମିଲ ହୋଇଛି

ଭୁବନେଶ୍ୱର, (ସବ୍ୟୁ): ବୃତାକାର ଅର୍ଥନୀତି ଏବଂ କ୍ୟାଡମିୟମ୍, କୋବାଲ୍ଟ, ନିକେଲ, ତମ୍ବା ଏବଂ ଆଂଟମୋନି ସମେତ ଗୁରୁତ୍ୱପୂର୍ଣ୍ଣ ଧାତୁ ପୁନରୁଦ୍ଧାର ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମାଧାନ ପ୍ରଦାନ କରୁଥିବା ବେଦାନ୍ତ କମ୍ପାନୀ ରୁନାୟା ମେଟସୋର୍ସ (ରୁନାୟା), ଏହାର ପ୍ରଥମ ଏସଏଣ୍ଡପି କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟରେ ବିଶ୍ୱସ୍ତରରେ ଶୀର୍ଷ ୭% ସ୍ଥାନ ହାସଲ କରିଛି। ଆଲୁମିନିୟମ୍ ପୁନରୁଦ୍ଧାର ବ୍ୟବସାୟ ପାଇଁ ମୂଲ୍ୟାଙ୍କିତ, ରୁନାୟା ୯୩ ପ୍ରତିଶତ ସ୍କୋର କରିଛି ଏବଂ ବାଣିଜ୍ୟିକ ସେବା ଏବଂ ଯୋଗାଣ ବର୍ଗରେ ମୂଲ୍ୟାଙ୍କିତ ୧୬୨ ବିଶ୍ୱସ୍ତରୀୟ ସାଥୀଙ୍କ ମଧ୍ୟରୁ ଶ୍ରେଷ୍ଠ ୧୧ ମଧ୍ୟରେ ସ୍ଥାନ ପାଇଛି। ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ମାନଦଣ୍ଡ ଯାହା ମୂଲ୍ୟାଙ୍କନ କରେ ଯେ କମ୍ପାନୀଗୁଡ଼ିକ କିପରି ଆର୍ଥିକ, ପରିବେଶଗତ ଏବଂ ସାମାଜିକ ଦିଗଗୁଡ଼ିକରେ ସାମଗ୍ରୀ ରଝଏ ବିପଦ ଏବଂ ପ୍ରଭାବକୁ ଚିହ୍ନଟ, ପରିଚାଳନା ଏବଂ ପ୍ରକାଶ କରନ୍ତି। ବିଶ୍ୱସ୍ତରରେ, ବୃତାକାର ଏବଂ ଗୁରୁତ୍ୱପୂର୍ଣ୍ଣ ଧାତୁ ପୁନରୁଦ୍ଧାର ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରବିନ୍ଦୁ ହୋଇପଡୁଛି। ଏହାର ବୃତାକାର ଅର୍ଥନୀତି ମଡେଲ ମାଧ୍ୟମରେ, ରୁନାୟା କାର୍ଯ୍ୟରେ ସ୍ଥାୟୀତ୍ୱକୁ ଏକୀକୃତ କରେ, ଅପଚୟକୁ ମୂଲ୍ୟରେ ପରିଣତ କରେ ଏବଂ ଏକ ଶୂନ୍ୟ-ଅପଚୟ ଭବିଷ୍ୟତ ଆଡ଼କୁ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନାକୁ ଆଗକୁ ବଢ଼ାଏ।

ରୁନାୟାର ପରିଚାଳନା ନିର୍ଦ୍ଦେଶକ ନୈବେଦ୍ୟ ଅଗ୍ରୱାଲ କହିଛନ୍ତି- "ଏହି ମାନ୍ୟତା ରୁନାୟାକୁ ପରିଭାଷିତ କରୁଥିବା ରଣନୀତି, କାର୍ଯ୍ୟାନ୍ୱୟନ ଏବଂ ଉଦ୍ଦେଶ୍ୟର ସଙ୍ଗମକୁ ଗୁରୁତ୍ୱ ଦିଏ। ଆମର ଗୁରୁତ୍ୱପୂର୍ଣ୍ଣ ଧାତୁ ପୁନରୁଦ୍ଧାର ବ୍ୟବସାୟ ସମେତ ଆମର ପୋର୍ଟଫୋଲିଓରେ, ଆମେ କାର୍ଯ୍ୟଦକ୍ଷତା ମାନଦଣ୍ଡକୁ ଉଚ୍ଚ କରିବା ସହିତ ଭାରତର ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟକ୍ଷମ ଶୃଙ୍ଖଳା ସହିତ ଯୋଡିଥାଉ। ଡାଟା-ନେତୃତ୍ୱାଧୀନ ସିଷ୍ଟମ ଏବଂ ସମନ୍ୱିତ ଅଭ୍ୟାସ ମାଧ୍ୟମରେ, ଆମେ ଉତ୍ପାଦନ ମଡେଲଗୁଡ଼ିକୁ ଆଗକୁ ବଢ଼ାଉଛୁ ଯେଉଁଠାରେ ସ୍ଥାୟୀତ୍ୱ, ସ୍ଥିରତା ଏବଂ ପ୍ରତିଯୋଗିତାମୂଳକତା ଏକାଠି ଆଗକୁ ବଢ଼େ। ରୁନାୟା ବିଭିନ୍ନ କାର୍ଯ୍ୟରେ ଏହାର ପଦକ୍ଷେପଗୁଡ଼ିକୁ ବୃଦ୍ଧି କରିବା, ଇଏସଜି ସମନ୍ୱୟକୁ ଆହୁରି ଦୃଢ଼ କରିବା ଏବଂ ଦୀର୍ଘକାଳୀନ ସ୍ଥିରତାକୁ ସୁଦୃଢ଼ କରିବା ଜାରି ରଖିବ, ଯାହା ସମ୍ପ୍ରଦାୟ, ଅଂଶୀଦାର ଏବଂ ପରିବେଶ ପାଇଁ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବ। ରୁନାୟା ପ୍ରାକୃତିକ ସମ୍ପଦ ଏବଂ ଗୁରୁତ୍ୱପୂର୍ଣ୍ଣ ଧାତୁ ଶିଳ୍ପର ଭବିଷ୍ୟତ ପାଇଁ ଏକ ମାର୍ଗ ପ୍ରସ୍ତୁତ କରୁଛି, ପ୍ରଦର୍ଶନ କରୁଛି ଯେ କାର୍ଯ୍ୟଦକ୍ଷତା, ଉଦ୍ଦେଶ୍ୟ ଏବଂ ସ୍ଥାୟୀତ୍ୱ କିପରି ଏକାଠି ଆଗକୁ ବଢ଼ିପାରିବ।

# ଆଖିବୁଜିଲା ଜଙ୍ଗଲି କୁକୁର

ବାରଙ୍ଗ , (ସବ୍ୟୁ) :ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୨୨ନଂ ଖୁଆଡରେ ରହୁଥିବା ଏକ ୫ବର୍ଷର ଅଣ୍ଡିରା ଜଂଗଲୀ କୁକୁର ଶନିବାର ମୃତ୍ୟୁବରଣ କରିଛି । ମୃତ୍ୟୁର ପ୍ରକୃତ କାରଣ ଜଣାପଡିଥିବା ବେଳେ ହଠାତ୍ ଜଂଗଲୀ କୁକୁରଟି ତା ଖୁଆଡ ମଧ୍ୟରେ ବିଚରଣ କରୁଥିବା ବେଳେ ଶୁକ୍ରବାର ଦିନ ତଳେ ପଡିଯାଇଥିଲା ।ଏହାପରେ ତାକୁ ଡାକ୍ତରଖାନାକୁ ଅଣାଯାଇ ତା ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରାଯାଇ ଡାକ୍ତର ମାନଙ୍କ ନଜର ବନ୍ଦିରେ ରଖାଯାଇ ଚିକିତ୍ସା ଆରମ୍ଭ ହେବ ସହ ସାଲାଇନ ଓ ଇଞ୍ଜେକସନ ଦିଆଯାଇଥିଲା ।କିନ୍ତୁ ଜଂଗଲୀ କୁକୁରକୁ ଡାକ୍ତର ମାନେ ବଞ୍ଚାଇ ପାରିନଥିଲେ । ଶନିବାର ଦିନ ତାର ମୃତ୍ୟୁ ଘଟିଥିଲା ।ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଥିବା ବେଳେ ନନ୍ଦନକାନନ ରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି ।

## କେନ୍ଦ୍ର ମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ଦ୍ୱାରା

# ସାମୁଦ୍ରିକ ହବ୍ - ସାମୁଦ୍ରିକ ଉତ୍କୃଷ୍ଟତା କେନ୍ଦ୍ରର ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): ଭାରତର ସାମୁଦ୍ରିକ କ୍ଷମତାକୁ ସୁଦୃଢ଼ କରିବା ଏବଂ ଦେଶର ବିସ୍ତାରିତ ନୀଳ ଅର୍ଥନୀତିକୁ ସମର୍ଥନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାନ୍ତନୁ ଠାକୁର ଭରତପୁର, ଭୁବନେଶ୍ୱର ଠାରେ ସାମୁଦ୍ରିକ ହବ୍ - ସାମୁଦ୍ରିକ ଉତ୍କୃଷ୍ଟତା କେନ୍ଦ୍ରର ଉଦଘାଟନ କରିଛନ୍ତି । ସାମୁଦ୍ରିକ ହବ୍ ସାମୁଦ୍ରିକ ଦକ୍ଷତା ବିକାଶ, ଗବେଷଣା ଏବଂ ଶିଳ୍ପ ସମନ୍ୱୟ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ପ୍ରତିଷ୍ଠିତ ହୋଇଛି, ଯାହାର ଲକ୍ଷ୍ୟ ସାମୁଦ୍ରିକ ଇକୋସିଷ୍ଟମ ମଧ୍ୟରେ ନବସୃଜନ, ସହଯୋଗ ଏବଂ ବୃତ୍ତିଗତ ଉତ୍କୃଷ୍ଟତାକୁ ପ୍ରୋତ୍ସାହିତ କରିବା ସହିତ ଶୈକ୍ଷିକ ଶିକ୍ଷା ଏବଂ ବାସ୍ତବ-ବିଶ୍ୱ ସାମୁଦ୍ରିକ କାର୍ଯ୍ୟ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବ। ତାଙ୍କ ଗସ୍ତ ସମୟରେ, ମନ୍ତ୍ରୀ ସାମୁଦ୍ରିକ ହବ୍ ସୁବିଧାଗୁଡ଼ିକ ପରିଦର୍ଶନ କରିବା ସହିତ ସାମୁଦ୍ରିକ ବୃତ୍ତିଗତ, ଅଧ୍ୟାପକ ଏବଂ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ।



ସେ ଭାରତର ସାମୁଦ୍ରିକ ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବିଶ୍ୱ ଜାହାଜ ଶିଳ୍ପ ପାଇଁ ଦକ୍ଷ ସାମୁଦ୍ରିକ ବୃତ୍ତିଗତମାନଙ୍କୁ ବିକାଶ କରିବା ପାଇଁ ଦେଶର କ୍ଷମତା ବୃଦ୍ଧି କରିବା ଦିଗରେ ଏହି ପଦକ୍ଷେପକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପ୍ରଶଂସା କରିଥିଲେ। ଏହି ଅବସରରେ, ଶାନ୍ତନୁ ଠାକୁର ବିକାଶ ପାତ୍ରଙ୍କୁ ଉତ୍କର୍ଷତା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଦି ମାରିଟାଇମ ହବ୍ - ସାମୁଦ୍ରିକ ଉତ୍କର୍ଷ କେନ୍ଦ୍ରର ଉଦଘାଟନ ପୂର୍ବ ଭାରତରେ ସାମୁଦ୍ରିକ ଦକ୍ଷତା ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି କେନ୍ଦ୍ରଟି ବୃତ୍ତିଗତ ତାଲିମ, ଗବେଷଣା ସହଯୋଗ, ଜ୍ଞାନ ଆଦାନପ୍ରଦାନ ଏବଂ ଶିଳ୍ପ ସମ୍ପର୍କ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା ଲକ୍ଷ୍ୟ ରଖିଛି। ସାମୁଦ୍ରିକ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଏକତ୍ର କରି, ଦି ମାରିଟାଇମ୍ ହବ୍ ସାମୁଦ୍ରିକ ବୃତ୍ତିଗତଙ୍କ ପରବର୍ତ୍ତୀ ପିଢ଼ିକୁ ପୋଷଣ କରିବାକୁ, ନବସୃଜନକୁ ଉତ୍ସାହିତ କରିବାକୁ ଏବଂ ବିଶ୍ୱ ସାମୁଦ୍ରିକ ଶିଳ୍ପରେ ଭାରତର ବୃଦ୍ଧି ପାଉଥିବା ଉପସ୍ଥିତିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଚେଷ୍ଟା କରେ। ଏହି ସାମୁଦ୍ରିକ ହବ୍ ବିଷୟରେ ଶ୍ରୀ ପାତ୍ର କହିଥିଲେ ଯେ, ଏହି ସାମୁଦ୍ରିକ ହବ୍ ହେଉଛି ସାମୁଦ୍ରିକ ଦକ୍ଷତା ବିକାଶ, ଗବେଷଣା ଏବଂ ଶିଳ୍ପ ସହଯୋଗ ପାଇଁ ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ। ଏହି କେନ୍ଦ୍ର ବୃତ୍ତିଗତ ତାଲିମକୁ ସୁଦୃଢ଼ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ଏବଂ ସାମୁଦ୍ରିକ ଶିଳ୍ପ ମଧ୍ୟରେ ଦୃଢ଼ ସହଭାଗୀତା ନିର୍ମାଣ କରିବା ଉପରେ ଧ୍ୟାନ ଦେବ ।

# କର୍କଟ ପୀଡିତଙ୍କୁ ସହପାଠୀଙ୍କ ସହାୟତା

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣାର ଜନୈକ କର୍କଟ ପୀଡିତ ସୁରେଶ କୁମାର ସାହୁ (୪୫) ଦେଢ ବର୍ଷ ହେଲା ଫୁସ ଫୁସ କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରେ ରହି ଚିକିତ୍ସିତ ହେଉଛନ୍ତି ।ତେବେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ରହିଛି । ସରକାରଙ୍କ ପ୍ରାୟୋଜିତ ଆୟୁଷ୍ମାନ କାର୍ଡରୁ ପଇସା ସରିଗଲାଣି । ପରିବାର ଅର୍ଥ ଚିନ୍ତାରେ ଥିବାବେଳେ ଏଭଳି ଦୁଃସ୍ଥିତିରେ ସାଙ୍ଗରେ ପାଠପଢୁଥିବା ସହପାଠୀମାନେ ବଢ଼ାଇଛନ୍ତି ସହାୟତାର ହାତ । କିଛି ଦିନ ପୂର୍ବେ ସେ ପଢୁଥିବା ୧୯ ୯୩ ନୀଳମାଧବ ବିଦ୍ୟାପୀଠ ମାଟ୍ରିକ ସହପାଠୀମାନେ ୨୨ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ।

# ରେଭେନ୍ସା ସମାଜଶାସ୍ତ୍ର ବିଭାଗର ଜାତୀୟ ଆଲୋଚନାଚକ୍ର

କଟକ, (ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ପକ୍ଷରୁ "ନିଷ୍ପକ୍ଷତା ଓ ପ୍ରତିଫଳନଶୀଳତା ମଧ୍ୟରେ ଶିକ୍ଷାଗତ ଗବେଷଣାର ପ୍ରଣାଳୀଗତ ସମସ୍ୟା" ବିଷୟରେ ଜାତୀୟ ଆଲୋଚନା ଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧ ସମାଜଶାସ୍ତ୍ରୀ ଡ଼. ଅମ୍ରିତା ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଶିକ୍ଷାଗତ ଗବେଷଣାରେ ନିଷ୍ପକ୍ଷତା ଓ ପ୍ରତିଫଳନଶୀଳତା ମଧ୍ୟରେ ଥିବା ପ୍ରଣାଳୀଗତ ସମସ୍ୟା ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ତାଙ୍କର ଉପସ୍ଥାପନାରେ ଆଧୁନିକ ଶିକ୍ଷାଗତ ଗବେଷଣାର ପଦ୍ଧତି, ଗବେଷକଙ୍କ ଭୂମିକା ଓ ଗବେଷଣାରେ ଆତ୍ମପର୍ଯ୍ୟାଲୋଚନାର ଗୁରୁତ୍ୱ ଉଲ୍ଲେଖ କରା ଯାଇଥିଲା । ଏହି ଆଲୋଚନା ଚକ୍ରରେ ଅନେକ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ଆଲୋଚନା ପ ପର୍ବରେ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ, ଯାହାର ସଠିକ୍ ଉତ୍ତର ଡ଼. ଶାସ୍ତ୍ରୀ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଆରମ୍ଭ ପ୍ରଫେସର ବିକ୍ରମ କେଶରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଡ. ମନୋରଂଜନ ଦାସ ଏବଂ ଡ. ଇଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥୀ ଙ୍କୁ ପୁଷ୍ପ ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଶେଷରେ ଡ଼. ମନୋସ୍ମିତା ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମଟି ଶିକ୍ଷାଗତ କ୍ଷେତ୍ରରେ ନୂତନ ଚିନ୍ତାଧାରା ଓ ପଦ୍ଧତି ବିଷୟରେ ଅବଗତ କରାଇବାରେ ସହାୟକ ହୋଇଥିବା ବୋଲି ଉପସ୍ଥିତ ଅତିଥି ମାନେ ମତ ପ୍ରକାଶ କରିଥିଲେ ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମନୋନୀତ ଉପସଭାପତି ଓ କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟଙ୍କ ସଂକଳ୍ପ ପାଠ

କଟକ, (ସବ୍ୟୁ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମନୋନୀତ ଉପସଭାପତି ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟଙ୍କ ସଂକଳ୍ପ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଡକ୍ଟର ରମାକାନ୍ତ ସିଂହ(ମୟୂରଭଞ୍ଜ) ଓ ସୁଶାନ୍ତ କୁମାର ନାୟକ(ରାୟଗଡ଼ା)ଙ୍କୁ ମନୋନୀତ ଉପସଭାପତି ଭାବେ ଏବଂ ଶିବାଶିଷ କର(କଟକ) ଓ ଡକ୍ଟର ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ(ସୁବର୍ଣ୍ଣପୁର) ଙ୍କୁ ମନୋନୀତ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଭାବେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଶପଥପାଠ କରାଇଥିଲେ । ଉତ୍ସବରେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ । ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡକ୍ଟର ବୈଜୟନ୍ତୀମାଳା ଶତପଥୀ, ଡକ୍ଟର ଗାୟତ୍ରୀ ଦେବୀ, ମୀରା ବେଉରା, ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ, ଡକ୍ଟର ରଘୁ ସାହୁ ଓ ଗୀତାଞ୍ଜଳି ପୃଷ୍ଟି ଉପସ୍ଥିତ ଥିଲେ ।

# ଓଡ଼ିଆ ଚଳଚ୍ଚିତ୍ର "ଲାଇନବାଲା"ର ପୋଷ୍ଟର ଉନ୍ମୋଚନ ଓ ଟିଜର ରିଲିଜ୍

ଭୁବନେଶ୍ୱର (ସବ୍ୟୁ): ଶ୍ରୀହରି ମୋସନ୍ ପିକ୍‌ଚର୍ସବ୍ୟାନରରେ ପ୍ରସ୍ତୁତ ତଥା ସୁଶାନ୍ତ ମହାନ୍ତିଙ୍କ ପ୍ରଯୋଜିତ ପ୍ରଥମ ଓଡ଼ିଆ



ଚଳଚ୍ଚିତ୍ର 'ଲାଇନ୍‌ବାଲା' ର ପୋଷ୍ଟର ଉନ୍ମୋଚିତ ହେବା ସହିତ ଟିଜର ରିଲିଜ୍ ହୋଇଛି ଭୁବନେଶ୍ୱର,ମଞ୍ଚେଶ୍ୱରସ୍ଥିତ ୱାର୍ଲଡ ସ୍କିଲ ସେଣ୍ଟରଠାରେ ଏହି କାର୍ଯ୍ୟକ୍ରମ ହୋଇଛି ଶ୍ରୀରଶ୍ମିରଞ୍ଜନମହାପାତ୍ର, ସିଇଓ,ଡବ୍ଲୁଏସସିମୁଖ୍ୟ ଅତିଥିୱିଙ୍ଗ କମାଣ୍ଡର ଏନ କେ ସାମଲଶ୍ରୀ ପିନାକୀ ପଟ୍ଟନାୟକ, ସିଓଓପ୍ରଫେସର ପଦୀପ ଦାସପ୍ରଫେସର ଡକ୍ଟରଦିନଦୟାଲସ୍ୱାଇଁଏର ଭାନୁ ପଦ୍ମ, ସାମାଜିକ କର୍ମୀ ଏବଂ ବରିଷ୍ଠ ଅଧିକାରୀପ୍ରକାଶ ଚକ୍ର ନାୟକଭଗବାନ ବିସାୱାଲସ ଝର୍କକାରୀ ସଂଘ ସାଧାରଣ ସଚିବସତ୍ୟ ପରିଡ଼ା, ବିଏମଏସ ସାଧାରଣ ସଚିବ, ପ୍ରଯୋଜକ ସୁଶାନ୍ତ କୁମାର ମହାନ୍ତି ଓ ନିର୍ଦ୍ଦେଶକ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଇଲେକ୍ଟ୍ରିକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ତିନି ଶ୍ରମିକଙ୍କ ପରିବାରର ତିନି ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଯାହାଙ୍କୁ ଶ୍ରୀ ହରି ମୋସନ ପିକ୍ଚର୍ସ ତରଫରୁ ସମ୍ମାନିତ କରା ଯାଇଥିଲା । ମାର୍ଚ୍ଚ ୭ ତାରିଖ ଲାଇନ୍‌ମ୍ୟାନ୍ ଦିବସ ହୋଇଥିବାରୁ ସେହି କାରଣରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟୁତ୍ ବିଭାଗରେ 'ଲାଇନ୍‌ମ୍ୟାନ୍' ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଏହି ଚଳଚ୍ଚିତ୍ର ଉତ୍ସର୍ଗ କରିବା ପାଇଁ ପ୍ରଯୋଜକ ଲକ୍ଷ୍ୟ ରଖି ସିନେମା ନିର୍ମାଣ କରିଥିବା କଥା ପ୍ରକାଶ କରିଥିଲେ । ଯଦି ଏହି ସିନେମା ଦେଖି କିଛି ଲାଇନବାଲାଙ୍କ ଜୀବନ ସୁରକ୍ଷିତ।

# ପ୍ରୀତି ସ୍ୱୟଂସିଦ୍ଧା ମହାସଂଘ ଏବଂ ପ୍ରିୟମ୍ବଦା ଫାଉଣ୍ଡେସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



କଟକ, (ସ୍ୱପ୍ର): ଆନ୍ତର୍ଜାତିକ ମହିଳା ଦିବସ ସାରା ଦେଶରେ ପାଳିତ ହେଉଥିବା ବେଳେ ସିଲଭର ସିଟି କଟକରେ ମଧ୍ୟ ବିଭିନ୍ନ ସ୍ଥାନରେ ଏହି ଦିବସକୁ ବେଶ ଧୁମଧାମରେ ପାଳିତ କରିଛନ୍ତି ମହିଳାମାନେ । କଟକ ସିଡିଏ ଠାରେ ପ୍ରୀତି ସ୍ୱୟଂସିଦ୍ଧା ଆଞ୍ଚଳିକ ମହାସଂଘ ଏବଂ ପ୍ରିୟମ୍ବଦା ଫାଉଣ୍ଡେସନର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି ଅନ୍ତର୍ଜାତୀୟ ମହିଳା ଦିବସ । ଏହି କାର୍ଯ୍ୟକ୍ରମୟରେ ମୁଖ୍ୟ ଅତିଥି ଭାବେ ମେୟର ସୁବାଷ ସିଂହ, ଆନ୍ତର୍ଜାତିକ ଆଥଲେଟର ଦ୍ୟୁତି ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଏବେ ବି ମହିଳା ମାନେ ଉପରେ ଅତ୍ୟାଚାର, ଶୋଷଣ, ନିର୍ଯାତନାର ଶିକାର ହେଉଛନ୍ତି । ତେଣୁ ସେମାନଙ୍କୁ ଉଚିତ ନ୍ୟାୟ ମିଳୁନି କି ସ୍ୱାଧୀନତା ମିଳୁନି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଆଉ କିଛି ମହିଳା ପରିବାର ଭିତରେ ରହି ଜୀବନରେ ଅନେକ ସଂଘର୍ଷ କରିବାକୁ ପଡୁଛି । ତେଣୁ ମହିଳାମାନଙ୍କୁ ସବୁ ସ୍ତରରେ ଉଚିତ ସମ୍ମାନ ଦିଆଯାଉ ବୋଲି ଉପସ୍ଥିତ ଅତିଥି ମାନେ ନିଜ ପ୍ରତିକ୍ରିୟାରେ କହିଥିଲେ । ପ୍ରିୟମ୍ବଦା ଫାଉଣ୍ଡେସନ ଜରିଆରେ ଏସଏସଜି ଗ୍ରୁପର ମହିଳା ମାନଙ୍କୁ ସମ୍ମାନିତ କରାଯାଇଥିଲା ।

# 'ମୁକ୍ତା ଫାଉଣ୍ଡେସନ' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ): 'ମୁକ୍ତା ଫାଉଣ୍ଡେସନ' ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଏହି ଦିବସରେ ହସ୍ପିଟାଲର ସମସ୍ତ ନର୍ସିଙ୍ଗ ଷ୍ଟାଫ୍, ଅନ୍ୟ ମହିଳା କର୍ମଚାରୀ ଏବଂ ଉଚ୍ଚ ସ୍ଥାନୀୟ ଡାକ୍ତର ମାନେ ଯୋଗ ଦେଇଥିଲେ। ବରିଷ୍ଠ ସ୍ତ୍ରୀରୋଗ ପ୍ରସୂତି ବିଭାଗର ଡାକ୍ତର ଶ୍ରୀମତି ବନ୍ୟା ଦାସ, ନର୍ସିଂ ସିନିୟର୍ ସୁପରଭାଇଜର ଲୋପାମୁଦ୍ରା ପାତ୍ର, ଆଡମିନିଷ୍ଟ୍ରେସନ ମୁଖ୍ୟ କୌସିକି ପଟ୍ଟନାୟକ , ଯୋଗ ଅଧ୍ୟାପିକା ଶ୍ରୀମତି ଜିତା ମହାନ୍ତି ଙ୍କୁ ଉତ୍ତରୀୟ, ଓ ଟ୍ରଫି ସହ ମୁକ୍ତା ନାରୀ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଛଅ ଜଣ ସେବିକାଙ୍କୁ ମୁକ୍ତା ଶ୍ରେଷ୍ଠ ସେବିକା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନମ୍ରତା ଚଢ଼ା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ସେବିକା ମାନଙ୍କୁ ତାଙ୍କର ସେବା, ସମର୍ପଣ ଓ ସହନଶୀଳତାର ମହତ୍ତ୍ୱ ବୁଝେଇ ଥିଲେ। ସେମାନେ ସମାଜ




ପାଇଁ କେତେ ଜରୁରୀ, ନିଜେ ସଶକ୍ତ ହୋଇ ଅନ୍ୟ ମହିଳାଙ୍କୁ ସଶକ୍ତିକରଣ କରିବାରେ ସାହାଯ୍ୟ କରିବା ଏକ ନାରୀର ଦାୟିତ୍ୱ ବୋଲି କହିଥିଲେ। ପ୍ରତିଷ୍ଠାତ୍ରୀ ଶ୍ରୀମତୀ ବନ୍ଦନା ପଣ୍ଡାଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ମୁକ୍ତା ଫାଉଣ୍ଡେସନର ସହ ପ୍ରତିଷ୍ଠାତ୍ରୀ ଓ ସମ୍ପାଦିକା ସଂଘମିତ୍ରା ପାଢ଼ୀ, ସହ ସଂପାଦିକା ଓ ମୁଖ୍ୟ ସଦସ୍ୟା ଚନ୍ଦନା ତ୍ରିପାଠୀ ନୃତ୍ୟ,ଗୀତ ଆଦି ମନୋରଞ୍ଜନ, କେକ୍ କଟା, ମଧ୍ୟାହ୍ନ ଭୋଜନ ସହିତ କାର୍ଯ୍ୟକ୍ରମଟିକୁ ଖୁବ୍ ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ଶତପଥୀ , ଗାୟତ୍ରୀ ଦାସଙ୍କ ସମେତ ବହୁ ପ୍ରତିଷ୍ଠିତ ମହିଳା ଯୋଗ ଦେଇଥିଲେ। ଶେଷରେ ମୁକ୍ତା ଫାଉଣ୍ଡେସନ ତରଫରୁ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଗ୍ୟାଷ୍ଟ୍ରିକ ମେଡିସିନ ସାଇଲେଣ୍ଟ କିଲର

ନୂଆଦିଲ୍ଲୀ: ଆଧୁନିକ ଜୀବନଶୈଳୀ ଯୋଗୁଁ ଗ୍ୟାସ ବା ପାଚନ ସମସ୍ୟା ସାଧାରଣ ହୋଇଗଲାଣି। ଭାରତରେ ବିନା ପ୍ରେସକ୍ରିପସନରେ ଦୋକାନରେ ଉପଲବ୍ଧ ଗ୍ୟାସ ମେଡିସିନ ବା ଆଣ୍ଟାସିଡ୍ ମିଳୁଛି। ବିନା ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କଲେ ଘାତକ ହୋଇପାରେ। ସାମାନ୍ୟ ପାଚନ ଆଶ୍ୱସ୍ତି ପାଇଁ ଗୋଟିଏ ବଟିକା ଖାଇବା ସର୍ବୋତ୍ତମ ସମାଧାନ ନୁହେଁ। ଏହାକୁ ସାଇଲେଣ୍ଟ କିଲର କହିଛନ୍ତି ହାଇଦ୍ରାବାଦର ଆପୋଲୋ ହସ୍ପିଟାଲର ନ୍ୟୁରୋଲୋଜିଷ୍ଟ ଡାକ୍ତର ସୁଧୀର କୁମାର। ତାଙ୍କ ମତରେ, ଏହି ସାଧାରଣ ଅଭ୍ୟାସ ସ୍ୱାସ୍ଥ୍ୟ ଚିନ୍ତାର ଏକ ଗମ୍ଭୀର କାରଣ। ଏନେଇ ଏହାକୁ ସମଗ୍ର ଦେଶରେ ଏକ "ନୀରବ ସ୍ୱାସ୍ଥ୍ୟ ସଙ୍କଟ" ଭାବରେ ବିବେଚନା କରାଯାଇପାରିବ।

ତାଙ୍କ ମତରେ " ଆପଣ ପ୍ରତିଦିନ 'ଗ୍ୟାସ୍' କିମ୍ବା ହାର୍ଟବର୍ଣ୍ଣ ପାଇଁ ଆଣ୍ଟାସିଡ୍ ପିଇଲେ ତାହା କେବଳ ପୋଡ଼ାଜଳା ବନ୍ଦ କରିବା ଅପେକ୍ଷା ଅଧିକ କିଛି କରିପାରେ। ସେ ପ୍ରୋଟନ୍ ପମ୍ପ ଇନହିବିଟର (PPI) ର ଦୀର୍ଘକାଳୀନ ବ୍ୟବହାର ସହିତ ଜଡିତ ବିପଦ ଉପରେ ଧ୍ୟାନ ଆକର୍ଷଣ କରିବା ପୂର୍ବରୁ କହିଥିଲେ, ଯାହା ପେଟରେ ଏସିଡ୍ ଉତ୍ପାଦନ ହ୍ରାସ କରେ।

PPI ଅତ୍ୟଧିକ ବ୍ୟବହାରର ବିପଦଡକ୍ଟର କୁମାରଙ୍କ ଅନୁସାରେ, PPIs ହେଉଛି "ବିଶ୍ୱସ୍ତରରେ ସର୍ବାଧିକ ନିର୍ଦ୍ଧାରିତ ଏବଂ ଅତ୍ୟଧିକ ବ୍ୟବହାର କରାଯାଉଥିବା ଔଷଧ "। ଯଦିଓ ଏଗୁଡ଼ିକ ଚାରି ରୁ ଆଠ ସପ୍ତାହର କ୍ଷଣସ୍ଥାୟୀ ବ୍ୟବହାର ପାଇଁ ଉଦ୍ଦିଷ୍ଟ। ଅଲସର କିମ୍ବା ଗୁରୁତର ଗ୍ୟାଷ୍ଟ୍ରୋସୋଫେଜିଆଲ୍ ରିଫ୍ଲକ୍ସ ରୋଗ ( GERD ) କ୍ଷେତ୍ରରେ , ଲକ୍ଷ ଲକ୍ଷ ଲୋକ ସାମାନ୍ୟ ବଦହଜମୀକୁ ନିୟନ୍ତ୍ରଣ କରିବା ପାଇଁ ବର୍ଷ ବର୍ଷ ଧରି ସେଗୁଡ଼ିକୁ ସେବନ କରନ୍ତି।

୧. କିଡନୀର କ୍ଷତି: ଡାକ୍ତର କୁମାର ଉଲ୍ଲେଖ କରିଛନ୍ତି ଯେ PPIର ଦୀର୍ଘକାଳୀନ ବ୍ୟବହାର କ୍ରୋନିକ୍ କିଡନୀ ଡିଜିଡ (CKD) ସହିତ ଦୃଢ଼ ଭାବରେ ଜଡିତ।

୨. ପୁଷ୍ଟିକର ପଦାର୍ଥ ନଷ୍ଟ: ପାକସ୍ଥଳୀରେ ଏସିଡର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। PPIs ପେଟ ଏସିଡର ଗଠନକୁ ଦମନ କରେ, ଏବଂ ତେଣୁ ଆବଶ୍ୟକୀୟ ପୋଷକ ତତ୍ତ୍ୱର ଅବଶୋଷଣକୁ ଅବରୋଧ କରେ।

# ଘରକୁ ସୁରକ୍ଷିତ ଫେରିଲେ ୫୨ ହଜାର ଭାରତୀୟ

ନୂଆଦିଲ୍ଲୀ:- ଆକ୍ରମଣ, ପ୍ରତି ଆକ୍ରମଣ ଆଉ ବିସ୍ଫୋରଣ। ପ୍ରତି ମୁହୂର୍ତ୍ତରେ ଜୀବନ ପ୍ରତି ବିପଦ। ଯୁଦ୍ଧ ଭିତରେ କିପରି ସୁରକ୍ଷିତ ରହିବେ ତାକୁ ନେଇ ଚିନ୍ତା ଭିତରେ ଘରକୁ ଫେରିଛନ୍ତି ଭାରତୀୟ। ଗତ ଫେବ୍ରୁଆରୀ ୨୮ରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ପ୍ରାୟ ୫୨,୦୦୦ ଭାରତୀୟ ନିଜ ଦେଶକୁ ଫେରିଥିବା ଜଣାପଡ଼ିଛି। ମୋଟ ୨୮୦ ବିମାନରେ ୫୨,୩୬୦ ଜଣ ଭାରତ ଆସିଛନ୍ତି। ସେଥିମଧ୍ୟରୁ ୧୮୪ ବିମାନ ଭାରତୀୟ ଏୟାରଲାଇନ୍ସର ଥିଲା। ସେଥିରେ ୩୨,୦୬୨ ଯାତ୍ରୀ



ଭାରତ ଆସିଛନ୍ତି। ସେହିପରି ୮୫ ବିଦେଶୀ ବିମାନରେ ୧୯,୭୫୪ ଭାରତୀୟ ଫେରିଛନ୍ତି। ୧୧ ଚାର୍ଟର ବିମାନରେ ୫୪୪ ଜଣ ଆସିଛନ୍ତି।

ଅନ୍ୟପକ୍ଷରେ ଏୟାର ଇଣ୍ଡିଆ, ଇଣ୍ଡିଗୋ, ଆକାଶ ଏୟାର, ସ୍ପାଇସ୍ ଜେଟ୍ ଆଦି ଘରୋଇ ଏୟାରଲାଇନ୍ସଗୁଡ଼ିକ ମଧ୍ୟପ୍ରାଚ୍ୟର ଦୁବାଇ, ଆବୁଧାବି, ଫୁଜିରାହ, ଜେଦାହରେ କିଙ୍ଗ ଅବଦୁଲଜିଜ୍ ଆଦି ଅନ୍ତର୍ଜାତୀୟ ବିମାନବନ୍ଦରକୁ ସୀମିତ ଉଡ଼ାଣ ଆରମ୍ଭ କରିଛନ୍ତି। ସେହିପରି ୟୁରୋପ ଏବଂ ଉତ୍ତର ଆମେରିକାକୁ ଏୟାର ଇଣ୍ଡିଆର ସେବା ସ୍ୱାଭାବିକ ରହିଛି। ସେପଟେ ଆକ୍ରମଣ ଯୋଗୁ ସାମୟିକ ଭାବେ ବନ୍ଦ ଥିବା ଦୁବାଇ ଇଣ୍ଟରନ୍ୟାସନାଲ ଏବଂ ଅଲ୍ ମକତୁମ୍ ବିମାନବନ୍ଦର ବିମାନ ଉଡ଼ାଣ ପାଇଁ ପୁଣି ଖୋଲିଛି। ତେବେ ଯେଉଁ ଯାତ୍ରୀମାନଙ୍କର ବୁକିଂ କନ୍ଫର୍ମ ନ ହୋଇଛି ସେମାନେ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ଶନିବାର ଦୁବାଇରେ ବିସ୍ଫୋରଣ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏଥିଯୋଗୁ ବିଶ୍ୱର ଅନ୍ୟତମ ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର କିଛି ସମୟ ପାଇଁ ବନ୍ଦ କରିଦିଆଯାଇଥିଲା।

ସେହିପରି ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆକୁ ବିମାନ ସେବା ଶନିବାର ମଧ୍ୟ ବାଧାପ୍ରାପ୍ତ ହୋଇଛି। ବହୁସଂଖ୍ୟାରେ ଯାତ୍ରୀଙ୍କ ଟିକେଟ ବାତିଲ କରାଯାଉଛି। ଫସି ରହିଥିବା ନାଗରିକମାନଙ୍କୁ ସହାୟତା କରିବା ପାଇଁ ବୈଦେଶିକ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଏବଂ 24x7 ହେଲ୍ପଲାଇନ୍ ସେଣ୍ଟର ସ୍ଥାପନ କରିଛି। ଭାରତୀୟ ଏବଂ ବିଦେଶୀ ବିମାନ କମ୍ପାନୀଗୁଡ଼ିକ ନାଗରିକମାନଙ୍କର ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ବିମାନ ଚଳାଚଳ ଜାରି ରଖିଛନ୍ତି।

# ନୂଆ ସର୍ବୋଚ୍ଚ ନେତାଙ୍କ ଚୟନ କରିଛି ଇରାନ

ତେହେରାନ: ଇରାନର ସର୍ବୋଚ୍ଚ ନେତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି, ହେଲେ ନୂଆ ନେତାଙ୍କ ନାମ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ରିପୋର୍ଟସ ଅନୁସାରେ ଦେଶର ଧାର୍ମିକ ସଂସ୍ଥା ବିଶେଷଜ୍ଞଙ୍କ ସଭା ଏହି ପଦ ଲାଗି ଜଣଙ୍କୁ ବାଛିଛନ୍ତି। ଇରାନର ସର୍ବୋଚ୍ଚ ଧାର୍ମିକ ଓ ରାଜନୈତିକ ନେତା ବାଛିବାର ଅଧିକାର ଏହି ସଂସ୍ଥାର ରହିଛି। ତେବେ ସୁରକ୍ଷା କାରଣ ଓ ଏବେକା ପରିସ୍ଥିତି ଦୃଷ୍ଟିରୁ ନେତାଙ୍କ ନାମ ଘୋଷଣା ଟାଳି ଦିଆଯାଇଛି।

କୁହାଯାଉଛି ବିଶେଷଜ୍ଞ ସଭାର ସଦସ୍ୟ ପାରସ୍ପରିକ ବିଚାରବିମର୍ଷ ପରେ ବହୁମତରେ ଜଣେ ଉପଯୁକ୍ତ ବ୍ୟକ୍ତି ଙ୍କ ନାମରେ ସହମତ ହୋଇଛନ୍ତି। ଇରାନ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏହି ନିଷ୍ପତ୍ତି ଦୀର୍ଘ ସମୟ ଧରି ଜାରି ଚର୍ଚ୍ଚା ପରେ ନିଆଯାଇଛି। ନୂର ନ୍ୟୁଜ୍ ଦ୍ୱାରା ଜାରି ଏକ ଭିଡିଓରେ ବରିଷ୍ଠ ଧର୍ମଗୁରୁ ମୋହସୀନ ହାଇଦରୀ ଅଲେକାସିର ମଧ୍ୟ ଏହା ପୁଷ୍ଟି କରିଛନ୍ତି। ସେ କହିଛନ୍ତି ଯେ ବିଶେଷଜ୍ଞ ସଭାର ଅଧିକାଂଶ ସଦସ୍ୟ ଜଣେ ଏପରି ବ୍ୟକ୍ତିଙ୍କୁ ବାଛିଛନ୍ତି ଯାହାଙ୍କୁ ଏହି ପଦ ନିମନ୍ତେ ସବୁଠୁ ଉପଯୁକ୍ତ ମନେ କରାଯାଏ।

ହାଇଦରୀଙ୍କ ଅନୁସାରେ ଏହି ନିଷ୍ପତ୍ତି ପୂର୍ବରୁ ନିର୍ଦ୍ଧାରିତ ଗାଇଡଲାଇନ ଅନୁସାରେ ନିଆଯାଇଛି। ସେ କହିଛନ୍ତି ଯେ ପୂର୍ବତନ ସର୍ବୋଚ୍ଚ ନେତା ଅଲି ଖାମେନି ପୂର୍ବରୁ ଏହା ପରାମର୍ଶ ଦେଇଥିଲେ ଯେ ଭବିଷ୍ୟତର ନେତା ଏପରି ହେବା ଉଚିତ ଯାହାଙ୍କୁ ଇରାନର ବିରୋଧୀ ଦେଶ କଡା ବିରୋଧ କରୁଥିବେ। ସେହି ଅନୁସାରେ ସର୍ବୋଚ୍ଚ ନେତାଙ୍କୁ ଚୟନ କରାଯାଇଛି। ସେ ଏହା ବି ସଂକେତ ଦେଇଛନ୍ତି ଯେ ମନୋନୀତ ବ୍ୟକ୍ତି ଅନ୍ତର୍ଜାତୀୟ ସ୍ତରରେ ପୂର୍ବରୁ ଚିହ୍ନା ଜଣା ହୋଇ ଥାଇପାରନ୍ତି।

# ଚୀନର ଭାରତ ପ୍ରୀତି: ଶତ୍ରୁ ନୁହେଁ ମିତ୍ର ହେବା ଦରକାର

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ଚାଲିଥିବା ବିବାଦ ଭିତରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଏବଂ ଚୀନ୍ ମଧ୍ୟରେ ସୁଧାର ସମ୍ପର୍କରେ ଏକ ବଡ଼ ବିବୃତ୍ତି ଦେଇଛନ୍ତି। ବେଜିଂରେ ୧୪ତମ ଜାତୀୟ ପିପୁଲ୍ସ କଂଗ୍ରେସ ଅଧିବେଶନ ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଉଭୟ ଦେଶ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ସହଯୋଗୀ ଭାବରେ ଏବଂ ବିପଦ ନୁହେଁ ବରଂ ସୁଯୋଗ ଭାବରେ ଦେଖିବା ଉଚିତ। ୱାଙ୍ଗ ୟି କହିଛନ୍ତି ଯେ, ଚୀନ୍ ଏବଂ ଭାରତ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ ଏବଂ ଉଭୟ ଗ୍ଲୋବାଲ୍ ସାଉଥ୍ ସଦସ୍ୟ ଭାବରେ ଗଭୀର ସାଂସ୍କୃତିକ ଏବଂ ସମାନ ସ୍ୱାର୍ଥ ବହନ କରନ୍ତି।

ଜିନହୁଆ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ୱାଙ୍ଗ ୟି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଚୀନର ବୈଦେଶିକ ନୀତି ଏବଂ ବାହ୍ୟ ସମ୍ପର୍କ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି। ଜଣେ ଭାରତୀୟ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, "ଚୀନ୍ ଏବଂ ଭାରତ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ, ଉଭୟ ଗ୍ଲୋବାଲ୍ ସାଉଥ୍, ଗଭୀର ସାଂସ୍କୃତିକ ସମ୍ପର୍କ ଏବଂ ବ୍ୟାପକ ସମାନ ସ୍ୱାର୍ଥ ସହିତ। ଚୀନ୍ ଏବଂ ଭାରତ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗ ସହଭାଗୀ ବିକାଶ ପାଇଁ ଅତ୍ୟନ୍ତ ସହାୟକ। ବିଭାଜନ ଏବଂ ସଂଘର୍ଷ ଏସିଆର ପୁନଃରୁତ୍ଥାନ ପାଇଁ ସହାୟକ ନୁହେଁ।" ସେ ସ୍ପଷ୍ଟ କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବେ ସ୍ୱାଭାବିକ ହୋଇଛି। ତେଣୁ ଉଭୟ ଦେଶ ପାରସ୍ପରିକ ସହଯୋଗକୁ ନୂଆ ଉଚ୍ଚତାକୁ ନେଇଯିବା ପାଇଁ ପ୍ରତିବଦ୍ଧ। ୱାଙ୍ଗ ୟି ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗ ଗତ ବର୍ଷ ଅଗଷ୍ଟରେ ତିଆନଜିନରେ ସାକ୍ଷାତ କରିଥିଲେ। କାଜାନ ପରେ ଏହି ବୈଠକ ଭାରତ- ଚୀନ୍ ସମ୍ପର୍କକୁ ଆହୁରି ମଜଭୁତ କରିଥିଲା। ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ସହମତିକୁ କାର୍ଯ୍ୟକାରୀ କରାଯାଉଛି। ବିଭିନ୍ନ ସ୍ତରରେ ଯୋଗାଯୋଗ ବୃଦ୍ଧି ପାଇଛି ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଏକ ନୂତନ ସର୍ବକାଳୀନ ଶୀର୍ଷରେ ପହଞ୍ଚିଛି। ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ଅନୁଯାୟୀ, ସକ୍ରିୟ ଲୋକ-ସମ୍ପର୍କ ଉଭୟ ଦେଶର ଲୋକଙ୍କୁ ଲାଭ ଦେଇଛି।

ୱାଙ୍ଗ ୟି ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଚାରୋଟି ପ୍ରମୁଖ ବିନ୍ଦୁ ମଧ୍ୟ ବାଣ୍ଟିଥିଲେ। ସେ କହିଥିଲେ ଯେ ଉଭୟ ଦେଶ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଅଂଶୀଦାର ଭାବରେ ଏବଂ ବିପଦ ନୁହେଁ ବରଂ ସୁଯୋଗ ଭାବରେ ଦେଖିବା ଉଚିତ। ୱାଙ୍ଗ ୟି ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଏବଂ ଭଲ ପଡ଼ୋଶୀର କର୍ତ୍ତବ୍ୟ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିକାଶକୁ "ସବୁଠାରୁ ବଡ଼ ସାଧାରଣ ଭୂମି" ଭାବରେ ବର୍ଣ୍ଣନା କରିଥିଲେ, ଫଳାଫଳ ପ୍ରଦର୍ଶନ କରିବା ପାଇଁ ବ୍ୟବହାରିକ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ପାରସ୍ପରିକ ବିଶ୍ୱାସ ହେଉଛି ଏସିଆର ପୁନରୁଦ୍ଧାରର ଚାବିକାଠି, କିନ୍ତୁ ବିଭାଜନ ଏସିଆକୁ କ୍ଷତି ପହଞ୍ଚାଇବ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଭାରତ ଏବଂ ଚୀନ୍ ଚଳିତ ବର୍ଷ ଏବଂ ପରବର୍ତ୍ତୀ ବର୍ଷ BRICSର ବିକଳ୍ପ ସଭାପତିତ୍ୱରେ ପରସ୍ପରକୁ ସମର୍ଥନ କରିବା ଉଚିତ। ଭାରତ ଏହି ବର୍ଷ ଅଧ୍ୟକ୍ଷତା କରୁଛି ଏବଂ ଚୀନ୍ ଆସନ୍ତା ବର୍ଷ ଏହି ପଦବୀରେ ରହିବ।

ସେ କହିଥିଲେ ଯେ, BRICS ମାଧ୍ୟମରେ ସହଯୋଗ ବୃଦ୍ଧି କରି ଗ୍ଲୋବାଲ ସାଉଥର ଦେଶଗୁଡ଼ିକୁ ନୂତନ ଆଶା ଦିଆଯାଇପାରିବ। ଉଭୟ ଦେଶ ପରସ୍ପର ଆଡ଼କୁ ଆଗକୁ ବଢ଼ିବା ଉଚିତ ଏବଂ ଆନ୍ତର୍ଜାତିକ ସ୍ତରରେ ଦାୟିତ୍ୱ ପ୍ରଦର୍ଶନ କରି ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଉଚିତ।

ସୂଚନାଥାଉକି, ଗତ କିଛି ବର୍ଷ ଧରି ଆମେରିକା ଚୀନକୁ ଆର୍ଥିକ ଏବଂ ରଣନୈତିକ ଭାବରେ ଘେରିବାକୁ ଚେଷ୍ଟା କରିଆସୁଛି। ପ୍ରଥମେ ଆମେରିକା, ଚୀନର ସବୁଠାରୁ ବଡ଼ ନିବେଶ ଗନ୍ତବ୍ୟସ୍ଥଳ ଭେନେଜୁଏଲା ଉପରେ ଆକ୍ରମଣ କରିଥିଲା। ଫଳରେ ଚୀନକୁ ଆର୍ଥିକ କ୍ଷତି ପହଞ୍ଚିଥିଲା ଏବଂ ଏବେ ଇରାନ ଉପରେ ଆକ୍ରମଣ କରି ଚୀନକୁ ପଛକୁ ଠେଲି ଦେଇଛି।

ଏହି ପରିସ୍ଥିତିରେ ଚୀନ୍ ଏହାର ପଡ଼ୋଶୀ ଭାରତ ଏବଂ ରୁଷକୁ ନିଜ ପାଖରେ ରଖିବାକୁ ଚେଷ୍ଟା କରୁଛି ଯାହା ଦ୍ୱାରା ସେ ଆମେରିକା ପାଇଁ ରଣନୈତିକ ଭାବରେ ଦୁର୍ବଳ ନହୁଏ। ଏହି କାରଣରୁ ସେ ଏବେ ଭାରତ ସହିତ ବନ୍ଧୁତା ଏବଂ ଭ୍ରାତୃତ୍ୱ ପାଇଁ ଯୁକ୍ତି କରୁଛି।

## ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି

# ୯ ରୁଟରେ ଚାଲିବ ଅତିରିକ୍ତ ବିମାନ

ନୂଆଦିଲ୍ଲୀ: ଇରାନ- ଇସ୍ରାଏଲ ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି। ଯାହାର ପ୍ରଭାବ ବାଣିଜ୍ୟ ଉପରେ ସିଧାସଳଖ ଭାବରେ ପଡ଼ିଛି। ଅନେକ କ୍ଷେତ୍ରରୁ ରପ୍ତାନୀ ପ୍ରଭାବିତ ହୋଇଛି। ଏହାରି ମଧ୍ୟରେ ଏୟାର ଇଣ୍ଡିଆ ମାର୍ଚ୍ଚ ୧୦ ତାରିଖରୁ ୯ ରୁଟରେ ଆହୁରି ୭୮ଟି ଉଡ଼ାଣ ଘୋଷଣା କରିଛି।

ଏୟାର ଇଣ୍ଡିଆ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ, ପଶ୍ଚିମ ଏସିଆରେ ଚାଲିଥିବା ପରିସ୍ଥିତି ମଧ୍ୟରେ ନିର୍ଭରଯୋଗ୍ୟ ଯାତ୍ରା ବିକଳ୍ପର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଆଗାମୀ କିଛି ଦିନ ମଧ୍ୟରେ ୟୁରୋପର ୫ ପ୍ରମୁଖ ପ୍ରବେଶପଥ ଏବଂ ନ୍ୟୁୟର୍କ (JFK) ୧ରେ ଅତିରିକ୍ତ କ୍ଷମତା ବୃଦ୍ଧି କରିବ। ଯାହା ମାଳଦ୍ୱୀପ ଏବଂ ଶ୍ରୀଲଙ୍କାକୁ ଅତିରିକ୍ତ ସେବା ଦ୍ୱାରା ସମର୍ଥିତ। ବିବୃତ୍ତିରେ କୁହାଯାଇଛି ଯେ, ୨୦୨୬ ମାର୍ଚ୍ଚ ୧୦ରୁ ୧୮ ମଧ୍ୟରେ ଏୟାର ଇଣ୍ଡିଆ ଏହି ରୁଟରେ ଆହୁରି ୭୮ଟି ଉଡ଼ାଣ ପରିଚାଳନା କରିବ। ଯାହା ଯାତ୍ରୀମାନଙ୍କ ପାଇଁ ଯାତ୍ରା ବିକଳ୍ପ ସୀମିତ ଥିବା ସମୟରେ ଆବଶ୍ୟକୀୟ କ୍ଷମତା ବୃଦ୍ଧି କରିବ। ଏହି ଉଡ଼ାଣଗୁଡ଼ିକ ଉଭୟ ଦିଗରେ ୯ଟି ରୁଟରେ ୧୭,୬୬୦ ସିଟ୍ ଯୋଡ଼ିବ। "ୟୁରୋପୀୟ ରୁଟରେ ଅତିରିକ୍ତ ଉଡ଼ାଣଗୁଡ଼ିକ B787-8 ସହିତ ପରିଚାଳିତ ହେବ ଏବଂ ମାଲେ ଏବଂ କଲମ୍ବୋକୁ ଉଡ଼ାଣଗୁଡ଼ିକ A320neo ବିମାନ ସହିତ ପରିଚାଳିତ ହେବ। ନ୍ୟୁୟର୍କ (JFK)କୁ ଉଡ଼ାଣଗୁଡ଼ିକ ଆବଶ୍ୟକୀୟ ନିୟାମକ ଅନୁମୋଦନ ଅଧୀନରେ ଏବଂ ଏୟାର ଇଣ୍ଡିଆର B777-300ER ବିମାନ ସହିତ ପରିଚାଳିତ ହେବା ନେଇ କୁହାଯାଇଛି।

## ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ରାଷ୍ଟ୍ରପତି

# ମହିଳାଙ୍କ ସମାନ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ହେବ

ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟଦ୍ୱାରା ରବିବାର ( ମାର୍ଚ୍ଚ ୮, ୨୦୨୬) ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଯୋଗଦେବା ସହ ସମ୍ବୋଧନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତା ଏବଂ ଅବଦାନକୁ ପାଳନ କରିବା ଏବଂ ଲିଙ୍ଗଗତ ସମାନତା, ସୁରକ୍ଷା, ମର୍ଯ୍ୟାଦା ଏବଂ ମହିଳା ସଶକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇବା ପାଇଁ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ ଯେ ଶିକ୍ଷା, ପ୍ରଶାସନ, ନ୍ୟାୟପାଳିକା, ସାମରିକ ବାହିନୀ, ଚିକିତ୍ସା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କଳା ଏବଂ ଉଦ୍ୟୋଗ ସମେତ ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ଅଗ୍ରଣୀ ଭୂମିକା ଗ୍ରହଣ




କରୁଛନ୍ତି। ଗ୍ରାମାଞ୍ଚଳର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ଭାବରେ ସ୍ୱାବଲମ୍ବୀ ହେଉଛନ୍ତି। ସେମାନେ ପଞ୍ଚାୟତରେ ଗ୍ରାମାଞ୍ଚଳ ବିକାଶର ନେତୃତ୍ୱ ନେଉଛନ୍ତି। ଅନେକ ମହିଳା ଶିଳ୍ପ, ଷ୍ଟାର୍ଟଅପ୍ ଏବଂ କର୍ପୋରେଟ୍ ଜଗତରେ ନେତୃତ୍ୱ ପ୍ରଦାନ କରିବା ପାଇଁ ସେମାନଙ୍କର କ୍ଷମତାକୁ ଉପଯୋଗ କରୁଛନ୍ତି। ସେମାନେ କ୍ରୀଡାରେ ମଧ୍ୟ ଉତ୍କର୍ଷତା ହାସଲ କରୁଛନ୍ତି। ଏପରି ଉଦାହରଣଗୁଡିକ ଆତ୍ମବିଶ୍ୱାସ ଦିଏ ଯେ ଯଦି ମହିଳାମାନଙ୍କୁ ସୁଯୋଗ ଏବଂ ସମର୍ଥନ ଦିଆଯାଏ, ତେବେ ସେମାନେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିପାରିବେ।

ରାଷ୍ଟ୍ରପତି କହିଛନ୍ତି ଯେ ପ୍ରକୃତ ଅର୍ଥରେ ବିକାଶ ହାସଲ କରିବାକୁ ହେଲେ ଆମକୁ ମହିଳାମାନଙ୍କ ସମାନ ଅଂଶଗ୍ରହଣ ସୁନିଶ୍ଚିତ କରିବା ହେବ, ଯେଉଁମାନେ ଦେଶର ଅଧା ଜନସଂଖ୍ୟାର ପ୍ରତିନିଧିତ୍ୱ କରନ୍ତି। ଆମେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଲକ୍ଷ୍ୟ ରଖିଛୁ। ଦେଶର ଦ୍ରୁତ ପ୍ରଗତି ଏବଂ ନାଗରିକମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ଜାତୀୟ ସ୍ୱାର୍ଥ ପାଇଁ, ଏହା ଜରୁରୀ ଯେ ଆମେ ମହିଳାମାନଙ୍କୁ କେବଳ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେବା ନାହିଁ ବରଂ ସେହି ସ୍ୱପ୍ନଗୁଡ଼ିକୁ ହାସଲ କରିବାରେ ପ୍ରତ୍ୟେକ ପଦକ୍ଷେପରେ ସେମାନଙ୍କୁ ସମର୍ଥନ କରିବା। ଭୟ ଏବଂ ଭେଦଭାବ ମୁକ୍ତ ପରିବେଶରେ, ମହିଳାମାନେ ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ସର୍ବୋତ୍ତମ ଯୋଗଦାନ ଦେଇପାରିବେ। ସେ କହିଛନ୍ତି ଯେ ଏହି ଅନ୍ତର୍ଜାତୀୟ ମହିଳା ଦିବସରେ, ସମସ୍ତ ନାଗରିକ ପ୍ରତ୍ୟେକ ଝିଅକୁ ଶିକ୍ଷା ଏବଂ ସମାନ ସୁଯୋଗ ପ୍ରଦାନ କରିବାକୁ, ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ସମାଜରେ ପ୍ରଚଳିତ ସମସ୍ତ ପ୍ରକାରର ବୈଷମ୍ୟକୁ ଦୂର କରିବାକୁ ପ୍ରତିଜ୍ଞା କରିବା ଉଚିତ। ଏହା କରି, ଆମେ ବିଶ୍ୱ ସମ୍ମୁଖରେ ମହିଳା ସଶକ୍ତିକରଣର ଆଦର୍ଶ ଉପସ୍ଥାପନ କରିପାରିବା।

# ଟ୍ରମ୍ପଙ୍କୁ ଚିଠି ଲେଖି ପରାମର୍ଶ ଦେଲେ କମଲ ହାସନ

## ନିଜ କାମରେ ଧ୍ୟାନ ଦିଅ

ନୂଆଦିଲ୍ଲୀ: ଅଭିନେତା ଏବଂ ରାଜନେତା କମଲ ହାସନ । ସେ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଖୋଲା ଚିଠି ଲେଖି "ନିଜ କାମରେ ଧ୍ୟାନ ଦିଅନ୍ତୁ" ବୋଲି ଅନୁରୋଧ କରିଥିଲେ। କମଲ ହାସନ କହିଛନ୍ତି ଯେ ଭାରତ ଏକ ସ୍ୱାଧୀନ ଦେଶ ସେ ଅର୍ଡର ନିଏ ନାହିଁ। ଶୁକ୍ରବାର ଆମେରିକା ଘୋଷଣା କରିବା ପରେ ଏହି ବିବୃତ୍ତି ଆସିଛି ଯେ ସେ ଭାରତୀୟ ରିଫାଇନାରୀ ଗୁଡ଼ିକୁ ରୁଷୀୟ ଶକ୍ତି କ୍ରୟ ଜାରି ରଖିବା ପାଇଁ ୩୦ ଦିନର "ଅସ୍ଥାୟୀ" ଛାଡ ପ୍ରଦାନ କରୁଛି।

ଶନିବାର ସନ୍ଧ୍ୟାରେ କମଲ ହାସନ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଚିଠି ଲେଖିଥିଲେ। ଏଥିରେ ଲେଖାଯାଇଛି, "ପ୍ରିୟ ପ୍ରେସିଡେଣ୍ଟ ମହୋଦୟ, ଆମେ, ଭାରତର ଲୋକମାନେ, ଏକ ମୁକ୍ତ ଏବଂ ସାର୍ବଭୌମ ରାଷ୍ଟ୍ରର। ଆମେ ଦୂର ବିଦେଶୀ ଦେଶରୁ ଅର୍ଡର ରଖୁନାହୁଁ। ଦୟାକରି ଆପଣଙ୍କର ସର୍ବୋତ୍ତମ କ୍ଷମତା ଅନୁଯାୟୀ ନିଜ କାମ କରନ୍ତୁ। ସାର୍ବଭୌମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାରସ୍ପରିକ ସମ୍ମାନ ହେଉଛି ବିଶ୍ୱରେ ସ୍ଥାୟୀ ଶାନ୍ତିର ମୂଳଦୁଆ। ଆମେ ଆପଣଙ୍କ ଦେଶ ଏବଂ ଏହାର ଲୋକଙ୍କ ପାଇଁ ଶାନ୍ତି ଏବଂ ସମୃଦ୍ଧି କାମନା କରୁଛୁ।" ଏହି ସମୟରେ, ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ଶକ୍ତି ମୂଲ୍ୟ ବୃଦ୍ଧି ନେଇ ଚିନ୍ତା ମଧ୍ୟରେ ଭାରତୀୟ ରିଫାଇନାରୀ ଗୁଡ଼ିକ ପାଇଁ "ଅସ୍ଥାୟୀ" ଛାଡ ଆସିଛି। ଯାହା ଅନ୍ୟ ଉପସାଗରୀୟ ଦେଶ ଗୁଡ଼ିକୁ ମଧ୍ୟ ପ୍ରଭାବିତ କରିଛି। ଭାରତ ପାଇଁ ୩୦ ଦିନର ଛାଡ ପ୍ରଥମେ ଆମେରିକାର ଟ୍ରେଜେରୀ ସଚିବ ସ୍କଟ୍ ବେସାଣ୍ଟ ଘୋଷଣା କରିଥିଲେ।

"ଭାରତ ଆମେରିକାର ଏକ ଅତ୍ୟାବଶ୍ୟକୀୟ ଅଂଶୀଦାର, ଏବଂ ଆମେ ସମ୍ପୂର୍ଣ୍ଣ ଆଶା କରୁଛୁ ଯେ ନୂଆଦିଲ୍ଲୀ ଆମେରିକାରୁ ଏହାର ତୈଳ କ୍ରୟ ବୃଦ୍ଧି କରିବ," ଟ୍ରେଜେରୀ ସେକ୍ରେଟାରୀ ଟ୍ୱିଟରରେ ଲେଖିଛନ୍ତି। ଆମେରିକା କହିବାର କିଛି ସପ୍ତାହ ପରେ ଏହି ଘୋଷଣା କରାଯାଇଛି ଯେ ଭାରତ ରୁଷୀୟ ଅଶୋଧିତ ତୈଳ କ୍ରୟ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହି ଦାବିକୁ ଭାରତୀୟ ଅଧିକାରୀମାନେ ଏପର୍ଯ୍ୟନ୍ତ ସ୍ୱୀକାର କରିନାହାଁନ୍ତି। ଗତ ମାସରେ, ରୁଷ ମସ୍କୋରୁ ତୈଳ କ୍ରୟ ହ୍ରାସ କରିବାର ଭାରତର ସଙ୍କେତକୁ ଖାରଜ କରିଦେଇଥିଲା, ଏହା ହେବାର କୌଣସି କାରଣ ନାହିଁ।

# ପ୍ରବାସୀ ଭାରତୀୟଙ୍କୁ କାନାଡରେ ସ୍ଥାୟୀ ଘର !

ଓଟାୱା: କାନାଡା ସରକାର ବିଦେଶୀ କର୍ମଚାରୀଙ୍କୁ ସ୍ଥାୟୀ ବାସସ୍ଥାନ (ପିଆର୍) ମାନ୍ୟତା ପ୍ରଦାନ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଇମିଗ୍ରେସନ ମନ୍ତ୍ରୀ ଲେନା ମେଟଲେଜ୍ ଡିଆବ୍ ଏହା ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଆଗାମୀ ଦୁଇ ବର୍ଷ ମଧ୍ୟରେ ଚାହିଦା ଥିବା କ୍ଷେତ୍ରରେ ୩୩ ହଜାର ପ୍ରବାସୀ କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିବା। ଭାରତୀୟମାନେ କାନାଡାର କର୍ମଶକ୍ତି ଏବଂ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ଘୋଷଣା ପ୍ରବାସୀ ଭାରତୀୟମାନଙ୍କ ପାଇଁ ବିଶେଷ ଲାଭଦାୟକ ହେବ।

ଗତ ବର୍ଷ ନଭେମ୍ବରରେ ପିଆର୍ କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା, କିନ୍ତୁ ବିବରଣୀ ପ୍ରଦାନ କରାଯାଇ ନଥିଲା। ଡିଆବ୍ କହିଛନ୍ତି ଯେ, ସରକାର ଏପ୍ରିଲରେ ଅଧିକ ବିବରଣୀ ପ୍ରଦାନ କରିପାରିବେ। ସାମ୍ପ୍ରତିକ ସରକାରୀ ତଥ୍ୟ ଦର୍ଶାଉଛି ଯେ ୨୦୨୫ ରେ ୨୧ ଲକ୍ଷ ଅସ୍ଥାୟୀ ବାସସ୍ଥାନ ପରମିଟ୍ ଶେଷ ହେବାକୁ ଯାଉଥିଲା। ୨୦୨୬ ରେ ୧୯ ଲକ୍ଷ ପରମିଟ୍ ଶେଷ ହୋଇଯିବ। ଏଥିରେ ଅଣ-ଦଲିଲଭୁକ୍ତ ଜନସଂଖ୍ୟାରେ ସମ୍ଭାବ୍ୟ ବୃଦ୍ଧି ବିଷୟରେ ଚିନ୍ତା ପ୍ରକାଶ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ



ମାର୍କ କାର୍ନିଙ୍କ ଦ୍ୱାରା କାନାଡାର ଜନସଂଖ୍ୟାରେ ଅସ୍ଥାୟୀ ବାସିନ୍ଦାଙ୍କ ଅଂଶକୁ ୨୦୨୭ ସୁଦ୍ଧା ପାଞ୍ଚ ପ୍ରତିଶତରୁ କମ କରିବା ପାଇଁ କରାଯାଇଥିବା ପ୍ରୟାସର ଏକ ଅଂଶ। ଯାହା ୨୦୨୫ ଶେଷରେ ୬.୮ ପ୍ରତିଶତ ଥିଲା। ଅସ୍ଥାୟୀ ପ୍ରବାସୀଙ୍କୁ ସ୍ଥାୟୀ ବାସିନ୍ଦାରେ ପରିଣତ କରିବା ଏହି ଉଦ୍ଦେଶ୍ୟର ଲକ୍ଷ୍ୟ ଥିବା କୁହାଯାଉଛି। ଡିଆବ୍ କହିଛନ୍ତି, ଯଦି ଆପଣ କାନାଡାରେ ଅସ୍ଥାୟୀ ସ୍ଥିତିରେ ଅଛନ୍ତି, ତାହା ପରିଦର୍ଶକ, ଛାତ୍ର କିମ୍ବା କର୍ମଚାରୀ ଭିସା ହେଉ, ଯେକୌଣସି କାରଣରୁ ଆପଣ ସମୟ ସୀମା ଅତିକ୍ରମ କରିବାକୁ ଚାହୁଁଛନ୍ତି, ତେବେ ସୀମା ବୃଦ୍ଧି ପାଇଁ ଆବେଦନ କରନ୍ତୁ। ଯଦି ଆପଣ ଏକ ସମୟ ସୀମା ବୃଦ୍ଧି ପାଇଁ ଆବେଦନ କରିବେ ନାହିଁ, ତେବେ ଆମେ ଆଶା କରୁଛୁ, ଆପଣ ଆପଣଙ୍କର ପ୍ରତିବଦ୍ଧତାକୁ ସମ୍ମାନ କରିବେ ଏବଂ ନିଜ ଦେଶକୁ ଫେରିଯିବେ।

କାନାଡା ସରକାରଙ୍କ ବିଲ୍ ସି-୧୨ ବର୍ତ୍ତମାନ ଆଲୋଚନାର ବିଷୟ ପାଲଟିଛି। ଏହା ପ୍ରବାସନ ଅଧିକାରୀମାନଙ୍କୁ ଜନସ୍ୱାର୍ଥ ପାଇଁ ଡକ୍ୟୁମେଣ୍ଟ ଏବଂ ଆବେଦନଗୁଡ଼ିକୁ ବାତିଲ କିମ୍ବା ସ୍ଥଗିତ କରିବାର କ୍ଷମତା ଦେବ। ଡିଆବ୍ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ ହେଉଛି ଅସ୍ଥାୟୀ ବାସିନ୍ଦାଙ୍କ ସଂଖ୍ୟା ହ୍ରାସ କରିବା, ସ୍ଥାୟୀ ବାସିନ୍ଦା ପ୍ରବେଶକୁ ସ୍ଥିର କରିବା ଏବଂ ଏକ ଅନ୍ତର୍ଜାତୀୟ ପ୍ରତିଭା ଆକର୍ଷଣ ରଣନୀତି କାର୍ଯ୍ୟକାରୀ କରିବା।

କାନାଡାକୁ ଶ୍ରମିକ ଆବଶ୍ୟକତା ଏବଂ ଶ୍ରମିକ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପଡିବ। ଶହ ଶହ ଶିଳ୍ପ ଏବଂ ବ୍ୟବସାୟ ପାଇଁ ବହୁ ସଂଖ୍ୟକ କର୍ମଚାରୀ ଆବଶ୍ୟକ। ଅନେକ କ୍ଷେତ୍ରରେ, ଚାକିରି ପୂରଣ କରିବା ପାଇଁ ପର୍ଯ୍ୟାପ୍ତ କାନାଡିଆନ ନାହାନ୍ତି। ତେଣୁ, ଆମକୁ ଏକ ସନ୍ତୁଳନ ରକ୍ଷା କରିବାକୁ ପଡିବ ଏବଂ ଦକ୍ଷ ବିଦେଶୀ ଶ୍ରମିକ ଆଣିବା ପାଇଁ କାମ କରିବାକୁ ପଡିବ ବୋଲି ଡିଆବ କହିଛନ୍ତି।

# ବାହାରିନ ସ୍ଥିତ ଆମେରିକୀୟ ନୌସେନା ଘାଟି ଉଡାଇଲା ଇରାନ୍

ମାନମା: ବାହାରିନ ରାଜଧାନୀ ମାନମାର ଜୁଫୈର ଅଞ୍ଚଳରେ ଥିବା ଆମେରିକା ନୌସେନାର ପଞ୍ଚମ ନୌବାହିନୀ ମୁଖ୍ୟାଳୟ ଉପରେ ରବିବାର ବଡ଼ ଧରଣର ଆକ୍ରମଣ ହୋଇଛି। କୁହାଯାଉଛି ମିଜାଇଲ ଓ ଡ୍ରୋନରେ କରାଯାଇଥିବା ଆକ୍ରମଣରେ ୨୧ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଛି। ଆକ୍ରମଣ ପରେ ଅଞ୍ଚଳରେ ଭୀଷଣ ବିନାଶ ଓ ନିଆଁ ଲାଗିଯାଇଥିବାର ଛବି ସାମ୍ନାକୁ ଆସୁଛି। ଏହି ଆକ୍ରମଣ ନା କେବଳ ଅଞ୍ଚଳର ସୁରକ୍ଷାକୁ ନେଇ ଚିନ୍ତା ବଢାଇଛି ବରଂ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧକୁ ଆହୁରି ଭୀଷଣ କରିଛି।

ରିପୋର୍ଟ ଅନୁସାରେ ଏହି ଆକ୍ରମଣ ବାହାରିନରେ ଥିବା ନୌସେନା ସହାୟତା କେନ୍ଦ୍ରକୁ ଟାର୍ଗେଟ କରି କରାଯାଇଥିଲା। ଏଥି ପାଇଁ ଇରାନ ବାଲିଷ୍ଟିକ ମିଜାଇଲ ସମେତ ଶାହେଦ-୧୩୬ ଡ୍ରୋନ ଉପଯୋଗ କରିଛି। ଏହି ଆକ୍ରମଣରେ ସାମରିକ ଘାଟିର ଗୁରୁତ୍ୱପୂର୍ଣ୍ଣ ଅଂଶ କ୍ଷତିଗ୍ରସ୍ତ ହୋଇଛି। କୁହାଯାଉଛି ମିଜାଇ ଆକ୍ରମଣରେ ରାଡାର ସିଷ୍ଟମ, ସେବା ଭବନ ଓ ଉପଗ୍ରହ ସଞ୍ଚାର ସମ୍ପର୍କିତ କିଛି ଭିତ୍ତିଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଉପଗ୍ରହରୁ ମିଳୁଥିବା ଛବିରେ ଆକ୍ରମଣ ପରେ ଆକାଶକୁ ଉଠୁଥିବା ଘନ କଳା ଧୂଆଁ ଦେଖା ଯାଉଛି। ଏଥିରେ ନୌସେନା ଘାଟିର ଅନେକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି ଓ କେତେକ ସ୍ଥାନରେ ନିଆଁ ଲାଗିଯାଇଛି।

ସୂତ୍ର ଅନୁସାରେ ୨୮ ଫେବୃଆରୀ ୨୦୨୬ରେ ମଧ୍ୟ ଏହି ସାମରିକ ଘାଟିକୁ ଟାର୍ଗେଟ କରାଯାଇଥିଲା। ସେତେବେଳେ ଇରାନର ଇସ୍ଲାମିକ ରିଭଲ୍ୟୁସନାରୀ ଗାର୍ଡ କୋର( ଆଇଆରଜିସି) ର ସମନ୍ୱିତ କାର୍ଯ୍ୟାନୁଷ୍ଠାନରେ ମିଜାଇଲ ଓ ଡ୍ରୋନ ଉପଯୋଗ କରିଥିଲା। ଏହି ଆକ୍ରମଣରେ ୩ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଥିବା ଓ କେତେକ ଆହତ ହୋଇଥିବାର ଖବର ସାମ୍ନାକୁ ଆସିଥିଲା। ତେବେ ରବିବାରର ଆକ୍ରମଣ ପରେ ମୃତ୍ୟୁ ସଂଖ୍ୟା ୨୧ ବୋଲି କୁହାଯାଇଛି। ଏଥିରୁ ଜଣାପଡୁଛି ପରିସ୍ଥିତି ଲଗାତାର ଗୁରୁତର ହେବାରେ ଲାଗିଛି।

ଇରାନ ଏହି କାର୍ଯ୍ୟାନୁଷ୍ଠାନକୁ ଆମେରିକା ଓ ଇସ୍ରାଏଲର ମିଳିତ ଅଭିଯାନ ଜବାବ ଭାବେ ଦେଖୁଛି। ଏହି କାର୍ଯ୍ୟାନୁଷ୍ଠାନକୁ 'ଅପରେସନ ଏପିକ୍ ଫ୍ୟୁରୀ'ର ଜବାବୀ କାର୍ଯ୍ୟାନୁଷ୍ଠାନ ବୋଲି ଇରାନୀ ଅଧିକାରୀ କହିଛନ୍ତି। କୁହାଯାଉଛି ଏହି ମିଳିତ ଅଭିଯାନରେ ଇରାନର ଅନେକ ସୈନ୍ୟ କମାଣ୍ଡରଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ତିନି ପକ୍ଷଙ୍କ ମଧ୍ୟରେ ଉତ୍ତେଜନା ଲଗାତାର ବଢିବଢି ଚାଲିଛି। ଏଥିରେ ନିକଟରେ ଆମେରିକୀୟ ସବମେରିନ ଏକ ଇରାନୀ ଯୁଦ୍ଧପୋତକୁ ହୀନ୍ଦ ମହାସାଗରରେ ବୁଡେଇଦେବା ଉତ୍ତେଜନାକୁ ଅଧିକ ବଢେଇ ଦେଇଥିଲା।

ବାହାରିନସ୍ଥିତ ଆମେରିକା ନୌସେନାର ପଞ୍ଚମ ବାହିନୀକୁ ରଣନୈତିକ ରୂପେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଏ। ଏହା ପାରସ୍ୟ ଉପସାଗର, ଲୋହିତ ସାଗର ଓ ଆରବ ସାଗରର ବିଶାଳ ସାମୁଦ୍ରିକ କ୍ଷେତ୍ର ଉପରେ ନଜର ରଖିବା ଓ ସୁରକ୍ଷା କାମ ତୁଲାଉଥିଲା। ଆମେରିକୀୟ ନୌବାହିନୀର ଏହି ସାମରିକ ଘାଟି ୨୫ଲକ୍ଷ ବର୍ଗ ମାଇଲ ସାମୁଦ୍ରିକ କ୍ଷେତ୍ର ଉପରେ ନଜର ରଖୁଥିଲା ଓ ଅନ୍ତର୍ଜାତୀୟ ବାଣିଜ୍ୟ ନିମନ୍ତେ ହର୍ମୁଜ ପ୍ରଣାଳୀର ସୁରକ୍ଷାରେ ମଧ୍ୟ ବଡ଼ ଭୂମିକା ନିର୍ବାହ କରୁଥିଲା। ଏହି ପଞ୍ଚମ ନୌବାହିନୀରେ ପାଖାପାଖି ୨୫ ହଜାରରୁ ଅଧିକ ନୌସୈନିକ ନିୟୋଜିତ ଅଛନ୍ତି ଓ ଏମାନେ ବିଭିନ୍ନ ଦେଶଙ୍କ ସାମୁଦ୍ରିକ ବଳଙ୍କ ସହ ମିଶି କାମ କରନ୍ତି।

ବାହାରିନରେ ହୋଇଥିବା ଏହି ତାଜା ଆକ୍ରମଣ ପରେ ସାରା ବିଶ୍ୱର ନଜର ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ପଡିଛି। ଯଦି ଉତ୍ତେଜନା ଏହିପରି ବଢି ଚାଲେ ଏହା ବଡ଼ଧରଣର ଯୁଦ୍ଧରେ ପରିଣତ ହୋଇପାରେ ବୋଲି ବିଶେଷଜ୍ଞ ଚିନ୍ତା ବ୍ୟକ୍ତ କରିଛନ୍ତି। ଇରାନର ଏହି କାର୍ଯ୍ୟାନୁଷ୍ଠାନ ବୈଶ୍ୱିକ ଇନ୍ଧନ ଯୋଗାଣ ଓ ସାମୁଦ୍ରିକ ବାଣିଜ୍ୟକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ବିସ୍ତୃତ ଅଞ୍ଚଳକୁ ଇନ୍ଧନ ପହଞ୍ଚି ଥାଏ। ତେବେ ଇରାନର ଧମକ ପରେ ଏହି ଜଳମାର୍ଗରେ ଯାତାୟାତ ଠପ ହୋଇଯାଇଛି।

# ଟି -୨୦ ବିଶ୍ୱକପ୍ ମହାଲଢେଇ

# ତୃତୀୟ ଟାଇଟଲ : ହୃଦୟ ଜିତିଲେ ସୂର୍ଯ୍ୟସେନା

## ବୁମରା ମ୍ୟାଚ ଶ୍ରେଷ୍ଠ, ସାମସନ ବିଶ୍ୱକପର ଶ୍ରେଷ୍ଠ ଖେଳାଳି



ଅହମ୍ମଦାବାଦ, ୮।୩ (ଏଜେନ୍ସି) : ଟି -୨୦ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଦଳ ସୁପର ଶୋ' ଦେଖାଇଛି। ଅଭିଶେକ ଶର୍ମା, ସଞ୍ଜୁ ସାମସନ୍, ଇଶାନ କିସାନ ତଥା ଶେଷ ଭାଗରେ ଶିବମ୍ ଦୁବେ ନ୍ୟୁଜିଲାଣ୍ଡ ବୋଲରଙ୍କୁ ଧୁଲେଇ କରି ଦଳୀୟ ସ୍କୋରକୁ ୨୫୫ ରନରେ ପହଞ୍ଚାଇଥିଲେ। ଫାଇନାଲରେ ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ବିଶାଳ ସ୍କୋର ଚାପରେ ଚାପି ହୋଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ମହାଲଢେଇରେ ଭାରତ ପକ୍ଷରୁ ସଞ୍ଜୁ ସାମସନ୍ ସର୍ବାଧିକ ୮୯ ରନ କରିଥିବା ବେଳେ ଅଭିଶେକ ଶର୍ମା ୫୨, ଇଶାନ କିସାନ ୫୪ ଓ ଶିବମ୍ ଦୁବେ ୨୬ ରନ କରିଥିଲେ। ତେଣୁ ଭାରତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୫୫ ରନ କରିଥିଲା। ଏହାର ଜବାବ୍‌ରେ ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୫୯ ରନ୍ କରି ଟ୍ରଫି ହାତଛଡା କରିଛି। ଭାରତ ତୃତୀୟ ଥର ପାଇଁ ଟି -୨୦ ବିଶ୍ୱକପ୍ ଟୋକି ଧରିଛି। ପୂର୍ବରୁ ମହେନ୍ଦ୍ର ସିଂ ଧୋନୀ ୨୦୦୭, ରୋହିତ ଶର୍ମା ୨୦୨୪ ଙ୍କ ପରେ ସୂର୍ଯ୍ୟକୁମାର ଯାଦବ ଚଳିତ ବିଶ୍ୱକପ୍ ଟ୍ରଫି ଜିତି ଇତିହାସ ରଚିଛନ୍ତି। ୧୫ ରନ ଦେଇ ୪ ୱିକେଟ ଅକ୍ତିଆର କରିଥିବା ଯଶପ୍ରୀତ ବୁମରାଙ୍କୁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିବା ବେଳେ ବିଶ୍ୱକପରେ ୩୨୧ ରନ ସଂଗ୍ରହ କରିଥିବା ସଞ୍ଜୁ ସାମସନଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍ ବିବେଚିତ କରାଯାଇଥିଲା।

ଫାଇନାଲରେ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଟସ୍ ହାରିବା ପରେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲେ। ଅନ୍ୟପଟେ ନ୍ୟୁଜିଲାଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଆରମ୍ଭରୁ ଭାରତ ଆକ୍ରାମକ ଖେଳିଥିଲା। ଅଭିଶେକ ଶର୍ମା ଧୂଆଁଧାର ବ୍ୟାଟିଂ କରିଥିଲେ। ସେ ମାତ୍ର ୨୧ ବଲରେ ୫୨ ରନର ଇନିଂସ ଖେଳିଥିଲେ। ବିଶ୍ୱକପ୍‌ରେ ଭାରତୀୟ ଦଳର ସଂକଟମୋଚକ ସାଜିଥିବା ସଞ୍ଜୁ ସାମସନ୍ ନିର୍ଦ୍ଧୁମ ପ୍ରହାର କରି ୮୯ ରନର ଇନିଂସ ଖେଳିଥିଲେ। ଭାରତୀୟ ଇନିଂସର ଚତୁର୍ଥ ଓଭରରେ ଲକି ଫର୍ଗୁସନ୍ ୨୪ ରନ ଦେଇଥିଲେ। ଫଳରେ ଭାରତ ଚତୁର୍ଥ ଓଭରରେ ହିଁ ୫୦ ରନ ଅତିକ୍ରମ କରିଯାଇଥିଲା। ଅଭିଶେକ ଶର୍ମା ମାତ୍ର ୧୮ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ।ଭାରତ ୬ ଓଭରରେ ୯୨ ରନ ସଂଗ୍ରହ କରିଥିଲା। ଅଷ୍ଟମ ଓଭରରେ ଅଭିଶେକ ଶର୍ମା ରଚିନ ରବିନ୍ଦ୍ରଙ୍କ ବଲରେ ଆଉଟ୍ ହେବା ପରେ ଟିମ୍ ଇଣ୍ଡିଆର ପ୍ରଥମ ୱିକେଟ୍ ଝଡିଥିଲା। ୮ ଓଭରରେ ଦଳୀୟ ସ୍କୋର ୧୦୦ ରନ ଅତିକ୍ରମ କରିଥିଲା। ସଞ୍ଜୁ ୧୧ତମ ଓଭରରେ ୫୦ ରନ ପୂରଣ କରିଥିଲେ। ସେ ୩୩ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ଚଳିତ ବିଶ୍ୱକପରେ ଏହା ସଞ୍ଜୁଙ୍କ କ୍ରମାଗତ ତୃତୀୟ ଅର୍ଦ୍ଧଶତକ। ଅଭିଶେକଙ୍କ ୱିକେଟ ପତନ ପରେ ପଡିଆକୁ ଆସିଥିବା ଇଶାନ କିସାନ ବି ଛକା ଚୌକା ବର୍ଷା କରିଥିଲେ। ଫଳରେ ଟିମ୍ ଇଣ୍ଡିଆ ୧୫ତମ ଓଭରରେ ୨୦୦ ରନ ଅତିକ୍ରମ କରିଥିଲା।ଇଶାନ ମଧ୍ୟ ୨୩ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ। ସଞ୍ଜୁ ୪୬ ବଲରେ ୮୯ ରନ କରି ଆଉଟ୍ ହେବାରୁ ଭାରତର ଦ୍ୱିତୀୟ ୱିକେଟ୍ ଝଡିଥିଲା।ଜେମ୍ସ ନେଶାମ ଟିମ୍ ଇଣ୍ଡିଆର ରନ ଗତିରେ ବ୍ରେକ୍ ଲଗାଇଥିଲେ। ତାଙ୍କ ଓଭରରେ ୩ ଟି ୱିକେଟ ଝଡିଥିଲା। ସେ ସଞ୍ଜୁ ସାମସନ୍‌ଙ୍କ ସମେତ ଇଶାନ କିସାନ ଓ ସୂର୍ଯ୍ୟକୁମାର ଯାଦବଙ୍କ ୱିକେଟ ଅକ୍ତିଆର କରିଥିଲେ। ଇଶାନ ୫୪ ରନ କରି ଆଉଟ୍ ହୋଇଥିଲେ। ସୂର୍ଯ୍ୟ କୁମାର ଖାତା ଖୋଲିପାରିନଥିଲେ।

ଏହା ପରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଲକ ବର୍ମା ରନ ଗତି ବଢାଇବା ପାଇଁ ଚେଷ୍ଟା କରିଥିଲେ। ହାର୍ଦ୍ଦିକ ୧୩ ବଲରେ ୧୮ ରନ କରିଥିଲେ। ଶିବମ୍ ଦୁବେ ଶେଷ ଓଭରରେ ଜେମ୍ସ ନେଶାମଙ୍କୁ ପ୍ରହାର କରି ୨୪ ରନ ସଂଗ୍ରହ କରିଥିଲେ। ଦୁବେ ମାତ୍ର ୮ ବଲରେ ୨୬ ରନର ଯୋଗଦାନ ଦେଇଥିଲେ। ଫଳରେ ଭାରତ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୫୬ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରିବାରେ ସଫଳ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନେଶାମ ସର୍ବାଧିକ ୩ ୱିକେଟ ନେଇଥିବା ବେଳେ ମ୍ୟାଟ ହେନରି ଓ ରଚିନ ରବିନ୍ଦ୍ରଙ୍କୁ ଗୋଟିଏ ଲେଖାଏଁ ୱିକେଟ ସଫଳତା ମିଳିଥିଲା।

୨୫୬ ରନର ବିଜୟ ଲକ୍ଷ୍ୟ ନ୍ୟୁଜିଲାଣ୍ଡ ପାଇଁ ଆରମ୍ଭରୁ ସହଜ ନଥିଲା। ଫାଇନାଲରେ ଏତେ ବଡ ସ୍କୋରକୁ ଅତିକ୍ରମ କରିବାକୁ ଯାଇ ନ୍ୟୁଜିଲାଣ୍ଡ ୩୧ ରନରେ ପ୍ରଥମ ୱିକେଟ ହରାଇଥିଲା। ଫିନଆଲିନ୍ ୯ ରନ କରି ଅକ୍ଷର ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ରଚିନ ରବିନ୍ଦ୍ର ୧ ରନ କରି ଯଶପ୍ରୀତ ବୁମରାଙ୍କ ବଲରେ ତଥା ଗ୍ଲେନ୍ ଫିଲିପ୍ସ ୫ ରନ କରି ଅକ୍ଷର ପଟେଲଙ୍କ ବଲରେ ବୋଲ୍ଡ ହୋଇଥିଲେ। ତେଣୁ ୪୭ ରନରେ ୩ ୱିକେଟ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା ନ୍ୟୁଜିଲାଣ୍ଡ । ଏହା ସତ୍ତ୍ୱେ ଭଲ ଫର୍ମରେ ଥିବା ଟିମ ସେଫର୍ଟ ୫ ଟି ଛକା ଓ ଦୁଇଟି ଚୌକା ସହାୟତାରେ ୨୬ ବଲରୁ ୫୨ ରନ କରି ଦଳ ବିଜୟରେ ଆଶା ଭରିଥିଲେ। ତାଙ୍କ ଏହି ଲଢେଇ ଦଳକୁ ସଂକଟ ସ୍ଥିତିରୁ ଉଦ୍ଧାର କରିବାକୁ ଯଥେଷ୍ଟ ହୋଇନଥିଲା। ମଧ୍ୟମକ୍ରମର ବିଫଳତା ତଥା ବିଶାଳ ରନ ଚାପରୁ ନ୍ୟୁଜିଲାଣ୍ଡ ବ୍ୟାଟର ମୁକୁଳିପାରିନଥିଲେ। ପର୍ଯ୍ୟାୟକ୍ରମେ ନ୍ୟୁଜିଲାଣ୍ଡ ୱିକେଟ୍ ହରାଇ ନିଶ୍ଚିତ ପରାଜୟ ଆଡେ ଅଗ୍ରସର ହୋଇଥିଲା। ଅକ୍ଷର ପଟେଲ ୩ଟି ଓ ଯଶପ୍ରୀତ ବୁମରା ୪ ଟି ୱିକେଟ୍ ଅକ୍ତିଆର କରି ନ୍ୟୁଜିଲାଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଓପନର ଅଭିଶେକ ଶର୍ମା ୧୯ତମ ଓଭର ବୋଲିଂ କରି ଶେଷ ୱିକେଟ ଭାବେ ଯାକବ ଡ୍ରଫିଙ୍କୁ ଆଉଟ୍ କରି ନ୍ୟୁଜିଲାଣ୍ଡର ଇନିଂସର ଯବନିକା ଟାଣିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ମିଳିଥିଲା। ନ୍ୟୁଜିଲାଣ୍ଡ ୧୯ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ଏଥିସହ ଦଳ ୯୬ ରନର ବିଶାଳ ବ୍ୟବଧାନରେ ପରାଜିତ ହୋଇ ଟ୍ରଫି ଜିତିବାର ଆଶା ହରାଇଛି। ପୁଣି ଥରେ ନ୍ୟୁଜିଲାଣ୍ଡ ପାଇଁ ଭାଗ୍ୟଦେବୀ ପ୍ରସନ୍ନ ହୋଇନାହାଁନ୍ତି। ହାତ ପାହାନ୍ତାରେ ଟ୍ରଫି ତୋଳି ଧରିବାର ସୁଯୋଗ ହରାଇ ନ୍ୟୁଜିଲାଣ୍ଡ ନିଜକୁ ଅନଲକି ସାବ୍ୟସ୍ତ କରିଛି।

## ଭାରତର ବିଜୟ ପାଇଁ ଦେଶବ୍ୟାପୀ ପୂଜାର୍ଚ୍ଚନା

ନୂଆଦିଲ୍ଲୀ, ୮।୩ (ଏଜେନ୍ସି) : ଟି -୨୦ ବିଶ୍ୱକପ୍ ଫାଇନାଲ ଅହମ୍ମଦାବାଦରେ ଖେଳାଯାଇଛି। ଏହି ମହାଲଢେଇ ପାଇଁ ସମଗ୍ର ବିଶ୍ୱ କ୍ରିକେଟ ପ୍ରେମୀଙ୍କ ମନରେ ଉତ୍ସାହ ଭରିଯାଇଥିଲା। ଭାରତରେ ଆଉଟିକେ ଅଧିକ ଉତ୍ସାହିତ ଯୁବପୀଢି। ଦେଶବ୍ୟାପି ଟିମ୍ ଇଣ୍ଡିଆର ବିଜୟ ପାଇଁ ପ୍ରାର୍ଥନା କରାଯାଇଛି। ଅନେକ ଖେଳାଳି ଆଶୀର୍ବାଦ ପାଇଁ ମନ୍ଦିର ମଧ୍ୟ ପରିଦର୍ଶନ କରିଛନ୍ତି। ମଧ୍ୟପ୍ରଦେଶରେ ମହାକାଳେଶ୍ୱର ମନ୍ଦିରରେ ଭାରତୀୟ ଦଳର ବିଜୟ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାର୍ଥନା ସମୟରେ ଭାରତୀୟ ଖେଳାଳିଙ୍କ ଫଟୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରାର୍ଥନାରେ ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଅନେକ ଭିଡିଓରେ ଅଧିନାୟକ ସୂର୍ଯ୍ୟକୁମାର, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସମେତ ଟିମ୍ ଇଣ୍ଡିଆର ଅନେକ ଖେଳାଳି ଆଶିର୍ବାଦ ପାଇଁ ଅହମ୍ମଦାବାଦର ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ।

## ୧୭ ବର୍ଷର ରେକର୍ଡ ଭାଙ୍ଗିଲେ ସଞ୍ଜୁ -ଅଭିଶେକ

ଅହମ୍ମଦାବାଦ, ୮।୩(ଏଜେନ୍ସି) : ଅହମ୍ମଦାବାଦର ନରେନ୍ଦ୍ରମୋଦୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଭାରତ -ନ୍ୟୁଜିଲାଣ୍ଡ ମହାଲଢେଇ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଓପନର ଅଭିଶେକ ଶର୍ମା ଓ ସଞ୍ଜୁ ସାମସନଙ୍କ ଯୋଡି ଦଳକୁ ବିସ୍ଫୋରକ ଆରମ୍ଭ ଦେଇ ୧୭ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ପ୍ରଥମ ୱିକେଟ ପାଇଁ ୯୮ ରନର ପାର୍ଟନରସିପ୍ ହୋଇଛି। ଟି -୨୦ ବିଶ୍ୱକପ୍ ଫାଇନାଲରେ ପ୍ରଥମ ଥର ଓପନିଂ ଯୋଡି ପାର୍ଟନରସିପ୍ ୫୦ ରନ ଟପିଛି। ୨୦୦୯ରେ ଲର୍ଡ୍ସରେ ଅନୁଷ୍ଠିତ ଶ୍ରୀଲଙ୍କା -ପାକିସ୍ତାନ ଫାଇନାଲ ମ୍ୟାଚରେ ଓପନିଂ ପାର୍ଟନରସିପ୍ ୪୮ ରନ ହୋଇଥିଲା। ପାକିସ୍ତାନର କମ୍ରାନ ଆକମଲ ଓ ଶେହଜିବ୍ ହାସନଙ୍କ ମଧ୍ୟରେ ଏହି ପାର୍ଟନରସିପ୍ ହୋଇଥିଲା। ଚଳିତ ବିଶ୍ୱକପରେ ଅଭିଶେକ ଶର୍ମା ଆତ୍ମବିଶ୍ୱସ ହରାଇ ଇନିଂସ ଖେଳିପାରିନାହାଁନ୍ତି। କିନ୍ତୁ ଫାଇନାଲରେ ସାମସନଙ୍କ ସହ ତାଙ୍କ ଯୋଡି ଜମିଥିଲା। ପାୱାର ପ୍ଲେ ମଧ୍ୟରେ ଦୁହେଁ ୯୨ ରନ ସଂଗ୍ରହ କରିଥିଲେ। ଅଭିଶେକ ୧୮ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୫୨ ରନ ସ୍କୋରରେ ଆଉଟ୍ ହୋଇଥିଲେ। ଭାରତ ଦୁଇଥର ଟି -୨୦ ବିଶ୍ୱକପ୍ ଟାଇଟଲ ଜିତିସାରିଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ପ୍ରଥମ ସଂସ୍କରଣ ଜିତିଥିଲା। ପୁଣି ୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଟ୍ରଫି ତୋଳି ଧରିଥିଲା।

## ବିଶ୍ୱକପ୍ ଟ୍ରଫି ସହ ଧୋନୀ, ରୋହିତ

ଅହମ୍ମଦାବାଦ, ୮।୩(ଏଜେନ୍ସି) : ନରେନ୍ଦ୍ରମୋଦୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଟି -୨୦ ବିଶ୍ୱକପ୍ ଫାଇନାଲ ଖେଳାଯାଇଛି। ଏହାପୂର୍ବରୁ ବିଶ୍ୱକପ୍ ଟ୍ରଫି ସହ ମଞ୍ଚରେ ନଜର ଆସିଥିଲେ ଭାରତୀୟ ଦଳର ଦୁଇ ପୂର୍ବତନ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ରୋହିତ ଶର୍ମା। ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସହ ଧୋନୀ ଓ ରୋହିତ ଟ୍ରଫି ସହ ପଡିଆରେ ଫଟୋ ପୋଜ୍ ଦେଉଥିବା ବେଳେ ଉପସ୍ଥିତ ଲକ୍ଷାଧିକ ଦର୍ଶକଙ୍କ ଅଭିବାଦନ ଗ୍ରହଣ କରିଥିଲେ। ୨୦୦୭ ପ୍ରଥମ ସଂସ୍କରଣ ବିଜେତା ଦଳର ଅଧିନାୟକ ଥିଲେ ମହେନ୍ଦ୍ର ସିଂ ଧୋନୀ। ସେହିଭଳି ୨୦୨୪ ସଂସ୍କରଣରେ ଭାରତ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟ୍ରଫି ଜିତିଥିଲା। ମ୍ୟାଚ ପୂର୍ବରୁ ଧୋନୀ ଓ ରୋହିତ ମିଳିତ ଭାବେ ବିଶ୍ୱକପ୍ ଟ୍ରଫିକୁ ହାତରେ ଧରି ପଡିଆ ମଧ୍ୟ ଭାଗକୁ ଆସିଥିଲେ। ଏହାପରେ ରାଷ୍ଟ୍ରୀୟ ସଂଗୀତ ଗାନ ହୋଇଥିଲା ଓ ମ୍ୟାଚ ଆରମ୍ଭ ହୋଇଥିଲା।

## ୨୦ ବର୍ଷ ପରେ ଟେଷ୍ଟ ହାରିଲା ଭାରତ

ନୂଆଦିଲ୍ଲୀ, ୮।୩ (ଏଜେନ୍ସି) : ଭାରତୀୟ ମହିଳା କ୍ରିକେଟ ଦଳ ୨୦ ବର୍ଷ ପରେ ଟେଷ୍ଟ କ୍ରିକେଟରେ ଶୋଚନୀୟ ଭାବେ ହାରିଛି। ଅଷ୍ଟ୍ରେଲିଆ ୧୦ ୱିକେଟରେ ଭାରତକୁ ସହଜରେ ପରାଜିତ କରିଛି। ଏହା ଏଲିସା ହେନିଙ୍କ କ୍ୟାରିୟରେ ଶେଷ ମ୍ୟାଚ ଥିଲା। ୨୦ ବର୍ଷ ମଧ୍ୟରେ ଭାରତ ୯ ଟି ଟେଷ୍ଟ ମ୍ୟାଚ ଖେଳିଛି। ଏଥିରୁ ୬ ଟି ଜିତିଥିବା ବେଳେ ୩ ଟି ମ୍ୟାଚ ଡ୍ର ରହିଛି। ୧୮ ଫେବୃଆରୀ ୨୦୦୬ରେ ଆଡିଲେଟ୍‌ରେ ଅଷ୍ଟ୍ରେଲିଆ ନିକଟରୁ ଭାରତ ପରାଜିତ ହୋଇଥିଲା। ଏହି ମ୍ୟାଚରେ ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୧୯୮ ରନରେ ଅଲଆଉଟ ହୋଇଯାଇଥିଲା। ଜବାବ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂରେ ୩୨୩ ରନ୍ ସଂଗ୍ରହ କରିଥିଲା। ଭାରତ ଦ୍ୱିତୀୟ ଇନିଂସରେ ୧୪୯ ରନ କରିବାରୁ ଅଷ୍ଟ୍ରେଲିଆ ସମ୍ମୁଖରେ ୨୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜର୍ଜିଆ ୱାଲ ୧୬ ରନ୍ ଓ ଫୋବି ଲିଚଫିଲ୍ଡ ୧୧ ରନ କରି ମ୍ୟାଚ ଜିତାଇଥିଲେ।

## ଏମଏସ କୋଟିଙ୍ଗ କ୍ରିକେଟ କ୍ଲବର ନାଇଟ ମ୍ୟାଚ ଉଦଘାଟିତ

ଝଙ୍କଡ଼,୮।୩(ସବ୍ୟ): ବାଣୀକ୍ଷେତ୍ର ଝଙ୍କଡ଼ ସାରଳା ପୀଠ କନକପୁର, ସ୍ଥିତ ବସନ୍ତବଗିଚା ଖେଳପଡିଆରେ ରବିବାର ସନ୍ଧ୍ୟାରେ, ସାରଳାକ୍ଲବ ଆନୁକୂଲ୍ୟରେ, ଏମ ଏସ କୋଟିଙ୍ଗ କ୍ରିକେଟ କ୍ଲବ ର ତୃତୀୟବାର୍ଷିକ ନାଇଟ ମ୍ୟାଚ ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ, ରାଜ୍ୟ ଜଳସମ୍ପଦ ବିଭାଗ ର ସର୍ବୋଚ୍ଚଯନ୍ତ୍ରୀ ଇଂ ଭକ୍ତରଞ୍ଜନ ମହାନ୍ତି ଯୋଗଦେଇ, କ୍ରିକେଟଖେଳ ମାଧ୍ୟମରେ ଉତ୍ତମସ୍ୱାସ୍ଥ୍ୟଲାଭ ସହିତ ଟିମୱାର୍କ, ଉତ୍ସାହ, ଉଦ୍ଦୀପନା ପାଇଁ ପ୍ରେରଣା ଯୋଗାଇ ଆସିଛି ବୋଲି ମତବ୍ୟକ୍ତ କରିବାସହିତ ଏହି ମ୍ୟାଚ ରେ ଅଂଶ ଗ୍ରହଣ କରୁଥିବା ସମସ୍ତ କ୍ରିକେଟଟିମ ର ଖେଳାଳିମାନଙ୍କୁ ମଧ୍ୟ ଉତ୍ସାହିତ କରିଥିଲେ। ଆଇନଜୀବୀ ରଞ୍ଜନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ନାରାୟଣପ୍ରସାଦ ଜେନା ଓ ସମ୍ମାନିତ ଅତିଥିଭାବେ ବୀରକିଶୋର ବ୍ରହ୍ମ, ନୃସିଂହ ଚରଣ ରାଉଳ, ରବୀନ୍ଦ୍ର କୁମାର ଦାସ, ପ୍ରଣୟ ମହାନ୍ତି ଓ ସାରଳାସଂସ୍କୃତି ଗବେଷକ ରମାକାନ୍ତ ରାଉଳ ପ୍ରମୁଖ ଯୋଗଦେଇ ଏପରି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟମ୍ୟାଚ ଆମ ରାଜ୍ୟସ୍ତରୀୟ ଭାଇଚାରା କୁ ସୁଦୃଢ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କ୍ରିକେଟିୟର ଦେବୀ ପ୍ରସାଦ ରାଉଳ, ଅରୁଣ ମହାପାତ୍ର, ଅଜୟ ହାତୀ, ରାକେଶ ବ୍ରହ୍ମ, ପ୍ରଣୟ ଲେଙ୍କା, ଅମରେଶ ଲେଙ୍କା ଓ ବରଦା ପ୍ରସାଦ ମହାନ୍ତି ପ୍ରମୁଖଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ନାଇଟ ମ୍ୟାଚରେ ସୁନ୍ଦରପଦା ଭୁବନେଶ୍ୱର, ଷ୍ଟାର ୱାରୀୟସ କେନ୍ଦ୍ରାପଡ଼ା, ମୁନଲାଇଟ କ୍ରିଷ୍ଣାନନ୍ଦପୁର,ଜୋତକାନପୁର ଜଗତସିଂହପୁର, ଡାଇନା ଇଲେଭେନ, ବିବିସିସି ଗରାମ, ହିତିକ ଇଲେଭେନ କଟକ ଓ ପ୍ଲାଟିନମ୍, ଅରିଲୋ ଆଦି ମୋଟ ଆଠଗୋଟି ଟିମ ଏହି ମ୍ୟାଚରେ ଭାଗନେଇ ଥିଲେ। ତେବେ ଏହି ସମସ୍ତ କାର୍ଯ୍ୟକ୍ରମ କୁ ଇଞ୍ଜିନିଅର ସୁମିତ ଦାସ, ରାକେଶବ୍ରହ୍ମ, ଆୟୁଷ୍ମାନ ମହାନ୍ତି, ଆନନ୍ଦ ମହାନ୍ତି, ସନ୍ଦୀପ ବ୍ରହ୍ମ, ଅନିଲ ବାରିକ ବିକାଶ ରାଉଳ, ଶୁଭମ ମହାନ୍ତି ପରିଚାଳନା କରିଥିବାବେଳେ ଖ୍ୟାତନାମା ଉଦଘୋଷକ ପବିତ୍ର ନାୟକ ଧାରବିବରଣୀ ଉପସ୍ଥାପନ କରିଥିଲେ । ପରିଶେଷରେ ସତ୍ୟଭୂଷଣ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ୧୩ ରୁ ଅଲ ଓଡିଶା ମୁକ୍ତେଶ୍ୱର କପ୍ ସିନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୮।୩(ସବ୍ୟ) : ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ଅଲ ଓଡିଶା ସିନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୩ ତାରିଖରୁ ବିଜେଡି କଲେଜ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ବିସିସିଆଇ ମ୍ୟାଚ ରେଫରୀ ତଥା ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର ଏବଂ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଓସିଏର ବରିଷ୍ଠ ଚୟନ କମିଟି ସଦସ୍ୟ ସୁବାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଛି। ୨୨ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟ ଶେଷ ହେବ। ଅଲ ଓଡିଶା ମୁକ୍ତେଶ୍ୱର ସିନିୟର ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଟି ଦଳ ଅଂଶଗ୍ରହଣ କରିଛନ୍ତି। ଗ୍ରୁପ ଏ ରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ, ପାରାମାଉଣ୍ଟ ସ୍ପୋର୍ଟିଂ, ନିମପୁର ସ୍ପୋର୍ଟିଂ ଏବଂ କିଶୋର ସ୍ପୋର୍ଟିଂ। ଗ୍ରୁପ୍ ବି ରେ ରାମେଶ୍ୱର ସ୍ପୋର୍ଟିଂ, ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ, ପ୍ରଗତି ସ୍ପୋର୍ଟିଂ, ଟାଉନ୍ କ୍ଲବ ଏବଂ ପାୟୋନିୟର ପୁରୀ ଅଂଶଗ୍ରହଣ କରିଛନ୍ତି। ୪୦ ଓଭର ଫର୍ମାଟ ସାଙ୍ଗକୁ ନକ୍‌ଆଉଟ୍ ଏବଂ ମ୍ୟାଟ୍ ଉପରେ ଖେଳ ହେବ। ଏଥର ପ୍ରତିଯୋଗିତାରେ ଆକର୍ଷଣୀୟ ପୁରସ୍କାର ରାଶି ରହିଛି। ଚାମ୍ପିଅନ ଦଳକୁ ଟ୍ରଫି ସହିତ ୧ ଲକ୍ଷ ଟଙ୍କା, ରନର୍ସଅପ୍ ଟ୍ରଫି ସହ ୬୦ ହଜାର, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ୧୫ ହଜାର , ଶ୍ରେଷ୍ଠ ବ୍ୟାଟର ୧୨ ହଜାର, ଶ୍ରେଷ୍ଠ ବୋଲର ୧୨ ହଜାର, ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ୧୦ ହଜାର, ଶ୍ରେଷ୍ଠ ୱିକେଟ୍ କିପର ୭ ହଜାର ୫୦୦, ଶ୍ରେଷ୍ଠ ଫିଲ୍ଡର ୭, ୫୦୦, ସେମିଫାଇନାଲର ଶ୍ରେଷ୍ଠ ଖେଳାଳି ୮ ହଜାର, କ୍ୱାଟର ଫାଇନାଲର ଶ୍ରେଷ୍ଠ ଖେଳାଳି ୬ ହଜାର, ପ୍ରି- କ୍ୱାଟର ଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ୪ ହଜାର ପୁରସ୍କାର ରାଶି ପ୍ରଦାନ କରାଯିବ। ୧୩ ତାରିଖ ସକାଳ ୮ ଟାରେ ଉଦ୍‌ଘାଟନ ମ୍ୟାଚ ନିମପୁର ସ୍ପୋର୍ଟିଂ ଓ କିଶୋର ସ୍ପୋର୍ଟିଂ ମଧ୍ୟରେ ଆୟୋଜିତ ହେବ। ରବିବାର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ପ୍ରାଙ୍ଗଣରେ କ୍ଲବର କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚହ୍ୱାନ, ଉପସଭାପତି ସରଣଜିତ ସିଂ,ପ୍ରଦୋଷ ମହାନ୍ତି, ସଞ୍ଜିବ ହନ୍ସ, ଅଜିତ କୁମାର ବିଶ୍ୱାଳ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ଯୁବ ସମ୍ପାଦକ ଆଞ୍ଚୋଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରୟ ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁନିଲ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।



## ପୃଥ୍ୱୀ - ଆକୃତିଙ୍କ ନିର୍ବନ୍ଧ

ନୂଆଦିଲ୍ଲୀ, ୮।୩(ଏଜେନ୍ସି) : ରବିବାର ଟି -୨୦ ବିଶ୍ୱକପ୍ ଫାଇନାଲକୁ ନେଇ ସାରା ଦେଶ ଉତ୍ସବମୁଖର ଥିବା ବେଳେ ଏଭଳି ଦିନରେ ନିର୍ବନ୍ଧ କରିଛନ୍ତି ଭାରତୀୟ ବ୍ୟାଟର ପୃଥ୍ୱୀସ। ସୋସିଆଲ ମିଡିଆରେ କିଛି ଫଟୋ ସେୟାର କରି ପ୍ରଶଂସକଙ୍କୁ ଖୁସି ଖବର ଦେଇଛନ୍ତି। କ୍ୟାପ୍ସନରେ ଲେଖିଛନ୍ତି ମଇଦାନରେ ଛକା ମାରିବାଠାରୁ ଆରମ୍ଭ କରି ପଡିଆ ବାହାରେ ଜୀବନବ୍ୟାପି ସଫଳତା ପର୍ଯ୍ୟନ୍ତ ଏହା ମୋର ସର୍ବୋତ୍ତମ ଇନିଂସ। ପୃଥ୍ୱୀ ଶ ତାଙ୍କ ପ୍ରେମିକା ଆକୃତି ଅଗ୍ରୱାଲଙ୍କୁ ବିବାହ କରିବେ। ଏନେଇ ରବିବାର ଆକୃତିଙ୍କୁ ନିର୍ବନ୍ଧ ମୁଦି ପିନ୍ଧାଇଛନ୍ତି ପୃଥ୍ୱୀ ଶ । କ୍ରିକେଟ୍ ପ୍ରେମୀଙ୍କ ମନରେ ପ୍ରଶ୍ନ ଆସୁଥିବ କିଏ ଏହି ଆକୃତି ଅଗ୍ରୱାଲ। ଆକୃତି ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନସର ଏବଂ ଅଭିନେତ୍ରୀ। ଆକୃତିଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମରେ ପ୍ରାୟ ୩୨ ଲକ୍ଷ ଫଲୋଅର୍ସ ଅଛନ୍ତି। ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ୯୦ ହଜାରରୁ ଅଧିକ ସବ୍ସକ୍ରାଇବର ଅଛନ୍ତି। ଆକୃତିଙ୍କ ନିକଟରେ ତେଲଗୁ ଫିଲ୍ମ ତ୍ରିମୁଖୀରେ ନଜର ଆସିଥିଲେ। ଏହି ଫିଲ୍ମକୁ ଆକୃତିଙ୍କ କ୍ୟାରିୟର ସବୁଠୁ ବଡ ବ୍ରେକ୍ ବୋଲି ବିବେଚନା କରାଯାଇଛି।





ପୃଥ୍ୱୀ ଟିମ୍ ଇଣ୍ଡିଆ ପାଇଁ ୫ ଟି ଟେଷ୍ଟ, ୬ ଟି ଦିନିକିଆ ଏବଂ ଗୋଟିଏ ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ୨୦୧୮ ରୁ ୨୦୨୧ ମଧ୍ୟରେ ୩ ଟି ଫର୍ମାଟରେ ଏହି ମ୍ୟାଚ ଖେଳିଥିଲେ। ସେବେଠାରୁ ସେ ଆଉ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ କରିପାରିନାହାଁନ୍ତି। ପୃଥ୍ୱୀ ଟେଷ୍ଟରେ ୩୩୯ ରନ୍ ଏବଂ ଦିନିକିଆରେ ୧୮୯ ରନ କରିଥିଲେ।


ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ଟିଲୋ କପ୍ : ସେମିରେ ଲାଇଟନିଂ ଲିଜେଣ୍ଡସ୍

ଭୁବନେଶ୍ୱର, ୮।୩(ସବ୍ୟ) : ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଟିଲୋ ହନୁମାନ ଜିୟୁ ଷ୍ଟାଡିୟମରେ ସର୍ବଭାରତୀୟ ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଅନୁଷ୍ଠିତ ମ୍ୟାଚରେ ଜମାଣିଆ ବିଜୟ ସହ ଲାଇଟନିଂ ଲିଜେଣ୍ଡସ୍ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ପୁଲ ଏ ମ୍ୟାଚରେ ହାଇଦ୍ରାବାଦ ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ତେଣୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଲାଇଟନିଂ ଲିଜେଣ୍ଡସ୍ ଅଙ୍କିତ ନରୱାଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୬୨ ରନ କରିଥିଲା। ଅଙ୍କିତ ୪୧ ବଲରୁ ୯୪ ରନର ଇନିଂସ ଖେଳିଥିଲେ। ଜବାବ୍‌ରେ ନେକ୍ସେଜ୍ ହାଇଦ୍ରାବାଦ ୨୦ ଓଭରରେ ୬ ୱିକେଟ୍ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ମ୍ୟାଚରେ ଲାଇଟନିଂ ଲଜେଣ୍ଡସ୍ ୭ ରନ ବ୍ୟବଧାନରେ ବିଜୟ ଲାଭ କରିଛି। ଅମ୍ପାୟାର ରଞ୍ଜନ ମହାନ୍ତି ଏବଂ ସାନ୍ତନୁ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ଅଙ୍କିତ ନରୱାଲଙ୍କୁ ମ୍ୟାଚ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



## ଟିଟିରେ ରାଜ୍ୟ ପାଇଁ ଗୌରବ ଆଣିଲେ ରାକେଶ

ଭୁବନେଶ୍ୱର, ୮।୩(ସବ୍ୟ) : ଭି ଆଇଟି ଭୋପାଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆଦଭିତ୍ୟ ସ୍ପୋର୍ଟ୍ସ ଟେଷ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ରାକେଶ ରଞ୍ଜନ ରାଉତ ପ୍ରତିନିଧିତ୍ୱ କରି ପୁରୁଷ ଟେବୁଲ ଟେନିସ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତା ଗତ ମାସ ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଫାଇନାଲରେ ରାକେଶ ୩-୦ରେ ପଶ୍ଚିମବଙ୍ଗ ପ୍ରତିଯୋଗୀଙ୍କୁ ପରାସ୍ତ କରିଥିଲେ। ଭୋପାଳରୁ ଫେରିବା ପରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ସାକ୍ଷାତ କରିଥିଲେ। କିଟ୍ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଇଛି। ଅଚ୍ୟୁତ ସାର୍, ଗଗନେନ୍ଦୁ ସାର୍ ଓ ରଶ୍ମିତା ମାଡାମ୍‌ଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି। ପ୍ରତିଯୋଗିତା ବହୁତ ସଂଘର୍ଷପୂର୍ଣ୍ଣ ଥିଲା। ବହୁ ର୍ୟାଙ୍କିଙ୍ଗ୍ ଖେଳାଳି ଥିଲେ। ସେମାନଙ୍କୁ ହରାଇ ଚାମ୍ପିଅନ ହୋଇଥିବାରୁ ବହୁତ ଖୁସି ଅଛି ବୋଲି ରାକେଶ କରିଛନ୍ତି।





ସମୟ | ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod | IOS

Download Now:
https://play.google.com/store/app/details/id- com.samayalive.app


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି